ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାର ଜୋରଦାର କରିବା ସହିତ କର୍ମୀ ସମାବେଶ, ସଭା ସମିତି ଓ ମିଶ୍ରଣ ପର୍ବ କରି ମତଦାତାଙ୍କ ବିଶ୍ୱାସ ଭାଜନ ହେବାରେ ଲାଗିଛନ୍ତି। ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦଶନ୍ଧି ଧରି ବିଜେଡିର ଗଡ ଥିବା ନୂଆପଡ଼ାରେ କିନ୍ତୁ ଏବେ ଅନେକ ପରିବର୍ତ୍ତନ ଘଟିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ତାଙ୍କ ପୁଅ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ନୂଆପଡ଼ା ଓ କୋମନା ବ୍ଲକ ସହିତ ନୂଆପଡ଼ା ଓ ଖରିଆର ରୋଡ ଏନ୍‌ଏସି ରହିଛି। ତେବେ ନୂଆପଡ଼ା ବ୍ଲକର ମତଦାତାଙ୍କ ଉପରେ ସବୁବେଳେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ନଜର ରହିଥାଏ। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନୂଆପଡ଼ା ବ୍ଲକରୁ ମଧ୍ୟ ସେ ଅଧିକ ଭୋଟ ପାଇଥିଲେ। ନୂଆପଡା ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ୩ଟି ଜିଲା ପରିଷଦ ଜୋନ ରହିଛି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ବ୍ଲକରୁ ସର୍ବାଧିକ ୨୩ହଜାର ୮୫୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢ଼ିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୨୩ ହଜାର ୪୨୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଯୁବ ନେତା ଅଭିନନ୍ଦନ ପଣ୍ଡା ୨୦ ହଜାର ୩୩୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ମଧ୍ୟ ମାତ୍ର ୬ ହଜାର ୩ଶହ ଭୋଟ ଏହି ବ୍ଲକରୁ ପାଇଥିଲେ। ଶରତ ବଲାଙ୍ଗୀର ଜିଲାର ଅଧିବାସୀ ହୋଇଥିବାରୁ ମତଦାତା ତାଙ୍କୁ ଭରସା କରି ନ ଥିଲେ।

ଗତ ନିର୍ବାଚନରେ ସ୍ଥାନୀୟ ନେତାମାନେ ଯେଉଁ ଦଳରେ ଥିଲେ ଏବେ କିନ୍ତୁ ଅନେକ ଦଳ ପରିବର୍ତ୍ତନ କରିଛନ୍ତି। ତେଣୁ ସାଧାରଣ ମତଦାତା ଦ୍ୱନ୍ଦ୍ୱରେ ଅଛନ୍ତି। ନୂଆପଡ଼ା ବ୍ଲକର ତିନୋଟି ଜିଲା ପରିଷଦ ଜୋନରୁ ଜୋନ ନଂ.୭ରେ ବିଜେଡିର ଉମା ଠାକୁର, ଜୋନ ୮ରେ ବିଜେଡିର ଭାନୁପ୍ରତାପ ସିଂ ମାଝୀ ଏବଂ ଜୋନ ୯ରେ କଂଗ୍ରେସର ଭରତ ଲାଲ ରାଉତ ଜିଲା ପରିଷଦ ସଭ୍ୟ ଅଛନ୍ତି। ଗତ ବିଧାନସଭା ନିର୍ବାଚନରେ ଉମା ଠାକୁର ବିଜେଡି ପାଇଁ କାମ କରୁଥିବାବେଳେ ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ସେହିପରି ଭରତ ଲାଲ ରାଉତ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ବେଳେ ଚଳିତଥର ମଧ୍ୟ ଦଳ ସପକ୍ଷରେ କାମ କରୁଛନ୍ତି। ଭରତ ଲାଲ ଏବେ ଯାଦବ ସମାଜ ଜିଲା ସଭାପତି ଅଛନ୍ତି। ଯାଦବ ଭୋଟକୁ କଂଗ୍ରେସ ସପକ୍ଷରେ ନେବା ପାଇଁ ସେ ଚେଷ୍ଟା କରୁଛନ୍ତି। ମାତ୍ର ଭାନୁ ପ୍ରତାପ ସିଂ ମାଝୀ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ ନ କରି ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ପରୋକ୍ଷ ସମର୍ଥନ କରିଥିଲେ। ତେଣୁ ଦଳ ତାଙ୍କୁ ବହିଷ୍କାର କରିଥିଲା। ଏବେ କିନ୍ତୁ ବିଜେଡି ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ସେ ଦଳକୁ ଫେରିଛନ୍ତି। ତାଙ୍କ ମାଧ୍ୟମରେ ଆଦିବାସୀ ଭୋଟ ହାତେଇବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଭାନୁପ୍ରତାପଙ୍କ ଆଦିବାସୀ ସମାଜ ଉପରେ ବେଶ ପ୍ରଭାବ ଥିବା ବେଳେ ତାଙ୍କୁ ନେଇ ବିଜେଡ଼ି ଅନେକ କିଛି ଆଶା ରଖିଛି। ସେହିପରି ବର୍ତ୍ତମାନ ବ୍ଲକ ଅଧକ୍ଷା ଥିବା ତାରେଶ୍ୱରୀ ସାହୁ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିଲେ। ସେ ରାଜେନ୍ଦ୍ର ଢୋଲକିଆଙ୍କ ଏକାନ୍ତ ଅନୁଗତ ଥିବାରୁ ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡ଼ା ଗସ୍ତ ସମୟରେ ବିଜେଡି ଛାଡ଼ି ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର ମଧ୍ୟ ପୂର୍ବରୁ ବିଜେଡିରେ ଥିବା ବେଳେ ସେ ଏବେ ଭାଜପାରେ ଅଛନ୍ତି। ଏହା ସହିତ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ବିଜେଡିରେ ଥିବା ବେଳେ ଏବେ ଜୟଙ୍କ ପଛେପଛେ ଭାଜପାକୁ ଚାଲିଯାଇଛନ୍ତି। ସେହିପରି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଦେଇଥିବା ଭାନୁପ୍ରତାପ ଓ ବିହାରିଲାଲ ବିଶ୍ୱାଳ ଏବେ କିନ୍ତୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ବିଶିଷ୍ଟ ଆଦିବାସୀ ନେତା ଭକ୍ତ ବନ୍ଧୁ ଧରୁଆ ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିବା ବେଳେ ଏବେ କିନ୍ତୁ ସେ ନିଜେ ବିଧାୟକ ପ୍ରାର୍ଥୀ ହୋଇ ନର୍ବାଚନ ଲଢୁଛନ୍ତି। ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନଙ୍କୁ ଯେଉଁମାନେ ସମର୍ଥନ କରିଥିଲେ ଏବେ ସେମାନେ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ଭାଜପାର ସଭା, ସମିତିକୁ ଯିବା ସହିତ ଦଳ ପାଇଁ କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ନୂଆପଡ଼ା ବ୍ଲକରେ ଚଳିତ ଉପନିର୍ବାଚନରେ ସମୀକରଣ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜାତିଭିତ୍ତିକ ଭୋଟକୁ ପ୍ରମୁଖ ଦଳର ପ୍ରାଧାନ୍ୟ

ନୂଆପଡ଼ା,୨୭।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ଗୁରୁତ୍ୱ ଦେଇ ଜାତିଭିତ୍ତିକ ଭୋଟକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁଠାରୁ ବଡ ଭୋଟ ଆଦିବାସୀମାନଙ୍କର ଥିବାବେଳେ ଏବେ ଏସ୍‌ସି ଓ ଓବିସି ଭୋଟ ଉପରେ ନେତା ବିଶେଷ ଧ୍ୟାନ ଦେଉଛନ୍ତି। ଏହି ଜାତିଭିତ୍ତିକ ଭୋଟ ହାତେଇବା ପାଇଁ ପ୍ରମୁଖ ଦଳ ସେହି ଜାତିର ଟାଣୁଆ ନାତାମାନଙ୍କୁ ନିଜ ସପକ୍ଷକୁ ଟାଣୁଛନ୍ତି। ଭାଜପା ଓବିସି ଭୋଟ ହାତେଇବା ପାଇଁ ବିଜେଡିରେ ତିନିଥର ପ୍ରାର୍ଥୀ ହୋଇଥିବା ଟାଣୁଆ ନେତା ତଥା ଉତ୍କଳ ଯାଦବ ମହାସଂଘର ସଚିବଙ୍କୁ ନିଜ ସପକ୍ଷରେ ନେବା ସହ ବିଜେଡିରୁ କ୍ଷମାସିଂ ନିଆଲ, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ସମେତ ବିଭିନ୍ନ ପଞ୍ଚାୟତର ଓବିସି ବର୍ଗର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟମାନଙ୍କୁ ନିଜ ସପକ୍ଷକୁ ଟାଣି ନେଇଛନ୍ତି। ସେମାନେ ଓବିସି ଭୋଟ ହାତେଇବା ପାଇଁ ଗାଁ ଗାଁ କ୍ୟାମ୍ପେନ କରୁଛନ୍ତି। ସେହିପରି କଂଗ୍ରେସ ଦଳରେ ଯାଦବ ସମାଜର ଜିଲା ସଭାପତି ଭରତ ଲାଲ ରାଉତ, କପିଳେନ୍ଦ୍ର ଯାଦବ ଓବିସି ଭୋଟରଙ୍କ ପାଖକୁ ଯାଇ ଭୋଟ ସାଉଁଟିବାରେ ଲାଗିଛନ୍ତି। ବିଜେଡିରେ ଥିବା ଓବିସି ଟାଣୁଆ ନେତାମାନେ ଦଳ ଛାଡି ଅନ୍ୟ ଦଳକୁ ଚାଲିଯିବାରୁ ବରଗଡ ଜିଲାରୁ ଯାଦବ ସମାଜ ଜିଲା ସଭାପତି ରାଜୁ ଘିବେଲା ଆସି ଓବିସିମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଓବିସି ଭୋଟ ୪୦ ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ସବୁ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଓବିସିଙ୍କୁ ପ୍ରଲୋଭନ ଦେଖାଇ ନିଜ ଅକ୍ତିଆରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ନେତାଙ୍କ ପ୍ରଲୋଭନରେ ଆମେ ଯିବୁ ନାହିଁ। ଯିଏ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବ, ସମସ୍ତଙ୍କ ଦୁଃଖସୁଖରେ ସହଭାଗୀ ହେବ ସେଭଳି ପ୍ରାର୍ଥୀଙ୍କୁ ଚୟନ କରି ଭୋଟ ଦେବୁ ବୋଲି ଜଣେ ଓବିସି ଭୋଟର କହିଛନ୍ତି।

## ହାର୍ଟ ଭାଲ୍‌ଭରେ ଗୁରୁତର ସଂକୀର୍ଣ୍ଣତା?
## TAVI ଫେରାଇ ଆଣେ ଶକ୍ତି ଓ ଜୀବନ

Meril Treatment Zaroori Hai
Issued in public interest, for you and your loved ones, by Meril.


ଡା. ସୁଶାନ୍ତ ପ୍ରଧାନ
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଉତ୍କଳ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଅନେକ ରୋଗୀଙ୍କ ସଂସ୍ପର୍ଶରେ ଆସିଥାଏ, ବିଶେଷକରି ୭୫ ବର୍ଷରୁ ଅଧିକ ଲୋକ, ଯେଉଁମାନେ ଥକ୍କାପଣ, ଶ୍ୱାସକ୍ରିୟା କିମ୍ବା ଛାତିରେ ଅସୁବିଧା ଅନୁଭବ କରନ୍ତି ଏବଂ ପ୍ରାୟତଃ ସେମାନେ ବାର୍ଦ୍ଧକ୍ୟର ସାଧାରଣ ଲକ୍ଷଣ ଭାବି ଅଣଦେଖା କରିଦିଅନ୍ତି । ଏହି ଲକ୍ଷଣଗୁଡ଼ିକ ଗୁରୁତର ଏଓର୍ଟିକ୍ ଭାଲ୍‌ଭ ସଂକୀର୍ଣ୍ଣତା ହେବାର ସଙ୍କେତ ଦେଇପାରେ, ଯାହା ହୃଦୟର ରକ୍ତକୁ ଫଳପ୍ରଦ ଭାବରେ ପମ୍ପ କରିବାର କ୍ଷମତାକୁ ପ୍ରଭାବିତ କରିଥାଏ । TAVI ମୋତେ ଏକ କ୍ୟାଥେଟର ବ୍ୟବହାର କରି ରୋଗଗ୍ରସ୍ତ ଭାଲ୍‌ଭକୁ ବଦଳାଇବାରେ ସମର୍ଥ କରିଥାଏ, ଯାହା ସାଧାରଣତଃ ଗୋଡର ଧମନୀ ମାଧ୍ୟମରେ ସମ୍ପନ୍ନ ହୋଇପାରିଥାଏ । ଏହି ପ୍ରକ୍ରିୟା ସମ୍ପାଦନ ପରେ ରୋଗୀମାନେ ପ୍ରାୟତଃ ଉନ୍ନତ ଷ୍ଟାମିନା, ସହଜ ଶ୍ୱାସକ୍ରିୟା ଏବଂ ଅଳ୍ପ କିଛିଦିନ ମଧ୍ୟରେ ଦୈନନ୍ଦିନ କାର୍ଯ୍ୟକଳାପରେ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ପ୍ରାରମ୍ଭିକ ମୂଲ୍ୟାଙ୍କନ ଏବଂ ସମୟାନୁବର୍ତ୍ତୀ ଉପଚାର ଗୁରୁତର ସ୍ୱାସ୍ଥ୍ୟ ଜଟିଳତାକୁ ପ୍ରତିରୋଧ କରିବା ସହ ସ୍ୱାଧୀନ ଜୀବନଯାପନକୁ ଶୀଘ୍ର ଫେରିବାରେ ଆପଣଙ୍କୁ ସକ୍ଷମ କରିପାରେ ।


ଡା. ବିଭୁତେନ୍ଦ୍ର ମହାନ୍ତି
ସିନିୟର କନ୍‌ସଲଟାଣ୍ଟ, ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଡିପାର୍ଟମେଣ୍ଟ ଅଫ୍ କାର୍ଡିଆକ୍ ସାଇନ୍ସେସ୍, ସମ୍ ଅଲ୍ଟିମେଟ୍ ହସ୍ପିଟାଲ୍ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ମଧୁମେହ, ବୃକ୍କ ସମସ୍ୟା କିମ୍ବା ଫୁସ୍‌ଫୁସ୍ ବ୍ୟାଧି ପରି ଅତିରିକ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା ମଧ୍ୟ କରିଥାଏ । ଏପରି କ୍ଷେତ୍ରରେ ପାରମ୍ପରିକ ହସ୍ତକ୍ଷେପମୂଳକ ଚିକିତ୍ସା ଅଧିକ ବିପଦପୂର୍ଣ୍ଣ ହୋଇଯାଇଥାଏ । TAVI ସହିତ, ମୁଁ ହୃଦୟ ଉପରେ ଚାପକୁ କମ୍ କରିବା ସହିତ ନିରାପଦରେ ଭାଲ୍‌ଭର କାର୍ଯ୍ୟକ୍ଷମତାକୁ ପୁନଃ ସ୍ଥାପିତ କରିପାରୁଛି । ପ୍ରକ୍ରିୟା ପରେ, ରୋଗୀମାନେ ଉତ୍ତମ ରକ୍ତ ସଞ୍ଚାଳନ, ଥକ୍କାପଣ ହ୍ରାସ ହେଉଥିବାର ଅନୁଭବ କରନ୍ତି ଏବଂ ଅନ୍ୟାନ୍ୟ ରୋଗକୁ ଅଧିକ ଦକ୍ଷତାର ସହ ପରିଚାଳନା କରିପାରନ୍ତି । ଏହି ଥେରାପି ଉଚ୍ଚ ରିସ୍କ ରୋଗୀମାନଙ୍କ ପାଇଁ ଚିକିତ୍ସାର ବିକଳ୍ପକୁ ରୂପାନ୍ତରିତ କରିଛି, ଯେଉଁମାନଙ୍କର ଆରୋଗ୍ୟ ହେବାର ସମ୍ଭାବନା ପୂର୍ବରୁ ସୀମିତ ଥିଲା, ଏବେ ସେମାନଙ୍କ ପାଇଁ ଶୀଘ୍ର ଆରୋଗ୍ୟ ଓ ସ୍ୱଳ୍ପ ସ୍ୱାସ୍ଥ୍ୟ ଜଟିଳତା ସହ ସୁରକ୍ଷିତ ଓ ଫଳପ୍ରଦ ସମାଧାନ ଉପଲବ୍ଧ ।


ଡା. ଅନୁପମ ଜେନା
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଏବଂ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପ୍ରାୟତଃ ୫୦ରୁ ୬୫ ବୟସ ବର୍ଗର କାର୍ଯ୍ୟରତ ପ୍ରୌଢ଼ମାନଙ୍କୁ ଭେଟିଥାଏ ଯେଉଁମାନେ ଏହି କଥାକୁ ନେଇ ଚିନ୍ତାବ୍ୟକ୍ତ କରିଥାନ୍ତି ଯେ ଚିକିତ୍ସା ପ୍ରକ୍ରିୟା ସେମାନଙ୍କର କ୍ୟାରିୟର, ପରିବାର ଏବଂ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଉନ୍ନତ ଇମେଜିଂର ମାର୍ଗଦର୍ଶନ ଅଧୀନରେ କ୍ୟାଥେଟର ମାଧ୍ୟମରେ ଠିକ୍ ଭାବରେ ପରିଚାଳିତ TAVI, ରୋଗୀମାନଙ୍କୁ ଶୀଘ୍ର ସେମାନଙ୍କର କର୍ମଜୀବନକୁ ଫେରିବା ପାଇଁ ଅନୁମତି ଦେଇଥାଏ । ଅନେକ ରୋଗୀ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଶକ୍ତି, ସହନଶୀଳତା ଏବଂ ଲକ୍ଷଣରୁ ଉପଶମରେ ଉଲ୍ଲେଖନୀୟ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ଏହି ଉପଚାର ସେମାନଙ୍କୁ ଉନ୍ନତ ହୃଦୟ କାର୍ଯ୍ୟରୁ ଉପକୃତ ହେବା ସହିତ ଉଭୟ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱକୁ ଜାରି ରଖିବାରେ ସାହାଯ୍ୟ କରେ । ଆଧୁନିକ ହସ୍ତକ୍ଷେପ କିପରି ଭାବେ ଫଳପ୍ରଦ ଢଙ୍ଗରେ ସକ୍ରିୟ ଜୀବନଶୈଳୀ ସହିତ ଏକୀକୃତ ହୁଏ ତାହାର ଏହା ପ୍ରକୃଷ୍ଟ ଉଦାହରଣ ।


ଡା. ଦିବ୍ୟ ରଞ୍ଜନ ବେହେରା
କନ୍‌ସଲଟାଣ୍ଟ କାର୍ଡିଓଲୋଜିଷ୍ଟ, ମଣିପାଲ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପୂର୍ବରୁ ହୃଦୟରେ ଅସ୍ତ୍ରୋପଚାର କରାଇଥିବା କିମ୍ବା ଜଟିଳ ହୃଦ୍ ଆନାଟୋମିଧାରୀ ଅନେକ ରୋଗୀଙ୍କୁ ଦେଖିଥାଏ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ରହିଥାଏ । ଉନ୍ନତ ଇମେଜିଂ ବ୍ୟବହାର କରି, ମୁଁ ନିରାପଦରେ ଠିକ୍ ରକ୍ତ ପ୍ରବାହକୁ ପୁନଃ ସ୍ଥାପିତ କରିବା ପାଇଁ ନୂତନ ଭାଲ୍‌ଭକୁ ଯତ୍ନର ସହ ସ୍ଥାନିତ କରେ । TAVI ବିଭିନ୍ନ ଶାରୀରିକ ଗଠନ ଏବଂ ରୋଗୀଙ୍କ ଅବସ୍ଥା ସହିତ ଖାପ ଖୁଆଇପାରିଥାଏ । ଏହି ପ୍ରକ୍ରିୟା ପରେ, ରୋଗୀମାନେ ହୃତ୍‌ପିଣ୍ଡର କାର୍ଯ୍ୟରେ ଉନ୍ନତି ଆସିବା, ଅଣନିଃଶ୍ୱାସୀ ହେବାର ଘଟଣା ହ୍ରାସିତ ହେବା ଏବଂ ସାମଗ୍ରିକ ଶାରୀରିକ ସାମର୍ଥ୍ୟରେ ଉନ୍ନତି ଆସିଥିବାର ସୂଚନା ଦେଇଛନ୍ତି । TAVIର ଖାପ ଖୁଇବାର ସାମର୍ଥ୍ୟ ଚିକିତ୍ସାର ସମ୍ଭାବନାଗୁଡ଼ିକୁ ବିସ୍ତାରିତ କରିଥାଏ ଏବଂ ସୁରକ୍ଷା ତଥା ଫଳାଫଳ ବିଷୟରେ ରୋଗୀ ଓ ସେମାନଙ୍କ ପରିବାରକୁ ଆଶ୍ୱାସନା ପ୍ରଦାନ କରିଥାଏ ।


ଡା. ଜ୍ୟୋତିର୍ମୟ ସାହୁ
କନ୍‌ସଲଟାଣ୍ଟ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ କେୟାର ହସ୍ପିଟାଲ, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଏହି କଥାକୁ ମଧ୍ୟ ଜୋର୍ ଦେଇ କହୁଛି ଯେ, TAVI କେବଳ ଭାଲ୍‌ଭ ସମ୍ବନ୍ଧୀୟ ଲକ୍ଷଣରୁ ମୁକ୍ତି ଦିଏ ନାହିଁ ବରଂ ହୃଦୟର ସାମଗ୍ରିକ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିଥାଏ । ପୁନଃ ସ୍ଥାପିତ ରକ୍ତ ପ୍ରବାହ ହୃତ୍‌ପିଣ୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ଉପରେ ଚାପ ହ୍ରାସ କରେ, ଶକ୍ତି ସ୍ତର ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ରୋଗୀମାନେ ପ୍ରାୟତଃ ଶାରୀରିକ କ୍ଷମତାରେ ବୃଦ୍ଧି, ଥକ୍କାପଣ ହ୍ରାସ ଏବଂ ଆରାମରେ ଦୈନନ୍ଦିନ କାର୍ଯ୍ୟ କରିବାର କ୍ଷମତା ଲକ୍ଷ୍ୟ କରନ୍ତି । TAVI ଉଚ୍ଚ ରକ୍ତଚାପ କିମ୍ବା କିଡ୍‌ନୀ ସମସ୍ୟା ପରି ସହଯୁକ୍ତ ସ୍ୱାସ୍ଥ୍ୟାବସ୍ଥାର ପରିଚାଳନାକୁ ଅନୁକୂଳତମ କରିବାରେ ସାହାଯ୍ୟ କରେ । ଏହି ଉପଚାର ହୃଦୟର କାର୍ଯ୍ୟକ୍ଷମତାକୁ ସୁଧାରିବା ସହିତ ଏବଂ ସାମଗ୍ରିକ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ।


ଡା. ସୂର୍ଯ୍ୟକାନ୍ତ ଜେନା
ଆସୋସିଏଟ୍ ପ୍ରଫେସର (ଇଣ୍ଟରଭେନସନାଲ୍ କାର୍ଡିଓଲୋଜିଷ୍ଟ) କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ରୋଗୀମାନଙ୍କୁ ସେମାନଙ୍କ ସ୍ୱାଧୀନତା ଫେରିପାଇବା ଏବଂ ଶୀଘ୍ର ସାଧାରଣ ଜୀବନକୁ ଫେରିବା ପାଇଁ ସଶକ୍ତ କରିବାରେ TAVIର ଅବଦାନକୁ ମୁଁ ସ୍ୱୀକାର କରୁଛି । ଡାକ୍ତରଖାନାରେ ରହଣି ସମୟ ସ୍ୱଳ୍ପ ହୋଇଥାଏ, ଆରୋଗ୍ୟଲାଭ ସୁଗମ ହୋଇଥାଏ ଏବଂ ଏହି ପ୍ରକ୍ରିୟା ସମସ୍ତ ବୟସ ବର୍ଗ ଏବଂ ଡାକ୍ତରୀ ପ୍ରୋଫାଇଲକୁ ସୁହାଇଥାଏ । ରୋଗୀମାନେ କ୍ରମାଗତ ଭାବରେ ସହନଶୀଳତା, ଶ୍ୱାସକ୍ରିୟା ଏବଂ ହୃତ୍‌ପିଣ୍ଡ କାର୍ଯ୍ୟରେ ଉନ୍ନତି ଅନୁଭବ କରନ୍ତି, ଯାହାଦ୍ୱାରା ସେମାନେ ଗତିଶୀଳତା, କାର୍ଯ୍ୟ ଏବଂ ସାମାଜିକ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରିବାରେ ସମର୍ଥ ହୋଇପାରନ୍ତି । TAVI ଆତ୍ମବିଶ୍ୱାସ, ଶକ୍ତି ଏବଂ ଜୀବନର ଗୁଣବତ୍ତାକୁ ପୁନଃ ସ୍ଥାପିତ କରେ, ଏହା ପ୍ରମାଣ କରେ ଯେ ନ୍ୟୁନତମ ଇନ୍‌ଭେସିଭ୍ ହସ୍ତକ୍ଷେପ ମଧ୍ୟ ଜୀବନରେ ଫଳପ୍ରଦ ଏବଂ ନିରାପଦ ଭାବରେ ପରିବର୍ତ୍ତନ ଆଣିପାରିବ ।

(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। -ଶ୍ରୀମା

-ଶରଣ ଆରମ୍ଭ



# ଏଆଇରୁ ମରିବାନି

ଘଟଣା ହରିୟାଣା ଫରିଦାବାଦର। ନାୟକ ୧୯ ବର୍ଷ ବୟସ୍କ ରାହୁଲ ଭାରତୀ। ସେ ସ୍ଥାନୀୟ ଡିଏଭି କଲେଜର ଛାତ୍ର। ତିନି ବଡ଼ ଭଉଣୀ ଓ ତାଙ୍କ ଫଟୋକୁ ଅଶ୍ଳୀଳ ରୂପ ଦେଇ କେହି ଜଣେ ରାହୁଲଙ୍କୁ ବାରମ୍ବାର ଧମକାଇବା ଏବଂ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ବାସ୍ତବରେ କୌଣସି ଅଶ୍ଳୀଳ ଚିତ୍ର ଉଠାଯାଇ ନ ଥିଲା। ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ଅତି ଚତୁରତାର ସହିତ କମ୍ପ୍ୟୁଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମନଗଢ଼ା ଛବି ସୃଷ୍ଟି କରିପାରିଥିଲେ। ମନେରଖିବାକୁ ହେବ ଯେ ଆଜିର ପୃଥିବୀରେ ଏଆଇ ଅତି ପ୍ରାଥମିକ ଅବସ୍ଥାରେ ଥିବା ସତ୍ତ୍ୱେ ଯେକୌଣସି ବ୍ୟକ୍ତିବିଶେଷର ଶରୀର, ମୁହଁ ଏବଂ ସ୍ୱରକୁ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର, ଅଡିଓ ଏବଂ ଭିଡିଓ ଅତି ସହଜରେ ପ୍ରସ୍ତୁତ କରାଯାଇପାରୁଛି । ଏହା ବର୍ତ୍ତମାନ ଆରମ୍ଭ ମାତ୍ର। ଏହିଭଳି ଏଆଇର ଅପବ୍ୟବହାର କରାଯିବା ଅତ୍ୟନ୍ତ ସହଜ ଓ ଆସନ୍ତା ଦିନଗୁଡ଼ିକରେ ଅଧିକରୁ ଅଧିକ ସହଜ ହୋଇଯିବ। ଏପରିକି ଏବେ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ମହାଭାରତ ଧାରାବାହିକର ବିଜ୍ଞାପନ ଦେଖିବାକୁ ମିଳିଲାଣି। ଏଥିରେ କୌଣସି ମଣିଷ ତାରକାଙ୍କ ପ୍ରୟୋଜନ ରହୁନାହିଁ। ଏଭଳି ପ୍ରଚ୍ଛଦପଟରେ ରାହୁଲଙ୍କ ପ୍ରତିକ୍ରିୟା ଓ ସେଥିରୁ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଦୁଃଖଦାୟକ। ଏଭଳି ବି ହୋଇପାରେ ଯେ ଅତି ଭଦ୍ରଲୋକଙ୍କର ଛବିକୁ ନେଇ ତାଙ୍କର କାଳି ସ୍ତ୍ରୀଙ୍କ ପରିବର୍ତ୍ତେ ଜଣେ ସଫା ଯୁବତୀଙ୍କ ସହିତ ଆଲିଙ୍ଗନ କରୁଥିବାର ଛବି ଓ ଭିଡିଓ ପ୍ରସ୍ତୁତ କରାଯାଇପାରିବ। ସେଭଳି ଯୁବତୀ ଓ ମହିଳାମାନଙ୍କ ସମ୍ପର୍କରେ ଅସଭ୍ୟ ଓ ଅରୁଚିକର ଭିଡିଓ ପ୍ରସ୍ତୁତ କରି ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ଆସନ୍ତା ଦିନଗୁଡ଼ିକରେ ସହଜ ହୋଇଯିବ। ଏଆଇର ମାରାତ୍ମକତା ବଡ଼ବଡ଼ିଆ, ରାଜନେତା, ସିନେମା ତାରକା କିମ୍ବା ଧନଶାଳୀ ବ୍ୟକ୍ତିଙ୍କୁ ଯେତେ କ୍ଷତି ପହଞ୍ଚାଇବ ନାହିଁ, ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ସାଧାରଣ ଯୁବତୀ ଓ ଯୁବକ। ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇନାହାନ୍ତି ଏବଂ ସେମାନଙ୍କ ମନରେ ସବୁବେଳେ ଚିନ୍ତା ଘାରୁଥାଏ 'ଆମ ବିଷୟରେ ଲୋକେ କ'ଣ କହିବେ' ସେମାନେ ଅତ୍ୟଧିକ ମାତ୍ରାରେ ଏଆଇର ଶିକାର ହେବାର ଆଶଙ୍କା ରହିଛି। ପ୍ରତିଷ୍ଠିତ ଲୋକଙ୍କର ପରିବାର ଏବଂ ନିକଟତମ ବ୍ୟକ୍ତି ଅଳ୍ପବହୁତେ ବୁଝିପାରିବେ ଯଦି କୌଣସି ସମ୍ପୂର୍ଣ୍ଣ ମିଥ୍ୟାକୁ ଏଆଇ ମାଧ୍ୟମରେ ପ୍ରଚାର କରାଯାଏ। କିନ୍ତୁ ରାହୁଲଙ୍କ ଭଳି ସାଧାରଣ ପରିବାରର ଯୁବକ ନିଜ ସମ୍ପର୍କରେ ଏକ ଅଶ୍ଳୀଳ ଭିଡିଓ ଯୋଗୁ ଅସ୍ତବ୍ୟସ୍ତ ହୋଇ ନିଜ ଜୀବନକୁ ଶେଷ କରିଦେଲେ।

ଏଆଇର ଯୁଗ ଏବେ ଆରମ୍ଭ ମାତ୍ର। ଏହାର ସକାରାତ୍ମକ ଦିଗ ମଣିଷ ଜାତିକୁ ବହୁ ଉନ୍ନତ କରିବାର କ୍ଷମତା ରଖିଥିବା ବେଳେ ତାହାର ନକାରାତ୍ମକ ଦିଗ ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତିବିଶେଷଙ୍କ ଜୀବନକୁ ଛାରଖାର କରିବାକୁ ଆରମ୍ଭ କଲାଣି। ରାହୁଲଙ୍କୁ ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ସମ୍ଭବତଃ ତାଙ୍କ ଭଉଣୀମାନଙ୍କ ବିଷୟରେ ଭିଡିଓ ପ୍ରସ୍ତୁତ କରିଛନ୍ତି ବୋଲି ଧମକ ଦେଇ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ। ଧମକ ପାଇ ରାହୁଲଙ୍କ ଦମ୍ଭୋକ୍ତି ଭାଙ୍ଗିଯିବା ଫଳରେ ଆତ୍ମହତ୍ୟା କଲାପରେ ସାହିଲ ନାମକ ଜଣେ ଯୁବକଙ୍କ ବିରୋଧରେ ପୋଲିସ ଏତଲା ଦାଏର କରିଛି। କୁହାଯାଉଛି ଯେ ଏଥିରେ ରାହୁଲଙ୍କ ଜଣେ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। କିନ୍ତୁ ଏବେ ଆଧାର, ଡିଜି ଯାତ୍ରା ଏବଂ ଆହୁରି ଅନେକ ସରକାରୀ ଫେସ୍ ରେକଗ୍‌ନିଶନ (ମୁହଁ ଚିହ୍ନିବା) ବ୍ୟବସ୍ଥା ଯେଉଁଭଳି ସରକାରୀ ପ୍ରୋତ୍ସାହନ ପାଇ ବ୍ୟାପକ ହେବାରେ ଲାଗିଛି, ସେଥିରେ ଯେକୌଣସି ବ୍ୟକ୍ତିଙ୍କୁ ଠକିବା କିମ୍ବା ଶିକାର ବା ଟାର୍ଗେଟ କରିବା ଅଧିକରୁ ଅଧିକ ସହଜ ହେଉଛି। ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

# ବିହାର ରାଜନୀତିରେ ସାମାଜିକ ନ୍ୟାୟ



ଅଧ୍ୟାପକ ଗୋପବନ୍ଧୁ

ବିହାର ରାଜନୀତି ସର୍ବଦା ଏକ ପ୍ରମୁଖ ଚର୍ଚ୍ଚାର ବିଷୟଭାବେ ସ୍ଥାନ ପାଇ ଆସିଛି। ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ଏ ଚର୍ଚ୍ଚାକୁ ବହୁଗୁଣିତ କରିଛି। ଏହି ନିର୍ବାଚନରେ ଦୁଇଟି ଅଗ୍ରଣୀ ମେଣ୍ଟ ଏନ୍‌ଡିଏ ଓ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆକଳନ କରାଯାଉଛି। ଏନ୍‌ଡିଏ ମେଣ୍ଟର ଅନ୍ୟତମ ମୁଖ୍ୟ ଅଂଶୀଦାର ହେଉଛି ଜନତା ଦଳ ୟୁନାଇଟେଡ (ଜେଡିୟୁ)। ଏହାର ମୁଖ୍ୟ ହେଉଛନ୍ତି ନୀତିଶ କୁମାର, ଯିଏ ଏବେ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆର ମୁଖ୍ୟ ଅଂଶୀଦାର ହେଉଛି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ଯାହାର ନେତୃତ୍ୱ ନେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ଓ ତାଙ୍କ ରାଜନୈତିକ ଉତ୍ତର ଦାୟାଦ। ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଜୟପ୍ରକାଶ ଆନ୍ଦୋଳନର ଉତ୍ପତ୍ତି ଓ ସାମାଜିକ ନ୍ୟାୟର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ବିଚାରଧାରାର ବାହକ। ଉଭୟେ ମଣ୍ଡଳ କମିଶନର ପକ୍ଷଧର ଓ ଏହି କମିଶନ ପ୍ରଦତ୍ତ ରିପୋର୍ଟ କାର୍ଯ୍ୟକାରିତାର ସମର୍ଥକ।

୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପଛରେ ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଦୃଢଭାବେ ଛିଡ଼ା ହୋଇଥିଲେ। ଏମାନଙ୍କ ସହିତ ଥିଲେ ରାମବିଳାସ ପାଶ୍ୱାନ। ଏମାନେ ସମସ୍ତେ ଭିପି ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଜନତା ଦଳର ସଦସ୍ୟ ଥିଲେ। ଜନତା ଦଳର ବିଘଟନ ପରେ ନୀତିଶଙ୍କ ଗୋଷ୍ଠୀ ପ୍ରଥମେ ଗଠନ କଲେ ସମତା ପାର୍ଟି ଓ ପରେ ଏହା ମିଶିଲା ଜନତା ଦଳ ୟୁନାଇଟେଡ୍‌ରେ। ଲାଲୁପ୍ରସାଦ ଯାଦବ ଗଠନ କଲେ ରାଷ୍ଟ୍ରୀୟ ଜନତା ଦଳ। ରାମବିଳାସ ପାଶ୍ୱାନ ଗଠନ କଲେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଯାହାର ନେତୃତ୍ୱ ନେଉଛନ୍ତି ତାଙ୍କ ପୁଅ ଚିରାଗ ପାଶ୍ୱାନ। ସେହିପରି ଜେଡିୟୁରୁ ଜନ୍ମ ନେଇଛି ଉପେନ୍ଦ୍ର କୁଶୱାଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଓ ଜିତେନରାମ ମାନଝୀଙ୍କ ପାର୍ଟି ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚା (ହାମ୍)। ପଶୁପତି ପରାସଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆରଏଲ୍‌ଜେପି) ମୂଳ ଲୋକ ଜନଶକ୍ତି ପାର୍ଟିରୁ ଜନ୍ମ ନେଇଛି। ଏନଡିଏ ମେଣ୍ଟରେ ଜେଡିୟୁ, ଭାଜପା, ଏଲଜେପି, ଆର୍‌ଏଲ୍‌ଏମ୍ ଓ ହାମ ରହିଛି। ଇଣ୍ଡିଆ ମେଣ୍ଟରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ପାର୍ଟିଗୁଡିକ, ଭିଆଇପି, ଆରଏଲଜେପି ରହିଛି। ଏନଡିଏ ମେଣ୍ଟରେ ଆସନ ବୁଝାମଣା ପ୍ରାୟତଃ ସରିଛି। କିନ୍ତୁ ଇଣ୍ଡିଆ ମେଣ୍ଟରେ ଏହା ସ୍ପଷ୍ଟ ହୋଇନାହିଁ। ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।



ବହୁ ଚର୍ଚ୍ଚିତ ମଣ୍ଡଳ କମିଶନର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ। ୧୯୭୭ରେ ଗଠିତ ଜନତା ପାର୍ଟି ସରକାର ଏହି କମିଶନ ବସାଇଥିଲେ। ୧୯୮୦ରେ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲା। ସେତେବେଳକୁ ଜନତା ପାର୍ଟି ସରକାର ଭାଙ୍ଗି ଯାଇଥିଲା। ୧୯୯୦ରେ ଭିପି ସିଂ ଏହି ରିପୋର୍ଟ ଅନୁଯାୟୀ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବା ପାଇଁ ଘୋଷଣା କଲେ। ଏହି ସମୟରେ ଉଲ୍ଲେଖିତ ସମସ୍ତ ନେତା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ସପକ୍ଷରେ ଥିଲେ। ମଣ୍ଡଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ଲାଲକୃଷ୍ଣ ଆଡ଼ଭାନୀ ରାମ ରଥ ଯାତ୍ରା ଆରମ୍ଭ କରିଥିଲେ। ଏହା ବିହାରରେ ପ୍ରବେଶ କରିବା ମାତ୍ରେ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ଭଜପା କେନ୍ଦ୍ର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଓ ଭିପି ସିଂ ସରକାର ଭାଙ୍ଗି ଯାଇଥିଲା।

୧୯୯୦ରେ ଲାଲୁପ୍ରସାଦ ଯାଦବ ମଣ୍ଡଳ କମିଶନ ରିପୋର୍ଟକୁ ବିହାରରେ କାର୍ଯ୍ୟକାରୀ କରିଥିଲେ। ଏ ଦିଗରେ ନୀତିଶ କୁମାର ଓ ରାମବିଳାସ ପାଶ୍ୱାନଙ୍କ ପୂର୍ଣ୍ଣ ସହଯୋଗ ଥିଲା। ଏହା ପୂର୍ବରୁ କର୍ପୂରୀ ଠାକୁର ବିହାରର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ୧୯୭୮ରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚାକିରିରେ ୨୬% ସଂରକ୍ଷଣ ସୁବିଧା ଦେଇଥିଲେ। ନୀତିଶ କୁମାର ନିଜ କାର୍ଯ୍ୟକାଳ ସମୟରେ ଓବିସିଙ୍କ ସଂରକ୍ଷଣ ସୀମା ବଢ଼ାଇବାକୁ ବହୁ ଚେଷ୍ଟା କରିଛନ୍ତି। ଏହା ସହିତ ଏସଟି ଓ ଏସସିଙ୍କ କୋଟା ମଧ୍ୟ ବଢ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ସମସ୍ତ ରାଜନୈତିକ ଦଳ ଏଦିଗରେ ସହମତ ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଯୋଗୁ ଏହା କର୍ଯ୍ୟକାରୀ ହୋଇପାରି ନଥିଲା। ପରବର୍ତ୍ତୀ ସମୟରେ ନୀତିଶ କୁମାର ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିଗତ ଅବସ୍ଥାର ଅନୁଧ୍ୟାନ ପାଇଁ ରାଜ୍ୟରେ ୨୦୨୩ରେ ଜାତିଗତ ଜନଗଣନା କରାଇଛନ୍ତି। ରାଜ୍ୟରେ ଓବିସିଙ୍କ ସଂଖ୍ୟା ୬୩% ବୋଲି ତଥ୍ୟ ଉପଲବ୍ଧ ହୋଇଛି। ଏହି ଜନଗଣନା ଆଧାରରେ ରାଜ୍ୟରେ ପୁଣି ସଂରକ୍ଷଣ ସୀମାକୁ ୬୫% ବୃଦ୍ଧି ପାଇଁ ବିଧେୟକ ପାରିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରି ନାହିଁ, ଯେହେତୁ ଏହା ଏବେ ପାଟନା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ସମସ୍ତ ଦଳ ସାମାଜିକ ନ୍ୟାୟ ବିଚାର ଧାରାର। ଭାଜପା ମଧ୍ୟ ଏଥିରୁ ବାଦ ନୁହେଁ। ଏହା ରାଜ୍ୟର ରାଜନୈତିକ ବାଧ୍ୟବାଧକତା। ଏହି ବିଚାରଧାରାକୁ ଛାଡି ଏଠାରେ ରାଜନୀତି କରାଯାଇ ପାରିବ ନାହିଁ। ଏନ୍‌ଡିଏ ମଧ୍ୟରେ ନୀତିଶ କୁମାର ତୁଲ୍ୟ ଚେହେରା ଆଉ କାହାର ନାହିଁ। ଅନ୍ୟପଟେ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ହେଉଛି କଂଗ୍ରେସ। ରାହୁଲ ଗାନ୍ଧୀ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' କଥା ଉଠାଉଛନ୍ତି। ବରଂ ଆଗକୁ ପାଦେ ଯାଇ କହୁଛନ୍ତି ଯେ ସଂରକ୍ଷଣର ଯେଉଁ ସର୍ବୋଚ୍ଚ ସୀମା ୫୦% ନିର୍ଦ୍ଧାରଣ ହୋଇଛି ତାହାର ଉଚ୍ଛେଦ ହେବା ଉଚିତ। ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାକୁ ଆସିଲେ ଏହା ନିଶ୍ଚୟ କରିବ। ଆରଜେଡି, କଂଗ୍ରେସ ଓ ଅନ୍ୟ ଦଳମାନେ ସମ୍ପୂର୍ଣ୍ଣଭାବେ ସାମାଜିକ ନ୍ୟାୟ ବିଚାରଧାରା ଉପରେ ନିର୍ବାଚନ ଲଢୁଛନ୍ତି। ତେଣୁ ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ କହିବା ଆରମ୍ଭ କରିଛନ୍ତି ଯେ ବିହାରରେ ନିର୍ବାଚନ ଲଢେଇ ପଛୁଆବର୍ଗ ବନାମ ପଛୁଆବର୍ଗ।

ଏହି ଦୁଇ ମେଣ୍ଟ ବ୍ୟତୀତ ଅନ୍ୟ ଏକ ରାଜନୈତିକ ଶକ୍ତି ଆଲୋଚନା ପରିସରକୁ ଆସୁଛି, ତାହା ହେଉଛି ରାଜନୈତିକ ବିଶେଷଜ୍ଞ ପ୍ରଶାନ୍ତ କିଶୋରଙ୍କ ପ୍ରତିଷ୍ଠିତ ନୂଆ ଜନ ସୂରଜ ପାର୍ଟି (ଜେଏସ୍‌ପି)। ଏହା ଭ୍ରଷ୍ଟାଚାର ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢୁଛି। ଏହା ବାଦେ ନିର୍ବାଚନ ମଇଦାନକୁ ଅନ୍ୟ ଏକ ମେଣ୍ଟ ଆସିଛି ସାମାଜିକ ନ୍ୟାୟ ଓ ସାମଜିକ ସୁରକ୍ଷା ପ୍ରସଙ୍ଗକୁ ନେଇ, ଯେଉଁଥିରେ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (ଏଏସ୍‌ପି), ଆଶାଉଦ୍ଦିନ ଓଏସିଙ୍କ ଏମ୍‌ଆଇଏମ୍ ଓ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଆପନି ଜନତା ଦଳ ରହିଛି। ଏହାର ନାମ ହେଉଛି ଗ୍ରାଣ୍ଡ ଡେମୋକ୍ରାଟିକ ଆଲାଏନ୍ସ (ଜିଡିଏ)। ଚନ୍ଦ୍ରଶେଖରଙ୍କ ଜନସଭାରେ ଭଲ ଜନସମାଗମ ଦେଖିବାକୁ ମିଳୁଛି।

ନିର୍ବାଚନ ଫଳାଫଳ କେଉଁ ମେଣ୍ଟ ସପକ୍ଷରେ ଯିବ ତାହା ଏବେ କୁହାଯାଇ ପାରିବ ନାହିଁ, ତେବେ ନିର୍ବାଚନ ପରେ ପୁଣି ଏକ ନୂତନ ମେଣ୍ଟ ଗଠନର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। କାରଣ ବିହାର ରାଜନୀତିରେ ପଟ ପରିବର୍ତ୍ତନର ଦୃଷ୍ଟାନ୍ତ ଅନେକ ରହିଛି। ଏହା ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟରେ ଯେଉଁ ସରକାର ଆସିଲେ ମଧ୍ୟ ତାହା ସାମାଜିକ ନ୍ୟାୟ ବିଚାରଧାରାରୁ ଭିନ୍ନ ହୋଇ ପାରିବ ନାହିଁ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଆଜିର ପ୍ରୟାସ, କାଲିର ସଫଳତା



ସରୋଜ କୁମାର ଶତପଥୀ

ପ୍ରୟାସ ବିନା ସଫଳତା ନାହିଁ। ସଫଳତା ଏକ ସୁନ୍ଦର ସ୍ୱପ୍ନ, ଯାହାକୁ ପ୍ରାୟ ସମସ୍ତେ ଦେଖନ୍ତି। କିନ୍ତୁ ସମସ୍ତଙ୍କୁ ସେହି ସଫଳତା ମିଳି ନ ଥାଏ। କେହି ଜୀବନରେ ବହୁତ ବଡ଼ ସଫଳତା ଅର୍ଜନ କରନ୍ତି, ଆଉ କେହି କେହି ଚେଷ୍ଟା କଲେ ମଧ୍ୟ ଅଧା ରାସ୍ତାରେ ରହିଯାନ୍ତି। ଏହାର ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମେ ଲକ୍ଷ୍ୟ ଓ ପ୍ରୟାସର ତଫାତ୍। ସମସ୍ତଙ୍କର ସ୍ୱପ୍ନ ଥାଏ, କିନ୍ତୁ ସେହି ସ୍ୱପ୍ନକୁ ସତ୍ୟ କରିବା ପାଇଁ ଅଟଳ ପ୍ରୟାସ, ସାହସ ଓ ସହନଶୀଳତା ଦରକାର ଯାହା ସମସ୍ତଙ୍କର ସମାନ ନୁହେଁ। ଦ୍ୱିତୀୟ, ପରିସ୍ଥିତି ଓ ସୁଯୋଗର ତଫାତ୍। କାହା ପାଖରେ ଶିକ୍ଷା, ସମ୍ପର୍କ ଓ ସହଯୋଗ ଇତ୍ୟାଦିରେ ଭରପୂର ସୁଯୋଗ ଥିବାବେଳେ କେତେଜଣ ବିପରୀତ ପରିସ୍ଥିତିରେ ଯୁଝିବାକୁ ବାଧ୍ୟ ହୁଅନ୍ତି। ସୁଯୋଗକୁ ଚିହ୍ନଟକରି ଉପଯୋଗ କରିବାରେ ଯିଏ ସକ୍ଷମ, ସେମାନଙ୍କଠାରେ ସଫଳତା ନିଶ୍ଚିତ। ତୃତୀୟ, ମନୋଭାବ ଓ ଧୈର୍ଯ୍ୟ। ସଫଳତାର ପଥରେ ବିଫଳତା ଏକ ସାଧାରଣ ସାଥୀ। କିନ୍ତୁ ଯିଏ ବିଫଳତାକୁ ଶିକ୍ଷା ଭାବରେ ନେଇ ପୁନର୍ବାର ଚେଷ୍ଟାକରେ, ସେଥିରେ ଲକ୍ଷ୍ୟ ସାଧନର ସମ୍ଭାବନା ବଢ଼ିଯାଏ। ଆଉ ଯିଏ ପ୍ରଥମେ ହାରିଯାଏ, ସେ ସଫଳତାରୁ ଦୂରେଇଯାଏ। ଚତୁର୍ଥ, ସମୟ ଓ ପ୍ରାଥମିକତା। ଜୀବନରେ କାହାକୁ ସଫଳତା ଶୀଘ୍ର ମିଳେ, ଆଉ କାହାକୁ ଡେରିରେ। ଯିଏ ସମୟକୁ ସତ୍ ବ୍ୟବହାର କରେ, ଧୈର୍ଯ୍ୟ ଧରେ, ସେହି ବ୍ୟକ୍ତିର ସ୍ୱପ୍ନ ଦିନେ ନା ଦିନେ ସତ୍ୟ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ହରାଇଲେ ସୁଯୋଗ ହାତଛଡ଼ା ହୋଇଯାଏ। ମନୋବିଜ୍ଞାନୀମାନେ କହନ୍ତି, ଯିଏ କାମକୁ ପୁନଃ ପୁନଃ ପଛକୁ ରଖନ୍ତି, ସେମାନଙ୍କର ଆତ୍ମବିଶ୍ୱାସ କମେ, ସ୍ପୃହା କମେ ଓ ସଫଳତା ସମ୍ଭାବନା କମିଯାଏ। ସଫଳତା ପାଇଁ ଆବଶ୍ୟକ–ସ୍ପଷ୍ଟ ଲକ୍ଷ୍ୟ, ଅଟଳ ପ୍ରୟାସ, ଧୈର୍ଯ୍ୟ, ସୁଯୋଗକୁ ବୁଝିବା କୌଶଳ ଏବଂ ନିଜର ପରିଭାଷା। ଯିଏ ଏହି ସବୁକୁ ଅନୁସରଣ କରେ, ସେହି ଜଣଙ୍କ ପାଇଁ ସଫଳତା ନିଶ୍ଚିତ।

ଆଉ କେତେଜଣ ଲୋକଙ୍କ କ୍ଷେତ୍ରରେ ସଫଳତାର ସମସ୍ତ ସାଧନ ଥିଲେ ମଧ୍ୟ ପ୍ରୟାସର ଘୋର ଅଭାବ ପରିଲକ୍ଷିତ ହୁଏ। ମୋ ଦ୍ୱାରା ହେବନି, ମୁଁ ପାରିବିନି, ଏତେ କଷ୍ଟ କିଏ କରିବ, କାଲି କରିବି ଏଭଳି ଉକ୍ତି ରଖୁଥିବା ମଣିଷ ନିଜର ସ୍ୱପ୍ନକୁ ଆରମ୍ଭରୁ ହିଁ ମାରିଦିଏ। ଯିଏ କହେ ମୁଁ ପାରିବିନି ବା ସେ କାର୍ଯ୍ୟ ମୋ ଦ୍ୱାରା ହେବନି ସେ କାମ ଆରମ୍ଭ କରିବା ପୂର୍ବରୁ ହିଁ ପରାଜୟ ସ୍ୱୀକାରକରି ଦେଇଥାଏ। ଏହା ନିରାଶାର ଭାବନା ଏବଂ ଆତ୍ମବିଶ୍ୱାସର ଅଭାବ। ମୁଁ ପାରିବିନି କହିବାର ଅର୍ଥ ହେଲା ନିଜ କ୍ଷମତାକୁ ସେ କେବେ ବିଶ୍ୱାସ କରେନାହିଁ। ସଫଳତା ସେହିଥିରେ ଆସେ, ଯେଉଁଠି ସକାରାତ୍ମକ ଭାବନା ଥାଏ। ନକାରାତ୍ମକ ମନୋଭାବ ଥିଲେ ପାଦେ ପାଦେ ବିଫଳତା ଆସିଥାଏ। ପ୍ରୟାସ ସେତେବେଳେ ସଫଳ ହୋଇପାରେ, ଯେବେ ମୁଁ ପାରିବି ବୋଲି ବିଶ୍ୱାସ ରହେ। ସଫଳତା ପାଇଁ ପ୍ରୟାସ ଆବଶ୍ୟକ। କିନ୍ତୁ ଯିଏ କହେ, କଷ୍ଟ କିଏ କରିବ ସେ ପ୍ରୟାସରୁ ଓହରିଯାଇଥାଏ। କିନ୍ତୁ କଷ୍ଟ ବିନା କେବେ ସଫଳତା ମିଳେନାହିଁ। କଷ୍ଟ ହେଉଛି ସଫଳତାର ଶିଡ଼ି, ଯାହା ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ। ପ୍ରୟାସର ମୂଳ ଆଧାର ପରିଶ୍ରମ। ଯେତେ କଷ୍ଟ, ସେତେ ଫଳ। ଯିଏ ପରିଶ୍ରମ କାତର ସେ ସୁଯୋଗ ହରାଇଥାଏ ଏବଂ ଜୀବନରେ ପଛୁଆ ହୋଇ ରହିଥାଏ। 'କାଲି କରିବି' – ଏହି ଅଭ୍ୟାସଟି ଆମ ଦୈନନ୍ଦିନ ଜୀବନର ସର୍ବାଧିକ ପ୍ରଚଳିତ କଥା। କାଲିରେ କାମ ସରିବ ବୋଲି ଆମେ ନିଜକୁ ସାନ୍ତ୍ୱନା ଦେଇଥାଉ, କିନ୍ତୁ ସେହି କାଲି କେବେ ଆସେନି। ପ୍ରତ୍ୟେକ କାଲି ପୁଣି ଆଜିରେ ପରିଣତ ହୁଏ। ସେହିପରି ଆମର ସ୍ୱପ୍ନ, ଲକ୍ଷ୍ୟ ଓ କାମଗୁଡ଼ିକ କାଲିକୁ ରହିଲେ ସେଗୁଡ଼ିକ ସର୍ବଦା ଅପୂର୍ଣ୍ଣ ରହିଯାଏ। ବିଶ୍ୱରେ ଯେଉଁମାନେ ସଫଳ ହୋଇଛନ୍ତି, ସେମାନଙ୍କ ଜୀବନରୁ ଏ କଥା ସ୍ପଷ୍ଟ –ସେମାନେ କାଲି ପାଇଁ ଅପେକ୍ଷାକରି ନ ଥିଲେ। ଥୋମାସ ଏଡିସନ ୧୦୦୦ରୁ ଅଧିକ ବିଫଳ ପରୀକ୍ଷଣ ପରେ ବିଦ୍ୟୁତ୍ ବଲ୍‌ବ ଆବିଷ୍କାରକଲେ। ଯଦି ସେ କାଲି ପାଇଁ ଛାଡ଼ି ଦେଇଥାନ୍ତେ, ଆଜି ବିଶ୍ୱ ଅନ୍ଧକାରରେ ରହୁଥାନ୍ତା। ମହାତ୍ମା ଗାନ୍ଧୀ ଯଦି କାଲି ପାଇଁ ଅପେକ୍ଷା କରିଥାନ୍ତେ, ସ୍ୱାଧୀନତା ଆନ୍ଦୋଳନ କେବେ ଗତି କରିପାରି ନ ଥାନ୍ତା।



ପ୍ରୟାସ ହେଉଛି ଜୀବନର ମୂଳ ଚାବି, ଯାହା ବିନା କୌଣସି ସଫଳତା ସମ୍ଭବ ନୁହେଁ। ଆଜିର ପରିଶ୍ରମ, ନିଷ୍ଠା ଓ ଧୈର୍ଯ୍ୟ କାଲିର ଉଜ୍ଜ୍ୱଳ ସଫଳତାକୁ ନିଶ୍ଚିତକରେ। ଯେଉଁଠି ସଫଳତାର ପରିଭାଷା ପ୍ରତ୍ୟେକଙ୍କ ପାଇଁ ଅଲଗା, ସେଠି ଏକମାତ୍ର ସାଧାରଣ ସତ୍ୟ ହେଲା ଅନବରତ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ବିନା ସଫଳତା ସମ୍ଭବ ନୁହେଁ। ପରିଶ୍ରମୀ, ସହନଶୀଳ ଓ ସକାରାତ୍ମକ ମନୋଭାବ ବ୍ୟକ୍ତିଙ୍କ ପାଇଁ କୌଣସି ଲକ୍ଷ୍ୟ ଦୂର ନୁହେଁ। ଯେପରି ସୂର୍ଯ୍ୟ ଉଦୟ ପୂର୍ବରୁ ଅନ୍ଧକାର ଅପସରି ଯାଏ, ସେପରି ପ୍ରୟାସର ଆଲୋକରେ ଅସଫଳତା ଦୂରୀଭୂତ ହୋଇ ସଫଳତାର ପ୍ରଭାତ ଆସିଥାଏ। ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ। ସେହି ସୁଯୋଗକୁ କାଲି ପାଇଁ ଛାଡ଼ିଦେଲେ, ଏହା ଆଉ କେବେ ମିଳେନାହିଁ। ଆମର ପ୍ରୟାସ ପରିଶ୍ରମ ଓ ସଫଳତାର ସ୍ଥାନ କେବଳ ଆଜି।

ମୋ: ୯୩୪୮୧୨୭୪୪୭

## ଏଇ ଭାରତରେ

ଅପରାହ୍ନ ୩ଟା ବେଳକୁ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ସାଇ ମନ୍ଦିର ପାଖକୁ ପିଲାମାନେ ବ୍ୟାଗ୍ ଧରି ଯାଉଥିବାର ଦେଖିବେ। ଏହା କୌଣସି ସ୍କୁଲ ଛୁଟି ସମୟର ଦୃଶ୍ୟ ନୁହେଁ, ବରଂ ବସ୍ତିର ପିଲାମାନେ ପଢ଼ିବାକୁ ଆସୁଥିବାର ସମୟ। ପିଲାମାନେ ପ୍ରତିଦିନ ୩ଟାରୁ ୫।୩୦ ଯାଏ ସାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନରେ ପଢୁଛନ୍ତି। ଏହି ସ୍କୁଲର ନାମ 'ଥାନ୍ ସିଂ କା ପାଠଶାଳା'। ଦିଲ୍ଲୀର ବିଭିନ୍ନ ବସ୍ତିରୁ ପିଲାମାନେ ଏହି ପାଠଶାଳାକୁ ପଢ଼ିବା ପାଇଁ ଆସୁଛନ୍ତି। ଯେଉଁ ପିଲାମାନେ ସ୍କୁଲ ଶିକ୍ଷାଠାରୁ ଦୂରେଇ ରହି ବିଭିନ୍ନ କାମରେ ନିୟୋଜିତ ହେଉଥିଲେ ସେମାନଙ୍କୁ ଉଦ୍ଧାରକରି ଥାନ୍ ସିଂ ପାଠଶାଳାକୁ ଆଣୁଛନ୍ତି। ଥାନ୍ ସିଂ ଏବେ ଦିଲ୍ଲୀ ପୋଲିସର ହେଡ୍ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ। ପାଠଶାଳରେ ୩ରୁ ୧୫ ବର୍ଷ ବୟସର ପିଲାମାନେ ପଢୁଛନ୍ତି। ଥାନ୍ ସିଂ ଓ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଏଠାରେ ପଢ଼ାଉଛନ୍ତି। ଅନେକ ଇ-ଅଟୋରିକ୍ସା ଚାଳକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ବସ୍ତିରୁ ପିଲାମାନଙ୍କୁ ଏହି ପାଠଶାଳାକୁ ଆଣୁଛନ୍ତି। ଅନୁଦାନ ଅର୍ଥରେ ଏହା ଚାଲୁଛି ଏବଂ ପିଲାମାନଙ୍କ ପଢ଼ିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ପ୍ରଥମେ ପାଠଶାଳାକୁ ୫ ଜଣ ପିଲା ପଢ଼ିବାକୁ ଆସୁଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଅକ୍ଟୋବର ୧୯୭୬

- ରାଜସ୍ଥାନ ପ୍ରଦେଶ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ।
- ବମ୍ବେ ମହାନଗରୀର ଉନ୍ନୟନ ନିମନ୍ତେ ବିଶ୍ୱବ୍ୟାଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଛବିକୁ ଅସମ୍ମାନ

ମହାଶୟ,

ସମାଜରେ ଦେବଦେବୀଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ରହିଛି। କିନ୍ତୁ ଆଧୁନିକ ବ୍ୟବସାୟିକ ଦୁନିଆରେ ଦେବଦେବୀଙ୍କ ଫଟୋ ବ୍ୟବହାର ଏବଂ ଏହାର ଅସମ୍ମାନକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଆଜିର ବଜାରରେ ବିକ୍ରି ହେଉଥିବା ଅନେକ ପୂଜା ସାମଗ୍ରୀ ଯେପରି କି ଅଗରବତି, ଧୂପ, କର୍ପୂର, ଦୈନନ୍ଦିନ ବ୍ୟବହାର ଜିନିଷ, ପ୍ୟାକେଜିଂ କଭର ଏବଂ ବିଭିନ୍ନ ଖାଦ୍ୟପଦାର୍ଥର ଆବରଣରେ ଦେବଦେବୀଙ୍କ ଛବି ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ନିଜ ଦ୍ରବ୍ୟର ପ୍ରଚାର ପ୍ରସାର ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଚିତ୍ରଗୁଡ଼ିକୁ ବ୍ୟବସାୟର ମାଧ୍ୟମ କରୁଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ଲାଭଜନକ ହୋଇପାରେ, କିନ୍ତୁ ଏହାର ପରିଣାମ ଆମ ସାମାଜିକ ଓ ଧାର୍ମିକ ପବିତ୍ରତା ପାଇଁ କ୍ଷତିକାରକ ହେଉଛି। କାରଣ ଏହି ସାମଗ୍ରୀଗୁଡ଼ିକ ବ୍ୟବହାର ହେବା ପରେ ଏହାର ଖୋଳ ବା ଆବରଣଗୁଡ଼ିକୁ ଆମେ ଅଳିଆ ଭାବି ରାସ୍ତାରେ, ଡ୍ରେନ୍‌ରେ, ଘର ବାହାରେ କିମ୍ବା ଅଳିଆଗଦାରେ ଫିଙ୍ଗିଦେଉଛୁ। ଏହି ସମସ୍ୟାର ସମାଧାନ ପାଇଁ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ୱଇଚ୍ଛାରେ ଏହି ଧାର୍ମିକ ଚିତ୍ରଗୁଡ଼ିକର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ। ସାଧାରଣ ଜନତା ଏପରି ଉତ୍ପାଦ କିଣିବାକୁ ପ୍ରତ୍ୟାଖ୍ୟାନ କରିବା ଦରକାର। ସରକାର ଏହା ଉପରେ କଡ଼ା ନିୟମ ଜାରିକରି ଏକ କଠୋର ଆଇନ ପ୍ରଣୟନ କରିବାକୁ ପଡ଼ିବ। ସମୟ ଆସିଛି, ଆମେ ସମସ୍ତେ ମିଶି ଏହି ଅସମ୍ମାନଜନକ ପ୍ରଥାକୁ ବନ୍ଦକରିବା ଏବଂ ଆମର ଧାର୍ମିକ ମୂଲ୍ୟବୋଧର ମର୍ଯ୍ୟାଦା ବଜାୟ ରଖିବା।

–ଅଖିଳ ତରାଇ ,ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | 3 | | | | | 8 |
| | | | | | 7 | | 3 | |
| | | | | 2 | | | 9 | 7 |
| | | | 8 | 3 | 5 | | | |
| | 6 | | | | | | | |
| 4 | | | 7 | | | 1 | | |
| | | | | | 4 | 9 | | |
| | | | 5 | | | | 4 | |
| 9 | 2 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 5 | 2 | 1 | 7 | 9 |
| 9 | 5 | 2 | 8 | 1 | 7 | 4 | 3 | 6 |
| 7 | 1 | 3 | 9 | 6 | 4 | 2 | 8 | 5 |
| 2 | 3 | 6 | 4 | 7 | 5 | 8 | 9 | 1 |
| 1 | 7 | 9 | 2 | 8 | 6 | 5 | 4 | 3 |
| 4 | 8 | 5 | 1 | 9 | 3 | 7 | 6 | 2 |
| 5 | 9 | 8 | 7 | 3 | 1 | 6 | 2 | 4 |
| 3 | 2 | 1 | 6 | 4 | 8 | 9 | 5 | 7 |
| 6 | 4 | 7 | 5 | 2 | 9 | 3 | 1 | 8 |

ଗତକାଲିର ଉତ୍ତର

## ଖରିଫ ଧାନ କିଣାରେ ବାଧା ଆଶଙ୍କା

# ମିଲ୍‌ରୁ ଉଠୁନି ଚାଉଳ

### କେଏମ୍ଏସ୍ ୨୦୨୪-୨୫ରେ ସଂଗୃହୀତ ହୋଇଛି ୫୯.୩୯% ଚାଉଳ

ସୋନପୁର,୨୭।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନକିଣା ପ୍ରକ୍ରିୟାକୁ ଆଉ ମାତ୍ର ଦେଢ଼ମାସ ବାକି ରହିଛି। ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏପର୍ଯ୍ୟନ୍ତ ମିଲର୍ସମାନଙ୍କଠାରୁ ଗତ ଖରିଫ ମାର୍କେଟିଂ ସିଜିନ(କେଏମ୍ଏସ୍) ୨୦୨୪-୨୫ବର୍ଷର ପ୍ରାୟ ୪୦ପ୍ରତିଶତ କଷ୍ଟମ ମିଲଡ୍ ରାଇସ୍(ସିଏମଆର) ସଂଗୃହୀତ ହୋଇପାରିନାହିଁ। ସେଥିରେ ସରକାର ବିଫଳ ହୋଇଥିବା ବେଳେ ସେହି ଚାଉଳ ଓ ଚାଷୀଙ୍କଠାରୁ ସଂଗୃହୀତ ଧାନରେ ଜିଲାର ମିଲଗୁଡିକ ପୁରି ରହିଛି। ଏଭଳି ସ୍ଥିତିରେ ମିଲରୁ ଚାଉଳ ଉଠା ନ ଗଲେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୁବର୍ଣ୍ଣପୁର ଧାନ ଉତ୍ପାଦନରେ ବଳକା ଜିଲା। ଜିଲାର ଗରିବ ଲୋକଙ୍କୁ ପିଡିଏସ୍‌ରେ ମାଗଣା ରାଶନ ଆକାରରେ ମାସିକ ମାତ୍ର ୩୦ହଜାର କୁଇଣ୍ଟାଲ ଚାଉଳ ବଣ୍ଟନ ହୋଇଥାଏ। ତେଣୁ ଏହି ଜିଲାରୁ ବଳକା ଚାଉଳ ରପ୍ତାନି ହୁଏ। ଜିଲାର ପଞ୍ଜୀକୃତ ୭୧ହଜାର ୪୫୩ଚାଷୀଙ୍କ ନିକଟରୁ ଆସନ୍ତା ୨୦୨୫-୧୬ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି। ଏଥିପାଇଁ ୨୮ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହେବ। ତେବେ ସିଏମଆର ସଂଗ୍ରହରେ ଧିମା ଯୋଗୁ ଚଳିତଥର ଧାନକିଣାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ସୋମବାର ସୁଦ୍ଧା ଜିଲାର ମିଲର୍ସମାନେ ଗତ କେଏମ୍ଏସ୍‌ର ମାତ୍ର ୫୯.୩୯% ସିଏମଆର ସରକାରଙ୍କୁ ପ୍ରଦାନ କରିଛନ୍ତି। ମିଲର୍ସମାନଙ୍କ ଗୋଦାମରେ ଧାନ ଓ ଚାଉଳ ଭର୍ତ୍ତି ହୋଇରହିଛି। ପ୍ରାୟ ୧ବର୍ଷ ହେବ ମିଲ୍‌ରେ ରହିବା କାରଣରୁ ଧାନର ମାନ ହ୍ରାସ ପାଇଲାଣି। ଏପରିକି ଆଉ ଧାନକୁ ସୁରକ୍ଷିତ ରଖିବା ପାଇଁ ମିଲ୍‌ଗୁଡିକରେ ଜାଗା ନାହିଁ। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ଆସନ୍ତା ଖରିଫ୍ ଧାନ କେଉଁଠି ରଖିବେ ସେ ଚିନ୍ତା ଜିଲା ପ୍ରଶାସନକୁ ଘାରିଛି। ଡିସେମ୍ବର ୧୦ ପୂର୍ବରୁ ଏହି ଚାଉଳ ସବୁକୁ ଉଠା ନ ଗଲେ ସେତେବେଳେ ମିଲର୍ସଙ୍କ ପକ୍ଷରେ ମଣ୍ଡିରୁ ଧାନ ଉଠାଇ ମିଲ୍‌ରେ ରଖିବା ସମ୍ଭବ ହେବନାହିଁ ଏବଂ ଧାନ ସଂଗ୍ରହ ପ୍ରକ୍ରିୟାରେ ଜଟିଳ ସ୍ଥିତି ଉପୁଜିବ।

କେଏମ୍ଏସ୍ ୨୦୨୪-୨୫ ଖରିଫ ଓ ରବିରେ ଏହି ଜିଲାରୁ ମିଲର୍ସ ୭୧ଲକ୍ଷ ୮୮ହଜାର ୨୩୮କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୪୨ଲକ୍ଷ ୩୧ହଜାର ୫୯୨କୁଇଣ୍ଟାଲ ସିଏମ୍ଆର ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ ୨୫ଲକ୍ଷ ୧୨ହଜାର ୯୯୭କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୧୭ଲକ୍ଷ ୧୮ହଜାର ୫୯୪କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ମାନେ ନେଉଥିବା ଧାନର ସିଏମ୍ଆର ଡୁଙ୍ଗୁରିପାଲି ଓ ସୋନପୁର ସ୍ଥିତ ଏଫ୍‌ସିଆଇ ଡିପୋରେ ଦିଅନ୍ତି। କିନ୍ତୁ ଟ୍ରେନ୍‌ରେ ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଉଭୟ ଡିପୋରେ ସିଏମ୍ଆର ସଂଗ୍ରହ ଏକପ୍ରକାର ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ଚାଉଳ ଗଚ୍ଛିତ ରଖୁନାହାନ୍ତି। ରେକ୍‌ର ମୋମେଣ୍ଟ ନଥିବାରୁ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ଫଳରେ ମିଲର୍ସମାନେ ଠିକ୍ ସମୟରେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେଇ ପାରିନାହାନ୍ତି। ଆଉ ୪୫ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ମିଲର୍ସମାନେ ଏକ ସମୟରେ ମଣ୍ଡିରୁ ଧାନ ସଂଗ୍ରହ କରିବା ସହିତ ସରକାରଙ୍କୁ ସିଏମ୍ଆର ଦେବେ। ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜିଲା କୃଷକ ସଙ୍ଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଓ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ କହିଛନ୍ତି। ଚଳିତ ଖରିଫ୍‌ରେ ଜିଲାରେ ପ୍ରାୟ ୮୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଧାନ ବିକ୍ରି ପାଇଁ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାର ତ୍ରୁଟିଶୂନ୍ୟ ତଥା ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ ପାଇଁ ଗୁରୁତ୍ୱ ଦେଉଛନ୍ତି। ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନ୍‌ପୁଟ୍ ସହାୟତା ମିଳିବା ପରେ ଜିଲାର ଚାଷୀ ଧାନ ଚାଷ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ସେହି ଅନୁଯାୟୀ ସିଏମ୍ଆର ସଂଗ୍ରହକୁ ସରକାର ଗୁରୁତ୍ୱ ଦେବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

ଏ ସମ୍ପର୍କରେ ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ସିଏମଆର ସମ୍ପର୍କରେ ସରକାରଙ୍କୁ ବିଭିନ୍ନ ଫୋରମରେ ଅବଗତ କରାଯାଇଛି। ମିଲରଙ୍କ ଗୋଦାମ ଖାଲି ନ ହେଲେ ଆସନ୍ତା ଧାନ ସଂଗ୍ରହ ସମୟରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।



ମିଲର୍ସଙ୍କ ଗୋଦାମରେ ଚାଉଳ ଭର୍ତ୍ତି ବସ୍ତା ଗଚ୍ଛିତ ହୋଇ ରହିଛି।

# ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରା କରିବି



ପ୍ରଚାର ମଇଦାନରେ ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।

ନୂଆପଡ଼ା,୨୭।୧୦ (ମକାରୁ ବେମାଲ)

ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜେଡିରେ ରହିଥିଲେ । ନୂଆପଡା ପାଇଁ ସେ ଅନେକ ବିକାଶ କାର୍ଯ୍ୟ କରି ଯାଇଛନ୍ତି। ନୂଆପଡ଼ାବାସୀ ଆଶୀର୍ବାଦ କଲେ ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି ବୋଲି ଏହି ଉପନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ପ୍ରଚାର ସମୟରେ ଭୋଟରଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ଉପନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରମୁଖ ଦଳର ପ୍ରଚାର ସେତିକି ଜୋରଦାର ହେବାରେ ଲାଗିଛି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ଓ କର୍ମୀ ଗାଁକୁ ଗାଁ ଯାଇ ଭୋଟ ଭିକ୍ଷା କରୁଛନ୍ତି । ସେଠାରେ ନିଜ ଦଳର ବିକାଶ କଥା କହି ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। କେଉଁଠାରେ ନାଚଗୀତ କରି ଲୋକଙ୍କୁ ଖୁସି କରୁଛନ୍ତି ତ ଅନ୍ୟ କେଉଁଠି ଭାଷଣ ମାଧ୍ୟମରେ ଭୋଟରଙ୍କୁ ମୋହିତ କରୁଛନ୍ତି । ପ୍ରାର୍ଥିନୀ ଛୁରିଆ ନବୀନ ସରକାରଙ୍କ ୨୪ ବର୍ଷର ଶାସନ କାଳରେ ହୋଇଥିବା ବିକାଶ କଥା କହିବା ସହ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୂଆପଡା ଜିଲା ଗଠନରେ ଅବଦାନ ରହିଛି ଓ ସେ ନୂଆପଡାକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେଇ ଜିଲାକୁ ବିକାଶ ପଥରେ ଆଗେଇ ନେଇଥିବା କହିଥିଲେ।

# ପ୍ରଚାର ମଇଦାନରେ ପ୍ରମୁଖ ଦଳ



ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି ଜୟ ଢୋଲକିଆ।

ନୂଆପଡ଼ା,୨୭।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳର ନିର୍ବାଚନୀ ପ୍ରଚାର ଏକପ୍ରକାର ରୋଚକ ମୋଡ ନେଇଛି। ନିର୍ବାଚନୀ ବୈତରଣି ପାରି ହେବା ପାଇଁ ନେତା ଓ କର୍ମୀ କସରତ କରି ଚାଲିଛନ୍ତି। ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ନିଜ ବାପା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ଲଗାଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ବାପା ୪ ଥର ବିଧାୟକ ହୋଇ ଜିଲାର ବିକାଶ କରିବା ସହ ଲୋକଙ୍କ ସେବା କରିଆସୁଥିଲେ। ଜିଲାବାସୀ ଆଶୀର୍ବାଦ କଲେ ଜିଲାର ବିକାଶ ସହ ଲୋକଙ୍କ ସେବା କରି ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଜାତିଭିତ୍ତିକ ଭୋଟକୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଗାଁ ଗାଁରେ ଜାତି ଭାଇମାନଙ୍କ ସହ ସଭା କରି ଭୋଟ ଭିକ୍ଷା କରୁଛନ୍ତି। ଗାଁ ମାଟିର ପିଲାକୁ ଥରେ ସୁଯୋଗ ଦିଅ, କଂଗ୍ରେସ ସବୁବେଳେ ଗରିବ ଓ କୃଷିର ବିକାଶ ଚାହେଁ ବୋଲି କହିଥିଲେ ।

# ‘ଟଙ୍କା ଯିଏ ଦେବ ଭୋଟ ତା’ର’

ନୂଆପଡ଼ା,୨୭।୧୦ (ସୁନିତ ମିଶ୍ର)

ଦଳ ଗୋଟାଏ ଆଡେ, ଟଙ୍କା ଯିଏ ଦେବ ଭୋଟ ତା’ର। ଏଠି ବଡ଼ ନେତା ବିକ୍ରି ହୋଇ ଯାଉଛନ୍ତି, ଆମେ ତ ଅଭାବୀ ଲୋକ। ଆମର କ’ଣ ଟଙ୍କା ଦରକାର ନାହିଁ। ସୋମବାର ଉପନିର୍ବାଚନର ସ୍ଥିତି ପରଖିବା ସମୟରେ ନୂଆପଡ଼ା ନିର୍ବାଚନ ମଣ୍ଡଳୀ ନୂଆପଡ଼ା ବ୍ଲକ ଅନ୍ତର୍ଗତ ବିଶୋରା ପଞ୍ଚାୟତର ଜଣେ ମହିଳା ଭୋଟରଙ୍କ ମୁହଁରୁ ଏଭଳି କଥା ଶୁଣିବାକୁ ମିଳିଛି। ନୂଆପଡ଼ା ବ୍ଲକ ୭ ନମ୍ବର ଜୋନର ବିଶୋରା, କାଦୋମେରୀ, ଭାଲେଶ୍ୱର, ବେଲଟୁକୁରୀ ଆଦି ଗ୍ରାମ ପଞ୍ଚାୟତ ବୁଲି ଲୋକମାନେ କିପରି ନିଜର ଆଭିମୁଖ୍ୟ ରଖୁଛନ୍ତି ସେ ବିଷୟରେ ଜାଣିବାକୁ ଚେଷ୍ଟା କରିବା ବେଳେ ଭିନ୍ନ କଥା ନଜରକୁ ଆସିଥିଲା। ଲୋକଙ୍କ କହିବା ଅନୁଯାୟୀ, ସେମାନେ ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କୁ ଦୀର୍ଘବର୍ଷ ଧରି ବିଜେଡ଼ିରେ ସେବା କରୁଥିବା ଦେଖିବାକୁ ପାଇଛନ୍ତି। ଏବେ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ କିଏ ପାଖରେ ରହି ସେମାନଙ୍କୁ ସେବା ଯୋଗାଇବ ତାକୁ ଦେଖୁଛନ୍ତି। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲାର ନେତ୍ରୀ। ଯଦି କିଛି ଅସୁବିଧା ହୁଏ, ସେମାନେ କ’ଣ ନିଜ ସମସ୍ୟା ଜଣାଇବାକୁ ବରଗଡ଼ ଯିବେ କି ବୋଲି ପ୍ରଶ୍ନ ଉଠାଇଥିଲେ। ଆହୁରି କହିଥିଲେ ଉପରେ ମୋଦି ସରକାର, ତଳେ ମୋହନ ମାଝୀ ସରକାର। ତେଣୁ ବିଜେଡିକୁ ଭୋଟ ଦେଇ କ’ଣ ଲାଭ ହେବ। ଅନ୍ୟପଟେ ଘାସିରାମ ଗଲାଥର ନିର୍ଦ୍ଦଳୀୟ ପ୍ରାର୍ଥୀ ହୋଇଥିଲେ। ଏବେ ସେ କଂଗ୍ରେସରେ ମିଶିଛନ୍ତି। ଏଥିପାଇଁ ଆଦିବାସୀ ଭୋଟରମାନେ ତାଙ୍କ ଉପରେ ଖୁସି ନାହାନ୍ତି। ତେଣୁ ତାଙ୍କୁ ଭୋଟ ଦେଲେ ସେ ଜିତିବେ ନା ନାହିଁ ଜଣାପଡୁ ନାହିଁ। ଜୟ ଢୋଲକିଆ ଭାଜପାରେ ଯୋଗ ଦେଇସାରିଛନ୍ତି। ସିଏ ଭାଜପାକୁ ଆସିବା ପରେ ତାଙ୍କ ଦଳର ମୂଳ କର୍ମୀ, ଯେଉଁମାନେ ଗତ ନିର୍ବାଚନରେ ସେହି ଦଳରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡାଙ୍କ ପାଇଁ କାମ କରୁଥିଲେ ସେମାନେ ନିରାଶ ହୋଇଯାଇଛନ୍ତି। କାରଣ ଜୟଙ୍କ ସାଙ୍ଗରେ ଯେଉଁମାନେ ଆଗରୁ ବିଜେଡିର କର୍ମୀ ଥିଲେ ସେମାନେ ଭାଜପାକୁ ଆସି ଆଗଧାଡିର ମୁଣ୍ଡିଆଳ ବନିଛନ୍ତି। ସରକାର ଆସିବା ପରେ ଧାନ ବିକ୍ରି, ସାର କଳାବଜାରୀ ନୟାନ୍ତ କରିଛି। ତେଣୁ ନବୀନ ଜଣେ ଭଲ ନେତା ହେଲେ ୨୦୨୯ରେ ଆମେ ତାଙ୍କୁ ଭୋଟ ଦେବୁ ବୋଲି ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଛି।

## ୮କେଜି ଗଞ୍ଜେଇ ଜବତ

ପାଟଣାଗଡ଼,୨୭।୧୦ (ସଚ୍ଚିଦାନନ୍ଦ ମହାକୁର)

ସୋମବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ପାଟଣାଗଡ ଥାନା ପୋଲିସ ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଉକ୍ତ ଥାନା ପଣ୍ଡାମୁଣ୍ଡା ଗ୍ରାମର ସୁଶୀଲ ଦିପ (୩୨)। ପ୍ରକାଶ ଯେ, ଯୁବକ ଜଣକ ପାଟଣାଗଡ଼ ପଦ୍ମପୁର ରାସ୍ତାର ଧଅରାଦାଦର ଗ୍ରାମ ଦେଇ ଏକ ଜରି ବସ୍ତା ଧରି ଯାଉଥିଲେ। ସେହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ଗ୍ରାମର ଛକ ନିକଟରେ ଜଗି ରହି ଯୁବକଙ୍କୁ ଧରି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଙ୍କ ଠାରୁ ୮ କେଜି ଗଞ୍ଜେଇ ଜବତ ହୋଇଥିଲା।

## ‘ଉଲ୍ଲାସ’ ପରୀକ୍ଷା ଦେଲେ ୧୮୩୧୫ ପରୀକ୍ଷାର୍ଥୀ

ସମ୍ବଲପୁର,୨୭।୧୦(ଭବାନୀ ଶଙ୍କର ଭୋଇ)

ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସରେ ଜିଲାର ୧୮ ୩୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ନିରୀକ୍ଷଣ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ଜିଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଣ ସାକ୍ଷର ବ୍ୟକ୍ତିଙ୍କୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଏକ ସର୍ଭେ ମାଧ୍ୟମରେ ଚିହ୍ନଟ କରିଥିଲେ। ଚିହ୍ନଟ କରାଯାଇଥିବା ସବୁ ଶିକ୍ଷାର୍ଥୀଙ୍କୁ ପୁସ୍ତକ ପ୍ରଦାନ କରାଯାଇଥିବା ସହ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଜିଲାର ନବଭାରତ ସାକ୍ଷରତା ଉଲ୍ଲାସର ନୋଡାଲ ଅଫିସର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷା ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହେଇଥିଲା। ପରୀକ୍ଷାର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ନିରୀକ୍ଷକଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। କେନ୍ଦ୍ର ସରକାର ଦେଶରେ ଶତ ବିଭିନ୍ନ କାରଣରୁ ପାଠପଢାରୁ ବଞ୍ଚିତ ରହି ନିରକ୍ଷର ରହିଥିବା ଲୋକଙ୍କୁ ଚିହ୍ନଟ କରାଯିବା ପରେ ସେମାନଙ୍କୁ ସାକ୍ଷର କରିବା ପାଇଁ ଉଦ୍ୟମ କରାଯାଉଥିବା ଜିଲା ଶିକ୍ଷା ଅଧିକାରୀ ଭୋଇ କହିଛନ୍ତି।

# ରେଳ ମଣ୍ଡଳରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ସମ୍ବଲପୁର ରେଳ ମଣ୍ଡଳରେ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତି ଓ ସଚୋଟତାର ଶପଥ ଗ୍ରହଣ କରୁଛନ୍ତି।

ସମ୍ବଲପୁର,୨୭।୧୦ (ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ପାଳିତ ହେଉଛି। ଏହି ଅବସରରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ(ଡିଆରଏମ୍) ସୁବାଷ ଚନ୍ଦ୍ର ଚୌଧୁରୀ ତାଙ୍କ କାର୍ଯ୍ୟାଳୟ ପ୍ରଗତି ଧାରାଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ଦୁର୍ନୀତି ନିବାରଣ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ ଉତ୍ସବରେ ଅଂଶଗ୍ରହଣ କରିଥିଲେ।


## ସତର୍କତା ଜାଗରଣ ସପ୍ତାହ
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

### “ସତର୍କତା: ଆମର ମିଳିତ ଦାୟିତ୍ୱ”

#### ➤ ଉପଭୋକ୍ତାମାନଙ୍କୁ ନିବେଦନ ◀

- ➢ ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ➢ ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ➢ ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ➢ ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ➢ ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ “ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ” କିମ୍ବା “PIDPI” ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ➢ ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26



## OFFICE OF PRINCIPAL
## EKLAVYA MODEL RESIDENTIAL SCHOOL

Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

### SHORT TENDER CALL NOTICE FOR HIRING OF VEHICLE

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify “invitation for bids” or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ମିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍ଆରଓ: ମାହାଙ୍ଗା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜଟିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଇଣ୍ଡିୟନ ବୈଙ୍କ Indian Bank
ଇଲାହାବାଦ ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

## ଦଖଲ ନୋଟିସ୍
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଖରିଫ ଧାନ କିଣାରେ ବାଧା ଆଶଙ୍କା

# ମିଲ୍‌ରୁ ଉଠୁନି ଚାଉଳ

## କେଏମ୍‌ଏସ୍ ୨୦୨୪-୨୫ରେ ସଂଗୃହୀତ ହୋଇଛି ୫୯.୩୯% ଚାଉଳ

ସୋନପୁର,୨୭।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନକିଣା ପ୍ରକ୍ରିୟାକୁ ଆଉ ମାତ୍ର ଦେଢମାସ ବାକି ରହିଛି। ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏପର୍ଯ୍ୟନ୍ତ ମିଲର୍ସମାନଙ୍କଠାରୁ ଗତ ଖରିଫ ମାର୍କେଟିଂ ସିଜିନ(କେଏମ୍‌ଏସ୍) ୨୦୨୪-୨୫ବର୍ଷର ପ୍ରାୟ ୪୦ପ୍ରତିଶତ କଷ୍ଟମ ମିଲଡ୍ ରାଇସ୍(ସିଏମଆର) ସଂଗୃହୀତ ହୋଇପାରିନାହିଁ। ସେଥିରେ ସରକାର ବିଫଳ ହୋଇଥିବା ବେଳେ ସେହି ଚାଉଳ ଓ ଚାଷୀଙ୍କଠାରୁ ସଂଗୃହୀତ ଧାନରେ ଜିଲାର ମିଲଗୁଡିକ ପୁରି ରହିଛି। ଏଭଳି ସ୍ଥିତିରେ ମିଲରୁ ଚାଉଳ ଉଠା ନ ଗଲେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୁବର୍ଣ୍ଣପୁର ଧାନ ଉତ୍ପାଦନରେ ବଳକା ଜିଲା। ଜିଲାର ଗରିବ ଲୋକଙ୍କୁ ପିଡିଏସ୍‌ରେ ମାଗଣା ରାଶନ ଆକାରରେ ମାସିକ ମାତ୍ର ୩୦ହଜାର କୁଇଣ୍ଟାଲ ଚାଉଳ ବଣ୍ଟନ ହୋଇଥାଏ। ତେଣୁ ଏହି ଜିଲାରୁ ବଳକା ଚାଉଳ ରପ୍ତାନି ହୁଏ। ଜିଲାର ପଞ୍ଜୀକୃତ ୭୧ହଜାର ୪୫୩ଚାଷୀଙ୍କ ନିକଟରୁ ଆସନ୍ତା ୨୦୨୫-୨୬ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି। ଏଥିପାଇଁ ୨୮ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହେବ। ତେବେ ସିଏମଆର ସଂଗ୍ରହରେ ଧିମା ଯୋଗୁ ଚଳିତଥର ଧାନକିଣାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ସୋମବାର ସୁଦ୍ଧା ଜିଲାର ମିଲର୍ସମାନେ ଗତ କେଏମ୍‌ଏସ୍‌ର ମାତ୍ର ୫୯.୩୯% ସିଏମ୍‌ଆର ସରକାରଙ୍କୁ ପ୍ରଦାନ କରିଛନ୍ତି। ମିଲର୍ସମାନଙ୍କ ଗୋଦାମରେ ଧାନ ଓ ଚାଉଳ ଭର୍ତ୍ତି ହୋଇରହିଛି। ପ୍ରାୟ ୧ବର୍ଷ ହେବ ମିଲ୍‌ରେ ରହିବା କାରଣରୁ ଧାନର ମାନ ହ୍ରାସ ପାଇଲାଣି। ଏପରିକି ଆଉ ଧାନକୁ ସୁରକ୍ଷିତ ରଖିବା ପାଇଁ ମିଲ୍‌ଗୁଡିକରେ ଜାଗା ନାହିଁ। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ଆସନ୍ତା ଖରିଫ୍ ଧାନ କେଉଁଠି ରଖିବେ ସେ ଚିନ୍ତା ଜିଲା ପ୍ରଶାସନକୁ ଘାରିଛି। ଡିସେମ୍ବର ୧୦ ପୂର୍ବରୁ ଏହି ଚାଉଳ ସବୁକୁ ଉଠା ନ ଗଲେ ସେତେବେଳେ ମିଲର୍ସଙ୍କ ପକ୍ଷରେ ମଣ୍ଡିରୁ ଧାନ ଉଠାଇ ମିଲ୍‌ରେ ରଖିବା ସମ୍ଭବ ହେବନାହିଁ ଏବଂ ଧାନ ସଂଗ୍ରହ ପ୍ରକ୍ରିୟାରେ ଜଟିଳ ସ୍ଥିତି ଉପୁଜିବ।



ମିଲର୍ସଙ୍କ ଗୋଦାମରେ ଚାଉଳ ଭର୍ତ୍ତି ବସ୍ତା ଗଚ୍ଛିତ ହୋଇ ରହିଛି।

କେଏମ୍‌ଏସ୍ ୨୦୨୪-୨୫ ଖରିଫ ଓ ରବିରେ ଏହି ଜିଲାରୁ ମିଲର୍ସ ୬୧ଲକ୍ଷ ୮୮ହଜାର ୨୩୮କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୪୨ଲକ୍ଷ ୩୧ହଜାର ୫୯୨କୁଇଣ୍ଟାଲ ସିଏମ୍‌ଆର ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ ୨୫ଲକ୍ଷ ୧୨ହଜାର ୯୯୭କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୧୭ଲକ୍ଷ ୧୮ହଜାର ୫୯୪କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ମାନେ ନେଇଥିବା ଧାନର ସିଏମ୍‌ଆର ଡୁଙ୍ଗୁରିପାଲି ଓ ସୋନପୁର ସ୍ଥିତ ଏଫ୍‌ସିଆଇ ଡିପୋରେ ଦିଅନ୍ତି। କିନ୍ତୁ ଟ୍ରେନ୍‌ରେ ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଉଭୟ ଡିପୋରେ ସିଏମ୍‌ଆର ସଂଗ୍ରହ ଏକପ୍ରକାର ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ଚାଉଳ ଗଚ୍ଛିତ ରଖୁନାହାନ୍ତି। ରେକ୍ଙ୍କ ମୋମେଣ୍ଟ ନଥିବାରୁ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ଫଳରେ ମିଲର୍ସମାନେ ଠିକ୍ ସମୟରେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେଇ ପାରିନାହାନ୍ତି। ଆଉ ୪୫ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ମିଲର୍ସମାନେ ଏକ ସମୟରେ ମଣ୍ଡିରୁ ଧାନ ସଂଗ୍ରହ କରିବା ସହିତ ସରକାରଙ୍କୁ ସିଏମ୍‌ଆର ଦେବେ। ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜିଲା କୃଷକ ସଙ୍ଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଓ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ କହିଛନ୍ତି। ଚଳିତ ଖରିଫ୍‌ରେ ଜିଲାରେ ପ୍ରାୟ ୮୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଧାନ ବିକ୍ରି ପାଇଁ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାର ତ୍ରୁଟିଶୂନ୍ୟ ତଥା ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ ପାଇଁ ଗୁରୁତ୍ୱ ଦେଉଛନ୍ତି। ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନ୍‌ପୁଟ୍ ସହାୟତା ମିଳିବା ପରେ ଜିଲାର ଚାଷୀ ଧାନ ଚାଷ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ସେହି ଅନୁଯାୟୀ ସିଏମ୍‌ଆର ସଂଗ୍ରହକୁ ସରକାର ଗୁରୁତ୍ୱ ଦେବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

ଏ ସମ୍ପର୍କରେ ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ସିଏମଆର ସମ୍ପର୍କରେ ସରକାରଙ୍କୁ ବିଭିନ୍ନ ଫୋରମରେ ଅବଗତ କରାଯାଇଛି। ମିଲରଙ୍କ ଗୋଦାମ ଖାଲି ନ ହେଲେ ଆସନ୍ତା ଧାନ ସଂଗ୍ରହ ସମୟରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରା କରିବି



ପ୍ରଚାର ମଇଦାନରେ ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ।

ନୂଆପଡ଼ା,୨୭।୧୦ (ମଜାରୁ ବେମାଲ)

ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜେଡିରେ ରହିଥିଲେ । ନୂଆପଡ଼ା ପାଇଁ ସେ ଅନେକ ବିକାଶ କାର୍ଯ୍ୟ କରି ଯାଇଛନ୍ତି। ନୂଆପଡ଼ାବାସୀ ଆଶୀର୍ବାଦ କଲେ ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି ବୋଲି ଏହି ଉପନିର୍ବାଚନରେ ବିଜେଡିର ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ପ୍ରଚାର ସମୟରେ ଭୋଟରଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି। ଉପନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରମୁଖ ଦଳର ପ୍ରଚାର ସେତିକି ଜୋରଦାର ହେବାରେ ଲାଗିଛି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ଓ କର୍ମୀ ଗାଁକୁ ଗାଁ ଯାଇ ଭୋଟ ଭିକ୍ଷା କରୁଛନ୍ତି । ସେଠାରେ ନିଜ ଦଳର ବିକାଶ କଥା କହି ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି । କେଉଁଠାରେ ନାଚଗୀତ କରି ଲୋକଙ୍କୁ ଖୁସି କରୁଛନ୍ତି ତ ଅନ୍ୟ କେଉଁଠି ଭାଷଣ ମାଧ୍ୟମରେ ଭୋଟରଙ୍କୁ ମୋହିତ କରୁଛନ୍ତି । ପ୍ରାର୍ଥୀ ଛୁରିଆ ନବୀନ କାଳରେ ହୋଇଥିବା ବିକାଶ କଥା କହିବା ସହ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୂଆପଡ଼ା ଜିଲ୍ଲା ଗଠନରେ ଅବଦାନ ରହିଛି ଓ ସେ ନୂଆପଡ଼ାକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦେଇ ଜିଲ୍ଲାକୁ ବିକାଶ ପଥରେ ଆଗେଇ ନେଇଥିବା କହିଥିଲେ।

# ପ୍ରଚାର ମଇଦାନରେ ପ୍ରମୁଖ ଦଳ



ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି ଜୟ ଢୋଲକିଆ।

ନୂଆପଡ଼ା,୨୭।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳର ନିର୍ବାଚନୀ ପ୍ରଚାର ଏକପ୍ରକାର ରୋଚକ ମୋଡ ନେଇଛି। ନିର୍ବାଚନୀ ବୈତରଣୀ ପାରି ହେବା ପାଇଁ ନେତା ଓ କର୍ମୀ କସରତ କରି ଚାଲିଛନ୍ତି। ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ନିଜ ବାପା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଫଟୋ ଲଗାଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ବାପା ୪ ଥର ବିଧାୟକ ହୋଇ ଜିଲ୍ଲାର ବିକାଶ କରିବା ସହ ଲୋକଙ୍କ ସେବା କରିଥାଉଥିଲେ। ଜିଲ୍ଲାବାସୀ ଆଶୀର୍ବାଦ କଲେ ଜିଲ୍ଲାର ବିକାଶ ସହ ଲୋକଙ୍କ ସେବା କରି ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଜାତିଭିତ୍ତିକ ଭୋଟକୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଗାଁ ଗାଁରେ ଜାତି ଭାଇମାନଙ୍କ ସହ ସଭା କରି ଭୋଟ ଭିକ୍ଷା କରୁଛନ୍ତି। ଗାଁ ମାଟିର ପିଲାକୁ ଥରେ ସୁଯୋଗ ଦିଅ, କଂଗ୍ରେସ ସବୁବେଳେ ଗରିବ ଓ କୃଷିର ବିକାଶ ଚାହେଁ ବୋଲି କହିଥିଲେ ।

# ‘ଟଙ୍କା ଯିଏ ଦେବ ଭୋଟ ତା’ର’

ନୂଆପଡ଼ା,୨୭।୧୦ (ସୁନିତ ମିଶ୍ର)

ଦଳ ଗୋଟାଏ ଆଡେ, ଟଙ୍କା ଯିଏ ଦେବ ଭୋଟ ତା’ର। ଏଠି ବଡ଼ ନେତା ବିକ୍ରି ହୋଇ ଯାଉଛନ୍ତି, ଆମେ ତ ଅଭାବୀ ଲୋକ। ଆମର କ’ଣ ଟଙ୍କା ଦରକାର ନାହିଁ। ସୋମବାର ଉପନିର୍ବାଚନର ସ୍ଥିତି ପରଖିବା ସମୟରେ ନୂଆପଡ଼ା ନିର୍ବାଚନ ମଣ୍ଡଳୀ ନୂଆପଡ଼ା ବ୍ଲକ ଅନ୍ତର୍ଗତ ବିଶୋରା ପଞ୍ଚାୟତର ଜଣେ ମହିଳା ଭୋଟରଙ୍କ ମୁହଁରୁ ଏଭଳି କଥା ଶୁଣିବାକୁ ମିଳିଛି। ନୂଆପଡ଼ା ବ୍ଲକ ୭ ନମ୍ବର ଜୋନର ବିଶୋରା, କାଦୋମେରୀ, ଭାଲେଶ୍ୱର, ବେଲଟୁକୁରୀ ଆଦି ଗ୍ରାମ ପଞ୍ଚାୟତ ବୁଲି ଲୋକମାନେ କିପରି ନିଜର ଅଭିମୁଖ୍ୟ ରଖୁଛନ୍ତି ସେ ବିଷୟରେ ଜାଣିବାକୁ ଚେଷ୍ଟା କରିବା ବେଳେ ଭିନ୍ନ କଥା ନଜରକୁ ଆସିଥିଲା। ଲୋକଙ୍କ କହିବା ଅନୁଯାୟୀ, ସେମାନେ ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କୁ ଦୀର୍ଘବର୍ଷ ଧରି ବିଜେଡ଼ିରେ ସେବା କରୁଥିବା ଦେଖିବାକୁ ପାଇଛନ୍ତି। ଏବେ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ କିଏ ପାଖରେ ରହି ସେମାନଙ୍କୁ ସେବା ଯୋଗାଇବ ତାକୁ ଦେଖୁଛନ୍ତି। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲାର ନେତ୍ରୀ। ଯଦି କିଛି ଅସୁବିଧା ହୁଏ, ସେମାନେ କ’ଣ ନିଜ ସମସ୍ୟା ଜଣାଇବାକୁ ବରଗଡ଼ ଯିବେ କି ବୋଲି ପ୍ରଶ୍ନ ଉଠାଇଥିଲେ। ଆହୁରି କହିଥିଲେ ଉପରେ ମୋଦି ସରକାର, ତଳେ ମୋହନ ମାଝୀ ସରକାର। ତେଣୁ ବିଜେଡିକୁ ଭୋଟ ଦେଇ କ’ଣ ଲାଭ ହେବ। ଅନ୍ୟପଟେ ଘାସିରାମ ଗଲାଥର ନିର୍ଦ୍ଦଳୀୟ ପ୍ରାର୍ଥୀ ହୋଇଥିଲେ। ଏବେ ସେ କଂଗ୍ରେସରେ ମିଶିଛନ୍ତି। ଏଥିପାଇଁ ଆଦିବାସୀ ଭୋଟରମାନେ ତାଙ୍କ ଉପରେ ଖୁସି ନାହାନ୍ତି। ତେଣୁ ତାଙ୍କୁ ଭୋଟ ଦେଲେ ସେ ଜିତିବେ ନା ନାହିଁ ଜଣାପଡୁ ନାହିଁ। ଜୟ ଢୋଲକିଆ ଭାଜପାରେ ଯୋଗ ଦେଇସାରିଛନ୍ତି। ସିଏ ଭାଜପାକୁ ଆସିବା ପରେ ତାଙ୍କ ଦଳର ମୂଳ କର୍ମୀ, ଯେଉଁମାନେ ଗତ ନିର୍ବାଚନରେ ସେହି ଦଳରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡାଙ୍କ ପାଇଁ କାମ କରୁଥିଲେ ସେମାନେ ନିରାଶ ହୋଇଯାଇଛନ୍ତି। କାରଣ ଜୟଙ୍କ ସାଙ୍ଗରେ ଯେଉଁମାନେ ଆଗରୁ ବିଜେଡିର କର୍ମୀ ଥିଲେ ସେମାନେ ଭାଜପାକୁ ଆସି ଆଗଧାଡିର ମୁଣ୍ଡିଆଳ ବନିଛନ୍ତି। ସରକାର ଆସିବା ପରେ ଧାନ ବିକ୍ରି, ସାର କଳାବଜାରୀ ନୟାନ୍ତ କରିଛି। ତେଣୁ ନବୀନ ଜଣେ ଭଲ ନେତା ହେଲେ ୨୦୨୯ରେ ଆମେ ତାଙ୍କୁ ଭୋଟ ଦେବୁ ବୋଲି ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଛି।

## ୮କେଜି ଗଞ୍ଜେଇ ଜବତ

ପାଟଣାଗଡ଼,୨୭।୧୦ (ସଚ୍ଚିଦାନନ୍ଦ ମହାକୁଡ଼)

ସୋମବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ପାଟଣାଗଡ ଥାନା ପୋଲିସ ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଉକ୍ତ ଥାନା ପଣ୍ଡାମୁଣ୍ଡା ଗ୍ରାମର ସୁଶୀଲ ଦିପ (୩୨)। ପ୍ରକାଶ ଯେ, ଯୁବକ ଜଣକ ପାଟଣାଗଡ଼ ପଦ୍ମପୁର ରାସ୍ତାର ଧଅରାଦାଦର ଗ୍ରାମ ଦେଇ ଏକ ଜରି ବସ୍ତା ଧରି ଯାଉଥିଲେ। ସେହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ଗ୍ରାମର ଛକ ନିକଟରେ ଜଗି ରହି ଯୁବକଙ୍କୁ ଧରି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ତାଙ୍କ ଠାରୁ ୮ କେଜି ଗଞ୍ଜେଇ ଜବତ ହୋଇଥିଲା।

# କରାଟେରେ ପ୍ରତିଭାଙ୍କ ସଫଳତା

ଟିଟିଲାଗଡ଼,୨୭।୧୦ (ଶରତ ମିଶ୍ର)

୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତାରେ ଟିଟିଲାଗଡ଼ର ଛାତ୍ରୀ ପ୍ରତିଭା ଛତ୍ରିଆ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ତଥା ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତିର କିରାଣି ଜୀବର୍ଦ୍ଧନ ଛତ୍ରିଆଙ୍କ ଝିଅ ପ୍ରତିଭା ପୂର୍ବରୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କରାଟେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ସହ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ । ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ଆନୁକୂଲ୍ୟରେ ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଓ କନ୍ଧମାଳ ଜିଲା କ୍ରୀଡ଼ାବିଦ୍ୟାଳୟ ସଂଗଠନ ପକ୍ଷରୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଫୁଲବାଣୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ନିଜ ପ୍ରତିଭା ପ୍ରଦର୍ଶନ ସହ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି । ଟିଟିଲାଗଡ଼ କରାଟେ ସଂଗଠନ ତତ୍ତ୍ୱାବଧାନରେ ପ୍ରତିଭା କରାଟେ ଶିକ୍ଷା କରୁଛନ୍ତି । ତାଙ୍କ ସଫଳତାକୁ ନେଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ମେହେର, କରାଟେ ସଂଗଠନର ସାଧାରଣ ସମ୍ପାଦକ ସେନସାଇ କେଦାର କବାଟ, ସଂଯୁକ୍ତ ସଚିବ ସେନସାଇ ଜିତୁ ପୃଷ୍ଟି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଫୁଟ୍‌ବଲ: ଘଣ୍ଟାପଡ଼ା ଏସ୍‌ଏସ୍ ସ୍ପୋର୍ଟିଂ ଚାମ୍ପିୟନ



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଘଣ୍ଟାପଡ଼ା,୨୭।୧୦ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ସମଲେଶ୍ୱରୀ ସ୍ପୋର୍ଟିଂ ଓ ସମଲେଶ୍ୱରୀ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ମା’ ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲିଖମାର ଦଳକୁ ହରାଇ ଘଣ୍ଟାପଡ଼ା ଚାମ୍ପିୟନ ହୋଇଛି। ପୂର୍ବରୁ ସେମି ଫାଇନାଲକୁ ଉନ୍ନୀତ ହୋଇଥିବା ଗ୍ରୁପ୍ ଏ’ରୁ ଘଣ୍ଟାପଡ଼ା ଓ ମାତାକୁପା ମଧ୍ୟରେ ହୋଇଥିବା ଖେଳରେ ଘଣ୍ଟାପଡ଼ା ଦଳ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଗ୍ରୁପ୍ ବି’ରୁ ବାଲିଖମାର ଓ ନିମନା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୨-୦ ଗୋଲ୍‌ରେ ବାଲିଖମାର ବିଜୟୀ ହୋଇ ଘଣ୍ଟାପଡ଼ା ସହିତ ଫାଇନାଲ ମ୍ୟାଚ୍ ଖେଳିଥିଲା। ଫାଇନାଲରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ମାଧ୍ୟମରେ ୩-୨ ଗୋଲରେ ଘଣ୍ଟାପଡ଼ା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ପୂର୍ବତନ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି, ବୌଦ୍ଧ ଜିଲା ଶିକ୍ଷକ ସଂଘ ସଭାପତି ନିଳାଚଳ ଭୋଇ, ଆଇନଜୀବୀ ମନୋଜ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ମନ୍ଦରଧର ବେହେରା, ଶ୍ରୀପତି ମଲିକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିବା ବେଳେ ବିରେନ୍ଦ୍ର ଦେହୁରୀ ଓ ଅଗସ୍ତୀ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ।


**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ➤**

- ➤ ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ➤ ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକେଟ ମାଗି ନିଅନ୍ତୁ।
- ➤ ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ➤ ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ➤ ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ➤ ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ www.eastcoastrail.indianrailways.gov.in
PR:727/O/25-26



**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.-Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



କାନାରା ବ୍ୟାଙ୍କ Canara Bank (A Government of India Undertaking) ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୦୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ମିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ମିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୧୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆର୍‌ଓ: ମାହାଙ୍ଗା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜତିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଇଣ୍ଡିୟନ ବୈଙ୍କ Indian Bank ଇଲାହାବାଦ ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଖରିଫ ଧାନ କିଣାରେ ବାଧା ଆଶଙ୍କା

# ମିଲ୍‌ରୁ ଉଠୁନି ଚାଉଳ

### କେଏମ୍‌ଏସ୍ ୨୦୨୪-୨୫ରେ ସଂଗୃହୀତ ହୋଇଛି ୫୯.୩୯% ଚାଉଳ

ସୋନପୁର,୨୭।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନକିଣା ପ୍ରକ୍ରିୟାକୁ ଆଉ ମାତ୍ର ଦେଢମାସ ବାକି ରହିଛି। ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏପର୍ଯ୍ୟନ୍ତ ମିଲର୍ସମାନଙ୍କଠାରୁ ଗତ ଖରିଫ ମାର୍କେଟିଂ ସିଜିନ(କେଏମ୍‌ଏସ୍) ୨୦୨୪-୨୫ବର୍ଷର ପ୍ରାୟ ୪୦ପ୍ରତିଶତ କଷ୍ଟମ ମିଲଡ୍ ରାଇସ୍(ସିଏମଆର) ସଂଗୃହୀତ ହୋଇପାରିନାହିଁ। ସେଥିରେ ସରକାର ବିଫଳ ହୋଇଥିବା ବେଳେ ସେହି ଚାଉଳ ଓ ଚାଷୀଙ୍କଠାରୁ ସଂଗୃହୀତ ଧାନରେ ଜିଲାର ମିଲଗୁଡିକ ପୁରି ରହିଛି। ଏଭଳି ସ୍ଥିତିରେ ମିଲରୁ ଚାଉଳ ଉଠା ନ ଗଲେ ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୁବର୍ଣ୍ଣପୁର ଧାନ ଉତ୍ପାଦନରେ ବଳକା ଜିଲା। ଜିଲାର ଗରିବ ଲୋକଙ୍କୁ ପିଡିଏସ୍‌ରେ ମାଗଣା ରାଶନ ଆକାରରେ ମାସିକ ମାତ୍ର ୩୦ହଜାର କ୍ୱିଣ୍ଟାଲ ଚାଉଳ ବଣ୍ଟନ ହୋଇଥାଏ। ତେଣୁ ଏହି ଜିଲାରୁ ବଳକା ଚାଉଳ ରପ୍ତାନି ହୁଏ। ଜିଲାର ପଞ୍ଜୀକୃତ ୭୧ହଜାର ୪୫୩ଚାଷୀଙ୍କ ନିକଟରୁ ଆସନ୍ତା ୨୦୨୫-୧୬ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି। ଏଥିପାଇଁ ୨୮ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହେବ। ତେବେ ସିଏମଆର ସଂଗ୍ରହରେ ଧିମା ଯୋଗୁ ଚଳିତଥର ଧାନକିଣାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ସୋମବାର ସୁଦ୍ଧା ଜିଲାର ମିଲର୍ସମାନେ ଗତ କେଏମ୍‌ଏସ୍‌ର ମାତ୍ର ୫୯.୩୯% ସିଏମ୍‌ଆର ସରକାରଙ୍କୁ ପ୍ରଦାନ କରିଛନ୍ତି। ମିଲର୍ସମାନଙ୍କ ଗୋଦାମରେ ଧାନ ଓ ଚାଉଳ ଭର୍ତ୍ତି ହୋଇରହିଛି। ପ୍ରାୟ ୧ବର୍ଷ ହେବ ମିଲ୍‌ରେ ରହିବା କାରଣରୁ ଧାନର ମାନ ହ୍ରାସ ପାଇଲାଣି। ଏପରିକି ଆଉ ଧାନକୁ ସୁରକ୍ଷିତ ରଖିବା ପାଇଁ ମିଲ୍‌ଗୁଡିକରେ



ମିଲର୍ସଙ୍କ ଗୋଦାମରେ ଚାଉଳ ଭର୍ତ୍ତି ବସ୍ତା ଗଚ୍ଛିତ ହୋଇ ରହିଛି।

ଜାଗା ନାହିଁ। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ଆସନ୍ତା ଖରିଫ୍ ଧାନ କେଉଁଠି ରଖିବେ ସେ ଚିନ୍ତା ଜିଲା ପ୍ରଶାସନକୁ ଘାରିଛି। ଡିସେମ୍ବର ୧୦ ପୂର୍ବରୁ ଏହି ଚାଉଳ ସବୁକୁ ଉଠା ନ ଗଲେ ସେତେବେଳେ ମିଲର୍ସଙ୍କ ପକ୍ଷରେ ମଣ୍ଡିରୁ ଧାନ ଉଠାଇ ମିଲ୍‌ରେ ରଖିବା ସମ୍ଭବ ହେବନାହିଁ ଏବଂ ଧାନ ସଂଗ୍ରହ ପ୍ରକ୍ରିୟାରେ ଜଟିଳ ସ୍ଥିତି ଉପୁଜିବ।

କେଏମ୍‌ଏସ୍ ୨୦୨୪-୨୫ ଖରିଫ ଓ ରବିରେ ଏହି ଜିଲାରୁ ମିଲର୍ସ ୬୧ଲକ୍ଷ ୮୮ହଜାର ୨୩୮କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୪୨ଲକ୍ଷ ୩୧ହଜାର ୫୯୨କ୍ୱିଣ୍ଟାଲ ସିଏମ୍‌ଆର ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ ୨୫ଲକ୍ଷ ୧୨ହଜାର ୯୯୭କ୍ୱିଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୧୭ଲକ୍ଷ ୧୮ହଜାର ୫୯୪କ୍ୱିଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ମାନେ ନେଇଥିବା ଧାନର ସିଏମ୍‌ଆର ଡୁଙ୍ଗୁରିପାଲି ଓ ସୋନପୁର ସ୍ଥିତ ଏଫ୍‌ସିଆଇ ଡିପୋରେ ଦିଅନ୍ତି। କିନ୍ତୁ ଟ୍ରେନ୍‌ରେ ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଉଭୟ ଡିପୋରେ ସିଏମ୍‌ଆର ସଂଗ୍ରହ ଏକପ୍ରକାର ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ଚାଉଳ ଗଚ୍ଛିତ ରଖୁନାହାନ୍ତି। ରେକ୍‌ ମୋମେଣ୍ଟ ନଥିବାରୁ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ଫଳରେ ମିଲର୍ସମାନେ ଠିକ୍ ସମୟରେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେଇ ପାରିନାହାନ୍ତି। ଆଉ ୪୫ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ମିଲର୍ସମାନେ ଏକ ସମୟରେ ମଣ୍ଡିରୁ ଧାନ ସଂଗ୍ରହ କରିବା ସହିତ ସରକାରଙ୍କୁ ସିଏମ୍‌ଆର ଦେବେ। ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜିଲା କୃଷକ ସଙ୍ଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଓ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ କହିଛନ୍ତି। ଚଳିତ ଖରିଫ୍‌ରେ ଜିଲାରେ ପ୍ରାୟ ୮୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଧାନ ବିକ୍ରି ପାଇଁ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାର ତ୍ରୁଟିଶୂନ୍ୟ ତଥା ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ ପାଇଁ ଗୁରୁତ୍ୱ ଦେଉଛନ୍ତି। ଧାନ କ୍ୱିଣ୍ଟାଲ ପ୍ରତି ୮୦୦ଟଙ୍କା ଇନ୍‌ପୁଟ୍ ସହାୟତା ମିଳିବା ପରେ ଜିଲାର ଚାଷୀ ଧାନ ଚାଷ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ସେହି ଅନୁଯାୟୀ ସିଏମ୍‌ଆର ସଂଗ୍ରହକୁ ସରକାର ଗୁରୁତ୍ୱ ଦେବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

ଏ ସମ୍ପର୍କରେ ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ସିଏମଆର ସମ୍ପର୍କରେ ସରକାରଙ୍କୁ ବିଭିନ୍ନ ଫୋରମରେ ଅବଗତ କରାଯାଇଛି। ମିଲରଙ୍କ ଗୋଦାମ ଖାଲି ନ ହେଲେ ଆସନ୍ତା ଧାନ ସଂଗ୍ରହ ସମୟରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥ ପାଠ



କୃଷି ବିଜ୍ଞାନ କେନ୍ଦ୍ରରେ ଶପଥ ପାଠ କରାଯାଉଛି।

ବଘିଆପଡ଼ା,୨୭।୧୦(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ସଦର ବ୍ଲକ ବଘିଆପଡା ପଞ୍ଚାୟତର ପାଲଝାର ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ତପନ କୁମାର ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. କବିତା ମିଶ୍ର, ଡ. ମୟୁରୀ ସିଂ ସରଦାର୍, ଡ. ସମାପିକା ଦଳାଇ, କୃଷି ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ନୀଳମାଧବ ସାସ୍‌ମଲ, ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସାମୂହିକ ଶପଥ ପାଠ କରି ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସତ୍ୟନିଷ୍ଠ ଓ ପାରଦର୍ଶିତା ପ୍ରତି ଅଟଳ ପ୍ରତିବଦ୍ଧତାକୁ ପୁନଃ ସମର୍ପିତ କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଚାଲିବ ବୋଲି ସୂଚନା ମିଳିଛି।

## ମହିଷାସୁର ଦରବାର ଉଦ୍‌ଯାପିତ



ମହିଷାସୁର ଦରବାରରେ ଉପସ୍ଥିତ ଅତିଥିଗଣ।

ଘଣ୍ଟାପଡ଼ା,୨୭।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କଲରାକୋଠାର ୟୁଥ୍ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଆୟୋଜିତ ୩୭ତମ ଶାରଦୀୟ କାଳୀପୂଜା ଅବସରରେ ଶନିବାର ମହିଷାସୁର ଦରବାରର ଅନ୍ତିମ ସନ୍ଧ୍ୟା ଥିଲା। ଏହି ସନ୍ଧ୍ୟାରେ ମହିଷାସୁରଙ୍କ ରଙ୍ଗସଭାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହିଷାସୁର ଦରବାରରେ ପୂର୍ବତନ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଓ ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ ଉପସଭାପତି ପ୍ରଭାତ କୁମାର ସାହୁ, ସମାଜସେବୀ ସନମ ଗୁରୁ, କମିଟି ସମ୍ପାଦକ ପ୍ରକାଶ ରଣା, କୋଷାଧ୍ୟକ୍ଷ ତରଣୀସେନ

### ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ସମ୍ପନ୍ନ

ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବିଶେଷ ଆକର୍ଷଣ ନାୟିକା ସିମରନ ଶର୍ମିଷ୍ଠା ଦାସଙ୍କ ନାଚଗୀତରେ ହଜାର ହଜାର ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ। ଧରଣୀସେନ ସାହୁ ଦରବାର ପରିଚାଳନା କରିଥିଲେ। ଏହି ଅବସରରେ ମହିଷାସୁରଙ୍କ ଦ୍ୱାରା ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ସନ୍ଧ୍ୟାରେ ମା' ଦୁର୍ଗାଙ୍କ ଦ୍ୱାରା ମହିଷାସୁରଙ୍କ ନିଧନ ପରେ ଦରବାର ଉଦ୍‌ଯାପିତ ହୋଇଥିଲା। ମହିଷାସୁର ଭୂମିକାରେ କଳାକାର ସୁଶୀଲ କୁମାର ମେହେର ଅଭିନୟ କରିଥିବାବେଳେ ତାଙ୍କୁ କମିଟି ତରଫରୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। କମିଟି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ପ୍ରକାଶ ରଣାଙ୍କ ସମେତ ପୂଜା କମିଟି ସଦସ୍ୟ ଓ ପୋଲିସ ସହଯୋଗ କରିଥିଲେ। ରବିବାର ସକାଳେ ଭସାଣି ଉତ୍ସବ ହୋଇଥିଲା। ଏକ ବିରାଟ ପଟୁଆରରେ ମା' ଶ୍ୟାମାକାଳୀଙ୍କୁ ନେଇ ତେଲ ନଦୀରେ ବିସର୍ଜନ କରାଯାଇଥିଲା।

## ମର୍ତ୍ତ୍ୟରୁ ସ୍ୱର୍ଗ ଯାଏ ବିସ୍ତାରିତ କବିଙ୍କ କାବ୍ୟ ସମ୍ଭାର

### କବି ରାଜେନ୍ଦ୍ର ପଣ୍ଡାଙ୍କ ବିୟୋଗରେ ସ୍ମୃତି ସଭା

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଖର ସାରସ୍ୱତ ସୃଜକ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ନେଇ ଏକ ସ୍ମୃତିସ୍‌ସଭା ଶ୍ରୀଗୋପାଳଜୀ ଯୋଗାଳୟଠାରେ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଂଯୋଜନାରେ କବିଙ୍କ ଅମର କାବ୍ୟ ସମ୍ଭାର ମଧ୍ୟରୁ ୭ଟି କବିତା ପାଖୁଡା ପାଠ କରାଯାଇ କାବ୍ୟସ୍ମୃତିକୁ ଉଜାଗର କରାଯାଇଥିଲା। କବି ପ୍ରଦ୍ୟୁମ୍ନ ସାହୁ, ରଞ୍ଜିତା ପଣ୍ଡା, ଶ୍ୟାମାଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, ରଞ୍ଜୁ ଅମାତ ଓ ଜଳଦେବ ବେରିହା ପ୍ରମୁଖ କବି ରାଜେନ୍ଦ୍ର ପଣ୍ଡାଙ୍କ ରଚିତ କବିତା ପାଠ କରିଥିଲେ। ଡ଼ ସୌରଭ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜେନ୍ଦ୍ରୀୟ ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଲେଖକ ଗୋରେଖନାଥ ସାହୁ ଓ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, କବି ଆର୍ତ୍ତତ୍ରାଣ ବାବୁ ସ୍ୱର୍ଗତ କବି ରାଜେନ୍ଦ୍ରଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ରହିଥିବା ଅବଦାନ ଉପରେ ଆଲୋଚନା କରି ସ୍ମୃତିଚାରଣ ପୂର୍ବକ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ସ୍ମୃତି ସଭାରେ ଡ଼ ଜ୍ୟୋତିରଞ୍ଜନ ବହିଦାର, ଡ଼ ସନ୍ତୋଷ ପାଢ଼ୀ, ଶ୍ରୀଧର ବାଗ, ଦିଲ୍ଲୀପ ରଥ, ଡ଼ ସୁଦାମ ଦୀପ, ଡ଼ ରାଜେନ୍ଦ୍ର ରଣା, ଲକ୍ଷ୍ମଣ ମିଶ୍ର, ଦେବାଶିଷ ପଧାନ ଓ ବ୍ରତାନନ୍ଦ ଭୋଇ ଉପସ୍ଥିତ ରହି କାଳଜୟୀ କବିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଓ କବି ବୃନ୍ଦ।

## କାଳୀପୂଜା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡ଼ା ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଓ ସାଥୀଙ୍କ ସମ୍ବଲପୁରୀ ନୃତ୍ୟଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତଙ୍କ ସୁମଧୁର ସ୍ୱରରେ ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ମନ୍ତୁଆଲା କରିଥିଲା। ରାମଧୁନ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକେ ଏକାଠି ହୋଇ କାଳୀପୂଜା ମାହୋତ୍ସବ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ପୌରପରିଷଦ ଅଧ୍ୟକ୍ଷା ତାମସି ତମସ୍ୱିତା ନାୟକ, ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ରାମଧୁନ କ୍ଲବ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବରାଇ, ଛାତ୍ର ନେତା ଶାଶ୍ୱତ ମିଶ୍ର, କ୍ଲବ ଉପ ସଭାପତି ସୋମନାଥ କବାଟ, ଜିଲା ଔଷଧ ବ୍ୟବସାୟୀ ସଂଘ ସମ୍ପାଦକ ସତ୍ୟ ନାରାୟଣ ଦରୱାନ ଯୋଗଦେଇ କଳାକାର ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ବିକାଶ ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ରାମଧୂନ କ୍ଲବ ସଭାପତି ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ପୁରେନ୍ଦ୍ର ନାଏକ, ସମ୍ପାଦକ ସୁରଜ ସାହୁ, କୋଷାଧ୍ୟକ୍ଷ ବୁଡୁନ ନାଏକ, ସହ ସମ୍ପାଦକ ଚନ୍ଦନ ସାହୁ, ମନୋରଞ୍ଜନ ତ୍ରିପାଠୀ, ଜଗନ୍ନାଥ ଦାଶ, ଲଡୁ କିଶୋର ମଲ୍ଲିକ, କମଳାକାନ୍ତ ସାହୁ, ଦିଲ୍ଲୀପ ସାହୁପ୍ରମୁଖ ସହଯୋଗ କରିଥିଲେ।

## ପାଲାରେ ମାଣ୍ଡିଆ ଚାଷ ସଚେତନତା



ଗାଁରେ ପାଲା ଦଳକୁ ସ୍ୱାଗତ କରାଯାଉଛି।

ଘଣ୍ଟାପଡ଼ା,୨୭।୧୦ (ପ୍ରଭାତ କୁମାର ସାହୁ)

କୃଷି ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡ଼ିଏର ମିଳିତ ସହଯୋଗରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ଢେକଲମୁଣ୍ଡା ଗ୍ରାମରେ ସୋମବାର ପାଲା ମାଧ୍ୟମରେ ମାଣ୍ଡିଆ ଚାଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଅନ୍ନ ଅଭିଯାନର ଜିଲା ସଂଯୋଜକ ଜିତେନ୍ଦ୍ର କାର୍ଜି, ବ୍ଲକ ସଂଯୋଜକ ଶୁଭ୍ରାଂଶୁ ସାହୁ, ଭିଏଡବ୍ଲ୍ୟୁ କ୍ଷୀରୋଦ ତାଣ୍ଡି, ୱାଇସିଡ଼ିଏ କଣ୍ଟାମାଳର ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କଣ୍ଟାମାଳ ବ୍ଲକର ବିଭିନ୍ନ ଗାଁରେ ମାଣ୍ଡିଆ ଚାଷ ଏବଂ ମାଣ୍ଡିଆ ଖାଦ୍ୟର ଉପକାରିତା ଉପରେ ଲୋକଙ୍କୁ ସଚେତନତା କରାଇବ ବୋଲି କୁହାଯାଇଛି।


**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ◀**

- ➤ ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ➤ ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ➤ ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ➤ ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ➤ ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ➤ ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26



**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**
- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur



କାନାରା ବ୍ୟାଙ୍କ Canara Bank
A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ- ଉତ୍ତର: କାଳିଅଣ୍ଟି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜଟିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ଇଣ୍ଡିଆନ ବ୍ୟାଙ୍କ Indian Bank
ଇଲାହାବାଦ ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅର୍ନ୍ତଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୂପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ବିମାନ ସେବା ବନ୍ଦ ସମାଧାନ ନୁହେଁ

**ରାଉରକେଲା ବିମାନ ବନ୍ଦର**



ରାଉରକେଲା, ୨୭।୧୦(ସଙ୍ଗୀତା ଜେନା)

୨୦୨୩ ଜାନୁଆରୀରେ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଖେଳାଳିମାନଙ୍କ ସୁବିଧା ପାଇଁ ରାଉରକେଲାରୁ ବିମାନ ସେବା ଆରମ୍ଭ ହୋଇଥଲା। ବିମାନ ବନ୍ଦରରେ ଆଇଏଲ୍ଏସ୍ ସିଷ୍ଟମ ନ ଥିବା ଯୋଗୁ ଖରାପ ପାଗରେ ବିମାନ ବାତିଲ ହେଉଥିଲା। ଏଥିପାଇଁ ବାରମ୍ବାର ଦାବି ହେବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଶେଷରେ ଗତ ଅଗଷ୍ଟ ମାସରୁ ବିମାନ ସେବା ବନ୍ଦ ହୋଇଗଲା। ସହରଠାରୁ କିଛି ଦୂରରେ ଥିବା ଝାରସୁଗୁଡ଼ା ବିମାନ ବନ୍ଦରକୁ ପୂର୍ଣ୍ଣକାଳୀନ ଚାଲୁ କରାଯାଇଥିବାବେଳେ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ରାଉରକେଲାରୁ ଏହି ସେବା ଆଉଥରେ ଚାଲୁ ହେବା ନେଇ ସଂଶୟ ରହିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ହକି ବିଶ୍ୱ କପ୍ ପରେ ରାଉରକେଲା ବିମାନ ବନ୍ଦରରୁ ବିମାନ ସେବା ପାଇଁ ୨୦୨୨-୨୩ ବର୍ଷରେ ୯ ହଜାର ୪୮୦, ୨୦୨୩-୨୪ରେ ୨୫ ହଜାର ୮ଶହ, ୨୦୨୪-୨୫ ଜୁଲାଇ ପର୍ଯ୍ୟନ୍ତ ୩୦ ହଜାର ୨୦୪ ଜଣ ଯାତ୍ରୀ ଟିକେଟ ବୁକିଂ କରିଥିଲେ। ତେବେ ପ୍ରତିବର୍ଷ ଯାତ୍ରୀ ସଂଖ୍ୟା ବଢୁଥିବା ବେଳେ ବିମାନସେବା କାହିଁକି ବନ୍ଦ କରାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିମାନ ସେବା ବନ୍ଦ କରିବା ଏହାର ସମାଧାନ ନୁହେଁ। ବିକଳ୍ପ ବ୍ୟବସ୍ଥା ଉଚିତ ଥିଲା ବୋଲି ମତପ୍ରକାଶ ପାଇଛି। ବିମାନ ଚଳାଚଳ ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ରହିଛି। ଏ ନେଇ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ପ୍ରତିନିଧି ଖୁସ୍‌ବୁ ଯାଦବ କୁହନ୍ତି, ବିମାନ ସେବା ଲାଇସେନ୍ସ ଶେଷ ହୋଇଛି। ଏହାର ନବୀକରଣ ହେଲେ ପୁନଃ ସେବା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୩ ମାସ ସମୟ ଲାଗିପାରେ ବୋଲି ଯାଦବ କହିଥିଲେ।

**ଏମାନେ ଯାହା କୁହନ୍ତି...**



"ନିଶ୍ଚିତ ଭାବେ ଏହା ରାଉରକେଲା ପାଇଁ ଦୁର୍ଭାଗ୍ୟଜନକ। ସହରବାସୀଙ୍କୁ ଲଲିପପ୍ ଦେଖାଇ ଛଡ଼ାଇ ନିଆଗଲା। ହକି ବିଶ୍ୱକପ୍ ସମୟରେ ନବୀନ ବାବୁ ଏହି ସେବାର ପୁରୋଧା ଥିଲେ। ତାକୁ ସମ୍ପ୍ରସାରଣ କରିବାର ଥିଲା। ହେଲେ ତାହା ହେଲା ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ଏହି କାର୍ଯ୍ୟରେ ସ୍ଥାନୀୟ ଏମ୍‌ପିଙ୍କ ଭୂମିକା ନ ଥିବା ଭଳି ମନେ ହୁଏ। ଏଣୁ ସହରବାସୀ ଏକଜୁଟ୍ ହୋଇ ଆନ୍ଦୋଳନ କରିବା ଉଚିତ।

–ଆରତୀ ଚୌଧୁରୀ, ବିଜେଡି ନେତ୍ରୀ



"ରାଉରକେଲାରୁ କୋଲକାତା ଓ ଭୁବନେଶ୍ୱରକୁ ବିମାନ ସେବା ସ୍ଥଗିତ ଯୋଗୁ ସହରବାସୀ ଏବଂ ବ୍ୟବସାୟୀମାନେ ହଇରାଣ ହେଉଛନ୍ତି। ପୂର୍ବରୁ ଆଞ୍ଚଳିକ ସଂଯୋଗ ଏବଂ ପର୍ଯ୍ୟଟନ ବୃଦ୍ଧି ଆଶା କରାଯାଉଥିଲା। ଏବେ ଏହି ଆଶା ମଉଳି ଯାଇଛି। କିଛି କାରଣରୁ ବିମାନ ସେବା ବନ୍ଦ ରହିଛି। ରାଜ୍ୟ ରାଜଧାନୀରୁ ରାଉରକେଲାକୁ ସଂଯୋଗ କରିବାରେ ଉକ୍ତ ରୁଟ୍ ଗୁଡ଼ିକ ବିଶେଷ ଭୂମିକା ଗ୍ରହଣ କରିଥିଲା। ହେଲେ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ପୁନଃ ବିମାନ ସେବା ଆରମ୍ଭ ପାଇଁ ତାରିଖ ଘୋଷଣା କରିନାହାନ୍ତି।

–ରଶ୍ମୀ ମିଶ୍ର, ମହିଳା ଉଦ୍ୟୋଗୀ



"ସହରରେ ଉଚିତ ନେତୃତ୍ୱ ଏବଂ ସହରବାସୀଙ୍କ ମଧ୍ୟରେ ସଜାଗତା ଅଭାବ ଯୋଗୁ ବିମାନ ସେବା ଅଧାରେ ରହିଛି। ଲୋକେ ସାଚତନ ହେଲେ ନିହାତି ଭାବେ ବିମାନ ସେବା ଚାଲୁ ହେବ।

–ହରିହର ରାଉତରାୟ, ସାମାଜିକ କର୍ମୀ



"ବିମାନ ସେବା ବନ୍ଦ ପଛରେ ଯାତ୍ରୀ ସଂଖ୍ୟା ହ୍ରାସକୁ କାରଣ ଭାବେ ନିଆଯାଇପାରେ। ସେବା ଦେଉଥିବା କମ୍ପାନୀ କ୍ଷତିରେ ଚାଲୁଥିବା ଦର୍ଶାଇ ଆସୁଥିଲା। ଏହାର ବିକଳ୍ପ ବ୍ୟବସ୍ଥା କରିବା ଉଚିତ ଥିଲା। ହେଲେ ବିମାନସେବା ବନ୍ଦ କରିବା ସମାଧାନ ନୁହେଁ। ଅଧିକ ନୂତନ ରୁଟ୍ ଚାଲୁ କରିବା ଏବଂ ସବ୍‌ସିଡ଼ି ଦେଲେ ଉକ୍ତ ସେବା ସଫଳତା ହାସଲ କରିପାରେ।

–ରାଜେଶ କାନନ, ସୂଚନା ଅଧିକାର କର୍ମୀ



"ରାଉରକେଲାରୁ ବିମାନ ସେବା ଚାଲୁଥିଲା। ଲୋକଙ୍କୁ ସୁବିଧା ମିଳୁଥିଲା। ହେଲେ ତାହା ବନ୍ଦ ରହିଛି। ହେଲେ ଏହାକୁ ପୁନଃ ଚାଲୁ କରିବା ପାଇଁ ବିଜେ ସ୍ତରରେ ଉଦ୍ୟମ କରାଯାଉଛି। କିଛି ଦିନ ତଳେ ଏ ନେଇ ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟ ହୋଇଛି। ସହରବାସୀ ନିରାଶ ହୁଅନ୍ତୁ ନାହିଁ। ଏଭଳି ସୁନ୍ଦର ବ୍ୟବସ୍ଥା ଅକାଳରେ ବନ୍ଦ ହୋଇଗଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଯୋଗୁ ରାଉରକେଲାରେ ୨ୟ ବ୍ରାହ୍ମଣୀ ସେତୁ ସମ୍ଭବ ହୋଇପାରିଥିଲା।

–ପୂର୍ଣ୍ଣିମା କେର୍କେଟା, ଭାଜପା ଜିଲା ସଭାନେତ୍ରୀ

## ସେକ୍ସ ର୍ୟାକେଟ ଠାବ, ୩ ଗିରଫ

ରାଉରକେଲା,୨୭।୧୦(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ରଘୁନାଥପାଲି ଥାନା ଅଧୀନ ସିଭିଲଟାଉନସିପ୍ ଅଞ୍ଚଳର ଏକ ଘରେ ସେକ୍ସ ର୍ୟାକେଟ୍ ଚାଲିଥିବାବେଳେ ପୋଲିସ ସୋମବାର ପୂର୍ବାହ୍ନ ୧୦ଟାରେ ଚଢ଼ାଉ କରିଛି। ଚଢ଼ାଉବେଳେ ବାହାର ଅଞ୍ଚଳର ୨ ଜଣ ଯୁବତୀ ଉଦ୍ଧାର ହୋଇଛନ୍ତି। ସେହିପରି ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଡାକ୍ତରୀ ମାଇନା ପରେ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ-୨୭୩୫/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଉଛି। ଉଦ୍ଧାର ହୋଇଥିବା ୨ ଯୁବତୀଙ୍କୁ ପରାମର୍ଶଦାନ ପରେ ଛାଡ଼ିଦିଆଯିବ ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଘରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଥିଲା।

## ଆର୍‌ଏସ୍‌ଏସ୍ ଶତାବ୍ଦୀ ବର୍ଷ ପାଳନରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ



ସ୍ୱୟଂସେବକମାନେ ପଦଯାତ୍ରା କରୁଛନ୍ତି।

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଘଷାଭୁକ୍ତ ସଂଘର ଶତାବ୍ଦୀ ବର୍ଷ ପାଳନ ନେଇ ରାଉରକେଲା ଉଦିତନଗର ଖେଳ ପଡିଆରେ ସୋମବାର ଶକ୍ତିପୂର୍ଣ୍ଣ ଭବ୍ୟପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସହର ଓ ପାର୍ଶ୍ୱବର୍ତ୍ତୀ ନଗର ଅଞ୍ଚଳର ପ୍ରାୟ ୭ଶହ ସ୍ଥାୟୀ ସେବକ ସାମିଲ ହୋଇ ଶୃଙ୍ଖଳା ନୀତି ଅନୁପାଳନ କରି ଅନ୍ୟମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ପ୍ରେରଣା ଦେଇଥିଲେ। ପଥ ସଞ୍ଚାଳନ ପରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜୋନ ରାଉରକେଲା ମହାନଗର ପ୍ରଚାର ପ୍ରମୁଖ ରାଜକୁମାର ନାଥ ଅଧ୍ୟକ୍ଷତା କରିଥିଲେ। ପ୍ରାନ୍ତ ସଂଘ ଚାଳକ, ମହାନଗର ସଂଘ ପରିଚାଳକ, ସହ ସଂଘ ଚାଳକ, ସଂଘ ପ୍ରମୁଖ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ସଂଘର ଶତାବ୍ଦୀ ବର୍ଷର ଉଦ୍ଦେଶ୍ୟ ଓ ଦେଶ ନିର୍ମାଣରେ ସଂଘର ଭୂମିକା ଉପରେ ଆଲୋକପାତ କରିଥିଲେ।

## ଡାକ କର୍ମଚାରୀଙ୍କ ଅନଶନ

ରାଉରକେଲା,୨୭।୧୦(ସଙ୍ଗୀତା ଜେନା)

**ଅବସର ପରେ ମିଳିଲାନି ପ୍ରାପ୍ୟ**

ଚାକିରିରୁ ଅବସର ଗ୍ରହଣ କରିଥିବା ଡାକ କର୍ମଚାରୀ ଅକ୍ଷୟ ପାତ୍ରଙ୍କୁ ଅବସରକାଳୀନ ପ୍ରାପ୍ୟ ମିଳୁ ନ ଥିବାରୁ ସେ ରାଉରକେଲା ମୁଖ୍ୟ ଡାକଘର ଆଗରେ ସୋମବାର ପୂର୍ବାହ୍ନ ୧୦ଟାରୁ ଅନଶନ ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସେ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଅକ୍ଷୟ ପ୍ରାୟ ବର୍ଷେ ହେଲା ରାଉରକେଲା ଡେଲି ମାର୍କେଟରେ ଡାକସେବକ (ଜିଡିଏସ୍) ଭାବେ ଅବସର ଗ୍ରହଣ କରିଥିଲେ। ସେ ଗତ ୨୦ ତାରିଖରେ ଅବସରକାଳୀନ ପ୍ରାପ୍ୟ ପାଇଁ ନିବେଦନ କରିଥିଲେ। ହେଲେ ତାଙ୍କ ସମସ୍ୟା ସମାଧାନ ହୋଇପାରି ନ ଥିଲା। ଅନ୍ୟ ଉପାୟ ନ ପାଇ ଅନଶନ କରିଥିବା ଅକ୍ଷୟ କହିଛନ୍ତି।

## ପରିମଳ ସ୍ଥିତି ଅନୁଧ୍ୟାନ କଲେ ଏଡିଏମ୍



ଏଡିଏମ୍ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳ ବୁଲି ରାଉରକେଲା ଏଡିଏମ୍ ତଥା ଆରଏମ୍‌ସି କମିଶନର ଦୀନା ଦସ୍ତଗିର ସୋମବାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ପ୍ରଥମେ ଓରାମପଡା ବସ୍ତି ଅଞ୍ଚଳ ବୁଲି ଡ୍ରେନେଜ ବ୍ୟବସ୍ଥା ସାଙ୍ଗକୁ ପରିମଳ ଓ ସ୍ୱଚ୍ଛତା ସ୍ଥିତି ଦେଖିଥିଲେ। ପରେ ରିଙ୍ଗ ରୋଡ ଓ ପ୍ଲାଣ୍ଟସାଇଡ଼ ଏରିଆ ପରିଦର୍ଶନ କରିଥିଲେ। ଏହି ଅଞ୍ଚଳ ରାସ୍ତାରେ ଲୋକେ ଘର ନିର୍ମାଣ ସାମଗ୍ରୀ ଇଟା, ବାଲି ତଥା ଗୋଡି ପକାଇ ରାସ୍ତାକୁ ସଙ୍କୁଚିତ କରିଥିବାରୁ ଏହାକୁ ତୁରନ୍ତ ଉଠାଇବା ପାଇଁ ଏଡିଏମ୍ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମହତାବ ରୋଡ୍ ଅଞ୍ଚଳରେ ଥିବା ଡମ୍ପିଙ୍ଗ ୟାର୍ଡରୁ ତୁରନ୍ତ ଅଳିଆ ଆବର୍ଜନା ସଫା କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଡ୍ରେନେଜ ଓ ରାସ୍ତା ବୁଲି ଦେଖିଥିଲେ। ଏଡିଏମ୍ ପାଓ୍ୱାରହାଉସ୍ ରୋଡ୍ ଅଞ୍ଚଳର ବିଭିନ୍ନ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରି ଡ୍ରେନେଜ ପ୍ରଭୃତିରେ ଥିବା ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପ୍ରତିଦିନ ଆରଏମ୍‌ସି ସଫେଇ କର୍ମଚାରୀ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ସେ ବିଷୟରେ ପଚାରି ବୁଝିଥିଲେ। ଆରଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକ, ଅଜିତ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ସେକ୍ଟର-୧୬ ନଦୀ ଘାଟରେ ବ୍ରତୀମାନେ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

## ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଲେ ବ୍ରତୀ

ରାଉରକେଲା,୨୭।୧୦ (ସଙ୍ଗୀତା ଜେନା)

**ରାଉରକେଲାରେ ଛଟ୍ ପର୍ବ**

ବିହାର, ଉତ୍ତର ପ୍ରଦେଶ ତଥା ଉତ୍ତର ଭାରତୀୟଙ୍କ ପ୍ରକୃତିପୂଜା ତଥା ଲୋକପର୍ବ 'ଛଟ୍ ପୂଜା' ପାଇଁ ସୁନ୍ଦରଗଡ଼ ଓ ରାଉରକେଲାରେ ଉତ୍ସାହ ଲାଗିରହିଛି। ସୋମବାର ଛଟ୍ ପୂଜାର ୩ୟ ଦିବସ ଥିଲା। ଅପରାହ୍ନରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ ୧୯ ଘାଟରେ ଏହି ପୂଜା ଆୟୋଜନ ହୋଇଥିଲା। ମଧ୍ୟାହ୍ନରୁ ବ୍ରତୀମାନେ କୁଲା ଓ ଟୋକେଇରେ ବିଭିନ୍ନ ନୈବେଦ୍ୟ ସହ ନଦୀ କୂଳରେ ପହଞ୍ଚିଥିଲେ। ଅପରାହ୍ନରେ ପରିବାରର ସୁଖଶାନ୍ତି ଓ ସମୃଦ୍ଧି କାମନା କରି ସେମାନେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଏଥିପାଇଁ ରାଉରକେଲା ପ୍ରଶାସନ ଓ ଇସ୍ପାତ କାରଖାନା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରତୀମାନଙ୍କ ସୁବିଧା ପାଇଁ ବିଭିନ୍ନ ଘାଟ ପ୍ରସ୍ତୁତି କରାଯାଇଥିଲା। ଝିରପାଣି, ବାଲୁଘାଟ, ରୁପୁଟୋଲା, ହାତପକା ଘାଟ, ବେଦବ୍ୟାସ, ସେକ୍ଟର-୧୬, ହମିରପୁର, ବଣ୍ଡାମୁଣ୍ଡା, ତିଳକାନଗର, ହେଲେଜ ସୁଶୀଲ କମ୍ପ୍ଲେକ୍ସ, ଗୋପବନ୍ଧୁପାଲି, ଯମୁନାନାକି ସମେତ କୋଏଲ ନଦୀ ଓ ଜଳାଶୟରେ ଥିବା ଘାଟମାନଙ୍କରେ ବ୍ରତୀମାନଙ୍କ ପାଇଁ ଚେଞ୍ଜିଂ ରୁମ୍, ଆଲୋକ ବ୍ୟବସ୍ଥା, ହୋମକାଠ, ଅର୍ଘ୍ୟ ପାଇଁ ଗାଈକ୍ଷୀର ତଥା ବ୍ରତୀଙ୍କ ପରିଜନମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରାଯାଇଛି। ସେହିପରି ନଦୀ ଏବଂ ଜଳାଶୟ ନିକଟରେ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଓ ଆୟୋଜକ କମିଟି ପକ୍ଷରୁ ବାଉଁଶ ବ୍ୟାରିକେଡ୍, ଲାଇଫ୍ ବୋଟ୍, ଲାଇଫ୍ ଗାର୍ଡ ବ୍ୟବସ୍ଥା ହୋଇଥିଲା। ଆୟୋଜକମାନଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗଭୀର ଜଳକୁ ଯିବା ପାଇଁ ବାରଣ କରାଯାଉଥିଲା। ପ୍ଲାଣ୍ଟସାଇଟ୍, ରଘୁନାଥପାଲି, ଝିରପାଣି, ସେକ୍ଟର-୧୫, ବ୍ରାହ୍ମଣୀତରଙ୍ଗ, ସେକ୍ଟର-୧୯, ବଣ୍ଡାମୁଣ୍ଡା ଆଦି ଥାନାକୁ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଜାରି କରାଯାଇଥିଲା। ସେହିପରି ପ୍ରତ୍ୟେକ ଘାଟରେ ପୋଲିସ ସମେତ ଅଗ୍ନିଶମ ବିଭାଗକୁ ସକ୍ରିୟ ରହିବାକୁ କୁହାଯାଇଥିଲା। ଘାଟମାନଙ୍କରେ ସୁରକ୍ଷା ବଳ, ୨ଶହରୁ ଊର୍ଦ୍ଧ୍ୱ ହୋମଗାର୍ଡ ଓ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ମଙ୍ଗଳବାର ଭୋର ସମୟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଛଟ୍ ବ୍ରତ ସମାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଏସିଡ୍ ମାଡ଼ ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ରାଉରକେଲା ବଣ୍ଡାମୁଣ୍ଡା ଥାନା ଅନ୍ତର୍ଗତ 'ଏ' ସେକ୍ଟର ଅଞ୍ଚଳରେ ୪ ଜଣ ବ୍ୟକ୍ତିଙ୍କୁ ଏସିଡ୍ ମାଡ଼ ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଏଡିଜେ-୧ ଜଜ୍ ମୁକ୍ତିରଞ୍ଜନ ଶତପଥୀ ଏହି ମାମଲାର ବିଚାର କରି ଅଭିଯୁକ୍ତ ସନ୍ତୋଷ କୁମାର ସୋନା(ବର୍ମା)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ୨୨ ଜଣ ସାକ୍ଷୀ ଓ ୪୨ଟି ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଶତପଥୀ ଏହି ରାୟ ଦେଇଛନ୍ତି।

ସୂଚନା ଅନୁସାରେ, ବଣ୍ଡାମୁଣ୍ଡା ଥାନା ଅନ୍ତର୍ଗତ 'ଏ' ସେକ୍ଟରରେ ସୁଲୋଚନା ପାଣ୍ଡେ, କ୍ରିଷ୍ଣକାନ୍ତ ପାଣ୍ଡେ, ବୈଦ୍ୟକାନ୍ତ ପାଣ୍ଡେ ଓ ପି. ଦେବୀ ବାସ କରନ୍ତି। ୨୦୨୦ ଫେବୃଆରୀ ୫ ତାରିଖ ସନ୍ଧ୍ୟା ସାଢେ ୭ଟାରେ କ୍ରିଷ୍ଣକାନ୍ତ ସପରିବାର ପଡୋଶୀ ପି. ଦେବୀଙ୍କ ସାଙ୍ଗରେ କଥା ହେଉଥିଲେ। ଏହି ସମୟରେ ଅଭିଯୁକ୍ତ ସନ୍ତୋଷ ଏକ ଏସିଡ୍ ବୋତଲ ଆଣି ୪ ଜଣଙ୍କ ଉପରେ ମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ-୨୨/୨୦) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ଅମ୍ବିକା ପ୍ରସାଦ ସିଂ, ବିଜୟ ଦାଶ ଓ କନ୍ହେୟାଲାଲ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ୧୩ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)

**ପ୍ରଦୂଷଣ ନିୟମ ଉଲ୍ଲଂଘନ ଅଭିଯୋଗ**

ରାଉରକେଲାର କଳୁଙ୍ଗାଠାରୁ ଆରମ୍ଭ କରି ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଛତୁ ଫୁଟିଲା ଭଳି କଳକାରଖାନାମାନ ଗଢି ଉଠୁଛି। କେତେକ କଳକାରଖାନାରେ ନିୟମ ମାନୁ ନ ଥିବାରୁ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ତେବେ ନିୟମ ଖିଲାପ ଅଭିଯୋଗରେ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ପକ୍ଷରୁ ସହରର ୧୧ଟି ଅଟୋମୋବାଇଲ୍ ଏବଂ ୨ଟି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ଉକ୍ତ ସଂସ୍ଥାଗୁଡ଼ିକୁ ୧ମାସର ଅବଧି ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ନୋଟିସର ଉତ୍ତର ନ ଦେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡକ୍ଟର ଅନୁପ ମଲ୍ଲିକ କହିଛନ୍ତି, ଆଗକୁ ପ୍ରଦୂଷଣ ବାହକ କାରକ ଗୁଡ଼ିକ ଉପରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବଧି ମଧ୍ୟରେ କାରଣ ନ ଦର୍ଶାଇଲେ ଉକ୍ତ ସଂସ୍ଥା ଗୁଡ଼ିକ ଉପରେ ଲଗାମ କଷାଯିବ ବୋଲି ମଲ୍ଲିକ କହିଥିଲେ।

## ସତର୍କତା ସଙ୍ଗଠନର ଆତ୍ମା

ରାଉରକେଲା,୨୭।୧୦(ବିପ୍ଳବ ରଞ୍ଜନ ଦାଶ)




ସତର୍କତା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସତର୍କତା ହେଉଛି ଏକ ସଙ୍ଗଠନର ଆତ୍ମା। ଏହା ଏକ ପ୍ରତିରକ୍ଷା ପ୍ରଣାଳୀ ଯାହା ସଂସ୍ଥାକୁ ଦୁର୍ନୀତି, ଅନୁଚିତ ଅଭ୍ୟାସ ଏବଂ ଅନୈତିକ ଆଚରଣ ଭଳି ସଂକ୍ରମଣରୁ ରକ୍ଷା କରେ। ଏହା ବିଶ୍ୱାସକୁ ବଜାୟ ରଖେ, ଯାହା ପ୍ରତ୍ୟେକ ସୁସ୍ଥ ଏବଂ ସମୃଦ୍ଧ ପ୍ରତିଷ୍ଠାନର ମୂଳଦୁଆ ବୋଲି ଆର୍‌ଏସ୍‌ପିର ଗୋପବନ୍ଧୁ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ସତର୍କତା ସଚେତନତା ସପ୍ତାହ-୨୦୨୫ ଉଦଘାଟନୀ ଉତ୍ସବରେ ଆରଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ଦେଇଛନ୍ତି। ଏଥିରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର ଏବଂ ସତର୍କତା ବିଭାଗର ଜିଏମ୍ ତଥା ଏସିଭିଓ ରଞ୍ଜନ ଭାରତୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ ଇଂଚାର୍ଜ, ସିଜିଏମ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଚଳିତ ବର୍ଷ ସତର୍କତା ସପ୍ତାହର ବିଷୟବସ୍ତୁ 'ସତର୍କତା: ଆମର ସାମୂହିକ ଦାୟିତ୍ୱ' ଉପରେ ପର୍ଯ୍ୟାବେକ୍ଷିତ ଥିଲା। ପରେ ସତର୍କତା ବିଭାଗର ଡିଜିଏମ୍ ଏସ୍. କେ. ଏସ୍. ରାଜପୁତ ରାଷ୍ଟ୍ରପତିଙ୍କ ବାର୍ତ୍ତା ଏବଂ ବିଭାଗୀୟ ମ୍ୟାନେଜର ମୁକେଶ ସିଂହ ଉପରାଷ୍ଟ୍ରପତିଙ୍କ ବାର୍ତ୍ତା ଏବଂ ଏଜିଏମ୍ ଏ. କେ. ବିଶ୍ୱାଳ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଏବଂ ସିନିୟର ମ୍ୟାନେଜର ବିକ୍ରାନ୍ତ ପଟେଲ କେନ୍ଦ୍ରୀୟ ସତର୍କତା କମିଶନରଙ୍କ ବାର୍ତ୍ତା ପଠନ କରିଥିଲେ। ନିର୍ଦ୍ଦେଶକ ବର୍ମା ସପ୍ତାହ ପାଳନର ଥିମ୍ ସଙ୍ଗୀତ ଏବଂ ସ୍ୱତନ୍ତ୍ର ପତ୍ରକାଶ ସିରିଜ୍ ଓ ଭିଜିଲାନ୍ସ ମାଇଲକ୍ଷ ଉନ୍ମୋଚନ କରିବା ସହ ଶପଥ ପାଠ କରାଇଥିଲେ। ସିସ୍ତରକୁ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ କବିତା ବିଶୋୟୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସତର୍କତା ବିଭାଗର ଡିଜିଏମ୍ ସନ୍ଦୀପ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ।

ଇଣ୍ଡିଆନ୍ ବ୍ୟାଙ୍କ Indian Bank
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in
ପରିଶିଷ୍ଟ-୪[ରୁଲ୍-୮(୧)]
ଦଖଲ ନୋଟିସ
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ ... [illegible]

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| କଟକ ମଙ୍ଗଳାବାଗ ଶାଖା / ... [illegible] | ୧୬.୦୮.୨୦୨୫ ସୁଦ୍ଧା ... [illegible] | ୧୬.୦୮.୨୦୨୫ / ୨୧.୧୦.୨୦୨୫ | ... [illegible] |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫
ସ୍ୱା– କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଆଗ ମାଟି, ପରେ ପାର୍ଟି

## ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ

- ଦେବଗଡ଼ବାସୀଙ୍କ ମାନ, ସମ୍ମାନ ଓ ହକ୍‌ର ଲଢ଼େଇ
- ନୂଆଁ ରୂପ ନେବ ଜନଆନ୍ଦୋଳନ
- ଜନଆନ୍ଦୋଳନକୁ ଭଣ୍ଡୁର କରିବାକୁ କେତେଜଣଙ୍କ ପ୍ରୟାସ

ଦେବଗଡ଼,୨୭।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲାରେ ଦେଖାଦେଇଥିବା ଜନଅସନ୍ତୋଷ ଦିନକୁ ଦିନ ତେଜିବାରେ ଲାଗିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦେବଗଡ଼ ପୁରୁଣା ଡାକ୍ତରଖାନାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଜନଆନ୍ଦୋଳନ ଦିନକୁ ଦିନ ତୀବ୍ରତର ହେଉଛି। ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ଆହ୍ୱାନ କ୍ରମେ ଆନ୍ଦୋଳନରେ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ସାମିଲ ହୋଇ ସମର୍ଥନ ଜଣାଇଆସୁଛନ୍ତି। ସମସ୍ତଙ୍କ ଲକ୍ଷ୍ୟ ଦାବିପୂରଣ, ଦେବଗଡ଼ବାସୀଙ୍କ ମାନ, ସମ୍ମାନ ଓ ହକର ସୁରକ୍ଷା । ତେବେ ଦଳମତ ନିର୍ବିଶେଷରେ ସମସ୍ତେ ଆଗ ମାଟି ପରେ ପାର୍ଟି ନାରାରେ ସାମିଲ ହୋଇ ଦାବି ପୂରଣ ଆଗ, ଦଳ ପଛ ବୋଲି ଭାବୁଛନ୍ତି। ଯୁବ ଏକତା ମଞ୍ଚର ଏକତାକୁ ଭଣ୍ଡୁର କରିବାକୁ କେତେଜଣ ଚେଷ୍ଟା କରୁଛନ୍ତି। କିନ୍ତୁ ଯେତେ ଚେଷ୍ଟା କରିଲେ ମଧ କିଛି କାମ ଦେବ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି, ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା କେବଳ ଆମର ଦାବି। ଏହାକୁ ଯେକୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତିବିଶେଷ ସମର୍ଥନ କଲେ ମଞ୍ଚ ତାଙ୍କୁ ସ୍ୱାଗତ ଜଣାଇବ। ଏହି ଆନ୍ଦୋଳନ କୌଣସି ଦଳର ନୁହେଁ ବରଂ ଦେବଗଡବାସୀଙ୍କମାନ, ସମ୍ମାନ ଓ ହକ ପାଇଁ ଲଢେଇ। ସେଥିପାଇଁ କାଦୁଅଫିଙ୍ଗା ରାଜନୀତି ନ କରିବାକୁ ମଞ୍ଚ ପକ୍ଷରୁ କୁହାଯାଇଛି। ଜିଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ପ୍ରଫୁଲ୍ଲ ନାୟକ, ରାଜେଶ ନାୟକଙ୍କ ସମେତ ବହୁ ସଦସ୍ୟ ଦାବି ହାସଲ ପାଇଁ ଆନ୍ଦୋଳନ ଜାରି ରହିବ କହିଛନ୍ତି। ଆଗ ମାଟି ପରେ ପାର୍ଟି ଏହି ଭାବନା ରଖି ସମସ୍ତେ ଜିଲାର ହକ ପାଇଁ ଆଗେଇ ଆସିବାକୁ କହିଥିଲେ। ଦାବି ପୂରଣ ପାଇଁ ଆନ୍ଦୋଳନ କରିବାକୁ ଆଗେଇ ନ ଆସି କେତେଜଣ ଦାବି ପୂରଣ ହେଲେ ମାଇଲେଜ୍ ନେବା ଚକ୍କରରେ ଅଛନ୍ତି। ନିଜ ଭିତରେ କାଦୁଅଫିଙ୍ଗା ରାଜନୀତି ଛାଡ଼ି ଦାବି ପୂରଣ ପାଇଁ ସମସ୍ତେ ଆଗେଇ ଆସିବାର ସମୟ ଆସିଛି।




## ସେମାନେ ଯାହା କୁହନ୍ତି



ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ କରାଯାଉଥିବା ଦାବି 'ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସେବା'କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି। ଆମେ ସରକାରଙ୍କ ପାଖରେ ଏହି ଦାବି କରିସାରିଛୁ ଏବଂ ଉକ୍ତ ଦାବି ବିଚାରାଧୀନ ଅଛି। ଶୀଘ୍ର ଦାବି ପୂରଣ ହେବ। ସହରବାସୀ ଠାରୁ ଆରମ୍ଭ କରି ଜିଲାବାସୀ ମଧ ପୁରୁଣା ଓ ନୂତନ ହସ୍ପିଟାଲରେ ସମସ୍ତ ସୁବିଧା, ଭଲ ସ୍ୱାସ୍ଥ୍ୟସେବା ପାଇ ପାରିବେ।

-ଅରୁଣ କୁମାର ସାହୁ, ଭାଜପା ଜିଲା ସଭାପତି, ଦେବଗଡ଼



ଦେବଗଡ଼ ସହରରେ ଥିବା ଜିଲା ମୁଖ୍ୟଚିକିତ୍ସାଳୟକୁ ବହୁ ତରବରିଆ ଭାବରେ ପାହାଡ ତଳକୁ ନେଲେ। ଏହାକୁ ଏତେ ତରବର୍‌ରେ ନେବାର ନ ଥିଲା। ଦେବଗଡ ସହରରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି, ସେଥିପାଇଁ ସରକାର ଏହି ଜାଗାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାର ଥିଲା। ଏଣୁ ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ ରୋଗୀ ସେବା ପ୍ରଦାନ କରାଯାଉ ବୋଲି ଦାବି କରୁଛୁ।

-ସେମ ହେମ୍ବ୍ରମ, ସଭାପତି, ଜିଲା କଂଗ୍ରେସ କମିଟି, ଦେବଗଡ଼।



ବିନା ଭିତ୍ତିଭୂମିରେ ଏତେ ଶୀଘ୍ର କାହା ସ୍ୱାର୍ଥରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପୁରା ବନ୍ଦ କରି ଉଠେଇ ନିଆଗଲା। ମଞ୍ଚ ଆବାହକ ହିସାବରେ ଦେବଗଡ଼ ବାସୀଙ୍କର ସ୍ୱାସ୍ଥ୍ୟସେବା ପାଇଁ ଲଢେଇ କରିବୁ । ଆମ୍ଭେ ଯେ ପର୍ଯ୍ୟନ୍ତ ପୁରୁଣା ମେଡିକାଲରେ ପୁନଃ ସ୍ୱାସ୍ଥ୍ୟସେବା ନ ମିଳିଛି ମଞ୍ଚ ଆନ୍ଦୋଳନ ଜାରି ରଖିବ। ଏଥିପାଇଁ ମଞ୍ଚ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

-ସୁରଞ୍ଜିତ ମହାପାତ୍ର, ଆବାହକ, ଜିଲା ଯୁବ ଏକତା ମଞ୍ଚ,ଦେବଗଡ



ଦେବଗଡ଼ ପୁରୁଣା ଡାକ୍ତରଖାନା ୨୪ଘଣ୍ଟିଆ କାର୍ଯ୍ୟକ୍ଷମ ନେଇ ଲୋକଙ୍କ ଦାବିପ୍ରତି ସମ୍ପୂର୍ଣ୍ଣ ସମର୍ଥନ ରହିଛି। ସହରର ଲୋକଙ୍କ ସୁବିଧା ନିମନ୍ତେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚାଲୁ ରଖିବା ପାଇଁ ଅନୁରୋଧ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ବିଳମ୍ବ ହେଉଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଶା କରିବି ରାଜ୍ୟ ସରକାର ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ।

-ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଧାୟକ, ଦେବଗଡ

# ଦଣ୍ଡବତ ମୁଣ୍ଡିଆ ମାରି ରାଜସ୍ଥାନରୁ ପୁରୀ ଯାତ୍ରା

ବେଲପାହାଡ଼, ୨୭।୧୦ (ସୁବାସ ପ୍ରଧାନ)

ପ୍ରଭୂ ଜଗନ୍ନାଥଙ୍କ ପ୍ରତି ଅତୁଟ ବିଶ୍ୱାସ ଓ ଭକ୍ତିର ଉଦାହରଣ ସାଜିଛନ୍ତି ବାବା ରାଜଗିରି। ଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ରାଜସ୍ଥାନର କରୋଲିରୁ ପୁରୀ ଜଗନ୍ନାଥ ଧାମକୁ ଚାଲିଚାଲି ଦଣ୍ଡବତ ମୁଣ୍ଡିଆ ମାରି ଯାତ୍ରା କରୁଛନ୍ତି। ଦୀର୍ଘ ୧୮ଶହରୁ ଉର୍ଦ୍ଧ୍ୱ କିଲୋମିଟର ଏହି ଯାତ୍ରାକୁ ସେ ଗତ ଏପ୍ରିଲ ୧୮ ତାରିଖ ଆରମ୍ଭ କରିଥିଲେ। ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ରାଜ୍ୟ ଦେଇ ଦୀର୍ଘ ୮ ମାସ ପରେ ଏବେ ଓଡ଼ିଶା ପହଞ୍ଚିଛନ୍ତି। ଦିନକୁ ୧୦ ରୁ ୧୨ କିଲୋମିଟର ଯାତ୍ରା କରୁଥିବା ବାବା ରାଜଗିରି ମହାରାଜ ସନାତନ ଧର୍ମର ପ୍ରଚାର ପ୍ରସାର, ବାପା, ମା'ଙ୍କୁ ସମ୍ମାନ, ପାଶ୍ଚାତ୍ୟ ପରମ୍ପରାର ତ୍ୟାଗ, ଗୋ ହତ୍ୟା ବନ୍ଦ ପରି ବିଭିନ୍ନ ବାର୍ତ୍ତା ଦେଇ ଏହି ଯାତ୍ରା କରୁଛନ୍ତି। ପ୍ରଭୂ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ସେ ବ୍ୟାକୁଳ ଥିବାବେଳେ ଖରାବର୍ଷା ଶୀତକୁ ଖାତିର ନକରି ନିଜ ଯାତ୍ରାରେ ଆଗେଇ ଚାଲିଛନ୍ତି। ସୋମବାର ସେ ବେଲପାହାଡରେ ପହଞ୍ଚି ଥିବାବେଳେ ବେଲପାହାଡ ମହିମା ଛକ ଜୁନାଡ଼ିହି ଆଦି ଅଞ୍ଚଳରେ ତାଙ୍କୁ ସ୍ୱାଗତ କରାଯାଇଛି। ବେଲପାହାଡ ମହିମା ମଠରେ ଅଞ୍ଚଳବାସୀ ତାଙ୍କ ରାତ୍ରୀଯାପନ ବ୍ୟବସ୍ଥା ମଧ କରିଛନ୍ତି। ବାବା ରାଜଗିରି ମହାରାଜ ଏହା ପୂର୍ବରୁ ଦଣ୍ଡବତ ମୁଣ୍ଡିଆ ମାରି ରାମେଶ୍ୱର ଧାମ ଯାତ୍ରା କରିଥିବାବେଳେ ଏବେ ପୁରୀ ଧାମ ଯାତ୍ରା କରୁଛନ୍ତି। ପୁରୀ ଯାତ୍ରା ପରେ ଦ୍ୱାରିକା ଆଉ ବଦ୍ରିନାଥ ଯାତ୍ରା କରିବେ ବୋଲି ପ୍ରକାଶ କରିଛନ୍ତି।



ବାବା ରାଜଗିରି ଦଣ୍ଡବତ ମାରି ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଛନ୍ତି।

# ବିପୁଳ ମଦ ଜବତ, ୪ ଗିରଫ




ଲଖନପୁର,୨୭।୧୦(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଞ୍ଚଳରୁ ମଦ ଚାଲାଣକାରୀ ଗ୍ୟାଙ୍ଗକୁ ଧରିଛି ପୋଲିସ। ଗ୍ୟାଙ୍ଗଠାରୁ ୧ହଜାର ୨୫ ଲିଟରରୁ ଅଧିକ ମଦ ପୋଲିସ ଜବତ କରିଛି। ଜବତ ମଦର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ। ଏହାସହ ଏକ ଗାଡି ସିଜି୦୪ଏଚଏନ ୯୩୫୮କୁ ମଧ୍ୟ ପୋଲିସ ଜବତ କରିଛି। ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାରସୁଗୁଡ଼ା ଅମାପାଲିର ବିକ୍ରମ ଦେହାରୀ(୪୮), କୁଳମଣି ମଲ୍ଲିକ (୩୨), ଲୁଆବଗାର ବଲ୍ଲଭ ମେହେର(୩୨), ବରଗଡ଼ ଜିଲା ପ୍ରକାଶପୁରର ରହୁଲ ନାଏକ(୨୫)। ଅଭିଯୁକ୍ତମାନେ ବେଆଇନ ଭାବରେ ବରଗଡ଼ରୁ ଝାରସୁଗୁଡା ଦେଇ ଛତିଶଗଡ଼କୁ ମଦ ଚାଲାଣ କରୁଥିବାବେଳେ ପୋଲିସ ସେମାନଙ୍କୁ ସୋମବାର ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି।

# ଇବ୍ ଘାଟରେ ପାଳିତ ହେଲା ଛଟ୍‌ପୂଜା



ଇବ୍ ନଦୀ କୂଳରେ ଛଟ୍‌ପୂଜା କରାଯାଉଛି।

ଝାରସୁଗୁଡ଼ା,୨୭।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାର ଚାରିଆଡେ ଛଟ୍‌ପୂଜା ପାଳନ କରାଯାଉଥିବା ବେଳେ ଇବ୍ ନଦୀ ଘାଟରେ ସୋମବାର ଅପରାହ୍ନରେ ପ୍ରବଳ ଜନସମାଗମ ମଧ୍ୟରେ ପାଳନ କରାଯାଇଛି। ଝାରସୁଗୁଡା, ବ୍ରଜରାଜନଗର ତଥା ଜିଲାର ସମସ୍ତ ଅଞ୍ଚଳରେ ବିହାର ରାଜ୍ୟର ବହୁ ଲୋକ ଆସି ରହିଛନ୍ତି। ବିହାରୀମାନଙ୍କର ଛଟ୍ ପୂଜା ଏକ ମୁଖ୍ୟ ପର୍ବ ହୋଇଥିବାବେଳେ ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ଇବ୍ ନଦୀ କୂଳକୁ ବିହାରୀ ମହିଳା ଓ ପୁରୁଷମାନେ ଛଟ ପୂଜା ଲାଗି ଯାଇଥିଲେ। ସେମାନେ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ଏହି ପୂଜାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ ଯୋଗ ଦେଇଥିଲେ। ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ କହିଛନ୍ତି, ଏବର୍ଷ ଇବ୍ ନଦୀ କୂଳରେ ଏତେ ଜନଗହଳି ହୋଇଛି, ଅତୀତର ରେକର୍ଡକୁ ଭାଙ୍ଗି ଦେଇଛି। ଶାନ୍ତି ଶୃଙ୍ଖଳା ସହିତ ଛଟ ପୂଜା ହୋଇପାରିଛି ବୋଲି ସୂଚନା ଦେଇଛନ୍ତି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୭।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ମୁଖ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୩୩ଟି ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରୁ ୧୦ଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ ରହିଥିଲା। ଶିବିରରେ ସୋଡ଼ାମାଲ ପ୍ୟାକ୍ସ ଅଫିସ ଓ ଗୋଦାମ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ, ରମାଗୁଡ଼ା ଜଙ୍ଗଲ ମଝିରେ କୋଇଲାଗୁଣ୍ଡ ଦ୍ୱାରା ହେଉଥିବା ପ୍ରଦୂଷଣ ଝର୍ଲାପାଲି ହରିଜନପଡା ଯଜ୍ଞମଣ୍ଡପ ସଂଲଗ୍ନ ସରକାରୀ ରକ୍ଷିତ ଜମି ଜବରଦଖଲ ମୁକ୍ତ କରାଯିବା, ଟ୍ରାନ୍ସଫର୍ମର ମରାମତି, ଡୁଙ୍ଗୁରିପଡ଼ାରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୬୩ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୭ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷକରି ସିସି ରାସ୍ତା ନିର୍ମାଣ, ପାନୀୟ ଜଳ, ଜମିର ପଟ୍ଟା କରେକ୍ସନ, ଦିବ୍ୟାଙ୍ଗ ଭତ୍ତା, ହାତୀ ଦ୍ୱାରା ଫସଲ ନଷ୍ଟ ଓ ଷ୍ଟ୍ରିଟଲାଇଟ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମିଜି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁଳି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମୁଣ୍ଡରେ ପଇଡ଼ ପଡି ଯୁବକ ମୃତ

ଦେବଗଡ଼,୨୭।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଜମୁନାଳି ଗ୍ରାମରେ ଜଣେ ଯୁବକ ସୋମବାର ପଡ଼ିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ସମୟରେ ମୁଣ୍ଡରେ ପଇଡ଼ ପଡିବାରୁ ମୃତ୍ୟୁ ଘଟିଛି। ଜମୁନାଳି ଗ୍ରାମର ଅଭି କିଷାନ (୪୦) ପଡିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ପାଇଁ ନଡ଼ିଆ ଗଛ ତଳେ ଥିବା ଏକ କୋଳି ଗଛର ଡାଳରେ ଚଢି ଲୁହା ଅଙ୍କୁସୀ ଦ୍ୱାରା ନଡ଼ିଆ ଗଛରୁ ପଇଡ଼ ତୋଳୁଥିଲେ। ପଇଡ଼ ଅଭିଙ୍କ ମୁଣ୍ଡରେ ପଡିଥିଲା। ଫଳରେ ଅଭି ଗଛରୁ ତଳକୁ ପଡି ଗୁରୁତର ହୋଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ଅଭିଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ବାରକୋଟ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# ଝାରସୁଗୁଡ଼ାରେ ଭାଜପାର ମିଶ୍ରଣ ପର୍ବ

- ଯୋଗଦେଲେ ୩ ବିଜେଡି ସମର୍ଥିତ ସରପଞ୍ଚ, ଜଣେ ସମିତି ସଭ୍ୟ, ବରିଷ୍ଠ ଓ ଯୁବନେତା
- ମିଶ୍ରଣ ପର୍ବ ଭାଜପାକୁ ତୃଣମୂଳସ୍ତରରେ ଆହୁରୀ ସୁଦୃଢ କରିବ: ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଝାରସୁଗୁଡ଼ା, ୨୭।୧୦(ଆଶିଷ ରଞ୍ଜନ ଦାଶ)




ଝାରସୁଗୁଡ଼ାରେ ଭାଜପାର ମିଶ୍ରଣ ପର୍ବରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ଉପସ୍ଥିତିରେ ସାମିଲ ହୋଇଥିବା ନେତା।

ଝାରସୁଗୁଡା ଜିଲାରେ ଦିନକୁ ଦିନ ବିଜେଡିର ଗଡ଼ ଭୁଶୁଡ଼ିବାରେ ଲାଗିଛି। ଝାରସୁଗୁଡାସ୍ଥିତ ବିଟିଏମ୍ କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ ଲଇକେରା ବ୍ଲକର ୩ଜଣ ବିଜେଡି ସମର୍ଥିତ ସରପଞ୍ଚ, ଜଣେ ସମିତି ସଭ୍ୟ ଏବଂ ବିଜେଡିର ବହୁ ବରିଷ୍ଠ ଓ ଯୁବ ନେତା ଭାଜପାରେ ସାମିଲ ହେବା ଘଟଣାରୁ ଜଣାପଡୁଛି। ଭାଜପାର ଏହି ମିଶ୍ରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଥିଲେ, ଯେଉଁମାନେ ଭାଜପାରେ ସାମିଲ ହୋଇଛନ୍ତି, ସେମାନଙ୍କୁ ଦଳକୁ ସ୍ୱାଗତ। କେନ୍ଦ୍ର ଓ ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାରର ଗରିବ କଲ୍ୟାଣ ନୀତି ପାଇଁ ସମସ୍ତେ ଉତ୍ସାହିତ ଅଛନ୍ତି। ଏହି ମିଶ୍ରଣ ପର୍ବ ସାଙ୍ଗଠନିକ ଭାବରେ ଦଳକୁ ଆହୁରି ମଜଭୁତ କରିବ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି, ଭାଜପା ପ୍ରତି ଧିରେ ଧିରେ ଲୋକଙ୍କ ଆଶା ବଢିବାରେ ଲାଗିଛି। ଏହି ମିଶ୍ରଣ ପର୍ବ ଭାଜପାକୁ ଆହୁରି ସୁଦୃଢ କରିବା ସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ସଫଳ ହେବ। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଆଗାମୀ ଦିନରେ ଝାରସୁଗୁଡାରେ ଭାଜପାକୁ ତୃଣମୂଳସ୍ତରରେ ମଜଭୁତ କରିବା ସହିତ ଝାରସୁଗୁଡାକୁ ବିକାଶ ଦିଗରେ ଆଗକୁ ନେବାରେ ଏହା ସହାୟକ ହେବ ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ଲଇକେରା ବ୍ଲକ ତିଲେଇମାଲ ସରପଞ୍ଚ ଟିକେଶ୍ୱର କଣ୍ଡା, ସାରଙ୍ଗଲୋଇ ସରପଞ୍ଚ ଲଳିତ କୁମାର ସେଠ, ଭାତଲଇଡା ସରପଞ୍ଚ ଦୁଷ୍ମନ୍ତ ଭୋଇ, କୁଲେମୁରା ସମିତି ସଭ୍ୟ କଲ୍ୟାଣୀ ବାଗ, ଝାରସୁଗୁଡା ବ୍ଲକ ବଡମାଲ ଗ୍ରାମର ନାଏବ ସରପଞ୍ଚ ସେଜତି କିଷାନ, ଜିଲା ବିଜୁ ଜନତା ଦଳର ପୂର୍ବତନ ସାଧାରଣ ସମ୍ପାଦକ ଲଙ୍କେଶ୍ୱର ଭୀମ, ତେଲି ସମାଜର ନେତା ମଧୁ ମଙ୍ଗଳ ସା, ଓରାମ ସମାଜର ଉପସଭାପତି କତାଲୁ ଓରାମ,ବରିଷ୍ଠ ନେତା ଶିବଲାଲ ସିଂ, ଯୁବନେତା ତପନ ସେଠ, ବରିଷ୍ଠ ନେତା କୈଳାସ ନାୟକ, ଭକ୍ତ କିଷାନ, ତପନ କିଷାନ, ଝାରସୁଗୁଡା ପୌର ପରିଷଦର ଯୁବ ନେତା ଜୟ ମହାନନ୍ଦିଆଙ୍କ ସହିତ ଅନେକ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ନେତାଜୀ ପଟ୍ଟନାୟକ, ଲଳିତ ମଗର, ସାହାସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ, ବିମଳେନ୍ଦୁ ଭୋଳ, ବିଶ୍ୱଜିତ ଷଡଙ୍ଗୀ, ପ୍ରେମସେନ ରାୟ ପ୍ରମୁଖ ସାମିଲ ଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥ ପାଠ




ଦୁର୍ନୀତି ନ କରିବା ପାଇଁ କର୍ମଚାରୀମାନେ ଶପଥ କରୁଛନ୍ତି।

ଝାରସୁଗୁଡ଼ା, ୨୭।୧୦(ଆଶିଷ ରଞ୍ଜନ ଦାଶ)

ଚଳିତବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ଉପଲକ୍ଷେ ଜିଲା କାର୍ଯ୍ୟାଳୟଠାରେ ସୋମବାର ଶପଥପାଠ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ସମବେତ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତାର ସହ ଦାୟିତ୍ୱ ସମ୍ପାଦନ, ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ, ଉତ୍କୋଚ ନ ନେବା କିମ୍ବା ନ ଦେବା ଏବଂ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଶପଥ ପାଠର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ପ୍ଲଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ୰ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | **(୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆର୍‌ଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ନୂଆ ଜ୍ଞାନ ଆହରଣ ଓ ଟେକ୍‌ନୋଲୋଜି ବ୍ୟବହାର ଉପରେ ଗୁରୁତ୍ୱ

## ୪୧ତମ ଓଡିଶା ରାଜ୍ୟ ଦନ୍ତ ଚିକିତ୍ସକ ସମ୍ମିଳନୀ ଉଦ୍‌ଯାପିତ

ବଲାଙ୍ଗୀର,୨୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପ୍ରେକ୍ଷାଳୟଠାରେ ତିନି ଦିନ ଧରି ଚାଲିଥିବା ୪୧ ତମ ଓଡିଶା ରାଜ୍ୟ ଦନ୍ତ ଚିକିତ୍ସକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଚିକିତ୍ସା ବିଜ୍ଞାନର ଅଗ୍ରଗତି, ନୂଆ ଜ୍ଞାନ ଆହରଣ ଓ ଟେକ୍‌ନୋଲୋଜି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଗୌରବ ଶିଭାଜୀ ଇସଲୱାର ଯୋଗଦେଇ ରାଜ୍ୟ ସମ୍ମିଳନୀର ଆୟୋଜନକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଆଇଡିଏ ଓଡିଶା ସଭାପତି ଡା. ଦୁର୍ଗାଶଙ୍କର ଶତପଥୀ, ଆଇଡିଏ ଓଡିଶା ସମ୍ପାଦକ ଡା. ସୁବାସ ଚନ୍ଦ୍ର ନାୟକ, ଡା. ଲଲାଟେନ୍ଦୁ ଦାଶ, ସମ୍ମିଳନୀ ସାଙ୍ଗଠନିକ ଅଧ୍ୟକ୍ଷ ଡା. ଆକାଶ ଜୈନ, ସାଙ୍ଗଠନିକ ସମ୍ପାଦକ ଡା. ଯଶବୀର ମେହେର ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ରାଜ୍ୟର ୩୦୦ ଜଣ ଦନ୍ତ ବିଶେଷଜ୍ଞ, ଡାକ୍ତର ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବଲାଙ୍ଗୀର ଆଇଡିଏ ରୟାଲ ବ୍ରାଞ୍ଚ ପକ୍ଷରୁ ପ୍ରଥମ ଥର ବଲାଙ୍ଗୀରରେ ରାଜ୍ୟ ଦନ୍ତ ଚିକିତ୍ସକ ସମ୍ମିଳନୀ ଆୟୋଜନ କରାଯାଇଥିବା ବେଳେ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଆୟୋଜକ ଅନୁଷ୍ଠାନକୁ ଧନ୍ୟବାଦ ଜଣାଯାଇଥିଲା। ଏହି ସମ୍ମିଳନୀରେ ଡାକ୍ତର ପଞ୍ଚଜନ୍ୟ ପଣ୍ଡା, ଡା. ଗୀତା ପାଢ଼ୀ, ଡା. ଶୁଭମ୍ ଦାନୀ ଓ ଅନ୍ୟମାନେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ଦନ୍ତ ଚିକିତ୍ସକ।

# ପ୍ରଶାସକ, ସରକାରୀ ଅଧିକାରୀ କଲେ ଶପଥପାଠ


ଅଧିକାରୀମାନେ ଶପଥ ଗ୍ରହଣ କରୁଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ବଲାଙ୍ଗୀର,୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ସୋମବାର ବଲାଙ୍ଗୀର ସଦର ମହକୁମାଠାରେ ଜିଲାପାଳ ଗୌରବ ଶିଭାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ପୁଲସ୍ତି ଛତ୍ରିଆ ଯୋଗଦେଇ ଶପଥ ପାଠ କରିଥିଲେ । ଏହାଛଡା ଜିଲା ଭେଷଜ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ରମେଶ ଚନ୍ଦ୍ର ସାହୁ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲା ମୁଖ୍ୟ କୃଷି ଅଧିକାରୀ ଧାରେନ୍ଦ୍ର ସିଂ ବରିହା, ଜିଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ମେହେରଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀ , ଜିଲାପାଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଶପଥ ଗ୍ରହଣ କରିଥିଲେ। ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ଶପଥ ନେଇଥିଲେ।

# ଚୋରି ସାମଗ୍ରୀ ଉଦ୍ଧାର

କଣ୍ଟାବାଞ୍ଜି,୨୭।୧୦(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସହରର ଆମ୍ବପଡାସ୍ଥିତ ଗୁରୁକଲ୍ୟାଣ ନଗରର ସୁଶାନ୍ତ କୁମାର ମହାନ୍ତିଙ୍କ ଘରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ୩ ଜଣ ଅଭିଯୁକ୍ତସମ୍ପୃକ୍ତ ଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ ଅନ୍ୟ ଏକ ଚୋରି ମାମଲାରେ ପୂର୍ବରୁ ଜଣେ ଗିରଫ ହୋଇ ଜେଲ ହାଜତରେ ଥିବା ବେଳେ ଅନ୍ୟ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜଣେ ଫେରାର ଅଛି। ରବିବାର ଦିନ ସ୍ଥାନୀୟ ଥାନା ପରିସର ଅଭ୍ୟର୍ଥନା କକ୍ଷରେ ଖବରଦାତା ସମ୍ମିଳନୀ କରି ପୋଲିସ ଉପଖଣ୍ଡ ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି ଏହି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ ଗତ ୫ ତାରିଖ ମଧ୍ୟରାତିରେ ସୁଶାନ୍ତିଙ୍କ ଘରୁ ୩୧.୬୦୦ ଗ୍ରାମ ଓଜନର ବିଭିନ୍ନ ପ୍ରକାର ସୁନା ଅଳଙ୍କାର,ଏକ ମୋବାଇଲ ଫୋନ,ଏକ ଟାବଲେଟ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୩୫୬/ ୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଯୁଗ୍ମ ଜନଅଭିଯୋଗ ଶୁଣାଣି : ୭୬ଟି ଅଭିଯୋଗ ଦାଖଲ

ବଲାଙ୍ଗୀର, ୨୭।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀଙ୍କଠାରେ ସମୁଦାୟ ୭୬ଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୭୩ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୩ଟି ସାମୂହିକ ଅଭିଯୋଗ ରହିଥିଲା। ଜିଲାପାଳ ଇସଲୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାଗୁଡିକର ଶୁଣାଣି କରିଥିଲେ। ୧୧ଟି ମାମଲାର ଶୁଣାଣି କରି ତୁରନ୍ତ ସମାଧାନ କରିଥିବା ସୂଚନା ଦିଆଯାଇଛି। ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଯଥାଶୀଘ୍ର ମାମଲାଗୁଡିକର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ, ଆସିଷ୍ଟାଣ୍ଟ କଲେକ୍ଟର (ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର ତଥା ସମସ୍ତ ଜିଲାସ୍ତରୀୟ ଅଧିକାରୀ ଜନ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ସ୍ନିଗ୍ଧାରାଣୀ ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବଲାଙ୍ଗୀର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଜନଅଭିଯୋଗ ଶୁଣାଣି କରୁଛନ୍ତି।

# ପାଟଣାଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ବୈଠକ

## ନୂତନ କର୍ମକର୍ତ୍ତା ଚୟନ

ପାଟଣାଗଡ଼,୨୭।୧୦(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘର ଏନଏସି ଚିତାଡୁଙ୍ଗୁରି ନିକଟ ଏକ ଆମ୍ବବଗିଚାଠାରେ ସଂଘର କାର୍ଯ୍ୟକାରିଣୀ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଏହି ବୈଠକରେ ପ୍ରଥମେ ସଂଘର ଆୟବ୍ୟୟ ଉପରେ ଆଲୋଚନା ହେବା ସହ ଖୁବଶୀଘ୍ର ବେଲପଡା ବ୍ଲକ ଉପାନ୍ତ ବାଗଦୋର ପଞ୍ଚାୟତରେ ଏକ ସାସ୍ଥ୍ୟ ଶିବିର କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ସର୍ବସମ୍ମତି କ୍ରମେ ପ୍ରବୀଣ କୁମାର ପୁରୋହିତଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ ସଂଘର ନୂତନ କର୍ମକର୍ତ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରହଲ୍ଲାଦ ପାଢ଼ୀଙ୍କୁ ସଭାପତି, ସଦାଶିବ ସରାଫଙ୍କୁ ସମ୍ପାଦକ, ପାଟଣାଗଡ଼ ପାଇଁ ଉପ ସଭାପତି ଭାବେ ସୁବୋଦ ମେହେର,ସହ ସମ୍ପାଦକ ଭାବରେ ସୁବ୍ରତ ମହାକୁର , ଖପ୍ରାଖୋଲ ଓ ବେଲପଡା ପାଇଁ ଉପ ସଭାପତି ଭାବେ ନରେନ୍ଦ୍ର ଭୋଇ ଓ ମେଘନାଦ ସାହୁ, କୋଷାଧ୍ୟକ୍ଷ ଭାବରେ ବଂଶୀଧର ସେଠଙ୍କୁ ଚୟନ କରାଯାଇଥିଲା। ଏଥିସହ କାର୍ଯ୍ୟକାରୀ କମିଟକୁ ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରବିଣ କୁମାର ପୁରୋହିତ, ଲଳିତ କୁମାର ମିଶ୍ର,ରଞ୍ଜନ ମେହେର,ମନୋଜ ମିଶ୍ର,ଅଭୟ ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ବେଳେ ସଂଯୋଜକ ଭାବରେ ସୁନୀଲ କୁମାର ଚୋପଦାରକୁ ଦାୟିତ୍ୱ ଦିଆଯାଇଥିଲା। ଆଗାମୀ ଦିନରେ ସହରର ମୁଖ୍ୟ ରାସ୍ତା ଧୁମାଭଟା ଛକଠାରେ ନୂତନ ଭାବରେ ଏକ ସାମ୍ବାଦିକ ଭବନ ନିର୍ମାଣ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅର୍ଦ୍ଧବାର୍ଷିକୀ ଜନଶୁଣାଣି ଶିବିର

- ଏମଜିଏନ୍‌ଆରଇଜିଏସ୍ ଯୋଜନାର ସାମାଜିକ ସମୀକ୍ଷା
- ୧୭୪ ପରିବାରକୁ ମିଳିଛି ୩ ଶହ ଦିନର କାମ

ଖପ୍ରାଖୋଲ,୨୭।୧୦(ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଦ୍ଧବାର୍ଷିକୀ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ପ୍ରୋଗ୍ରାମ ଅଫିସର ତଥା ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ତଥା ପର୍ଯ୍ୟବେକ୍ଷକ ଭାବେ ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସମୀକ୍ଷକ ଅମିତାଭ ମେଣ୍ଡୁଲି, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଯୋଗଦେଇଥିଲେ। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ନାଏକ ବ୍ଲକର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ରିପୋର୍ଟ ଅନୁସାରେ ବ୍ଲକରେ ଗତ ଛଅ ମାସରେ ୧୮ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୪ ଲକ୍ଷ ୭୬ହଜାର ୮୪୯ ଟି ଶ୍ରମ ଦିବସ ସୃଷ୍ଟି ହୋଇ ୧୭୪ ପରିବାରକୁ ତିନିଶହ ଦିନ, ୫୭୬ପରିବାରକୁ ଦୁଇଶହ ଦିନ ଓ ୧୯୨୦ ପରିବାରକୁ ଶହେ ଦିନର କାମ ମିଳିଥିବା ଜଣାଯାଇଛି। ଏହି ଅବସରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଚାଉଳ ବଣ୍ଟନ ଉପରେ ସବିଶେଷ ତଥ୍ୟ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ଉପସ୍ଥାପନ କରିଥିଲେ। ସାମାଜିକ ସମୀକ୍ଷକ ୟୁନିଟ ତରଫରୁ ଗତ ସମୀକ୍ଷା ସମୟରେ ମିଳିଥିବା ଜନସାଧାରଣଙ୍କ ଅଭିଯୋଗ, ବ୍ୟତିକ୍ରମ, ଆର୍ଥିକ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଉପରେ ତଥ୍ୟ ପ୍ରଦାନ କରି ସମସ୍ୟାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ଗାଁ ସାଥୀଙ୍କ ପାଉଣା ମିଳି ନ ଥିବା, ଭେଲୁଆଖୋଲ ଗାଁରେ ଶ୍ରମିକ ପାଉଣା ମିଳିନଥିବା ଆଦି ଅଭିଯୋଗ ହୋଇଥିଲା। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପ ଜିଲାପାଳ କହିଥିଲେ। ଏହି ଅବସରରେ ମହରାପଦର, ଲାଠୋର ଓ ଧଣ୍ଡାମୁଣ୍ଡା ପଞ୍ଚାୟତକୁ ୩ ଶହ ଦିନ କାମ ଯୋଗାଇବାରେ ସଫଳ ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରମିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଏସଏ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ । ଜିପିଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଜଙ୍ଗଲ, ଉଦ୍ୟାନ କୃଷି ବିଭାଗର ଅଧିକାରୀ, ସରପଞ୍ଚ, ପିଇଓ, ଏଡିଏଓ, ଗାଁ ସାଥୀ ଓ ଶ୍ରମିକ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟି ଗୁହାରି କଲେ ବୀରେନ୍ଦ୍ର

ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଛେଲବାହାଲ ଗ୍ରାମର ବୀରେନ୍ଦ୍ର କର୍ମୀ ରାଜମିସ୍ତ୍ରୀ କାମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ ହୋଇ ଯାଇଛନ୍ତି। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର କରାଯାଇଥିଲା। ବୀରେନ୍ଦ୍ର ସମ୍ପୂର୍ଣ୍ଣ ଅକ୍ଷମ ଥିଲେ ସୁଦ୍ଧା ତାଙ୍କୁ ମିଳିଥିବା ୪୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ରକୁ କାର୍ଯ୍ୟାଳୟରେ ଜିମା ଦିଆଯାଇଥିଲା। ନୂତନ ପ୍ରମାଣ ପତ୍ର ପାଇଁ ନଭେମ୍ବର ୧୬ରେ ପୁଣି ଥରେ ଆସିବାକୁ ତାଙ୍କୁ କୁହାଯାଇଛି। ଏହି ଅବସରରେ ବୀରେନ୍ଦ୍ର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ସାକ୍ଷାତ କରିଥିଲେ। ସେ ଏବଂ ତାଙ୍କ ସ୍ତ୍ରୀ ସବିତା ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ଓ ପାରିବାରିକ ଦୁରାବସ୍ଥା ସମ୍ପର୍କରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସାଙ୍ଗକୁ ଆବାସ ଯୋଜନାରେ ଘର, ୩୫ କେଜି ପିଡିଏସ, ୯ ମାସର ବକେୟା ପିଡିଏସ ପ୍ରଦାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଇସଲୱାର ଦାବିପତ୍ର ଗ୍ରହଣ କରି ଲୋଇସିଂହା ବିଡ଼ିଓଙ୍କୁ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଧରିତ୍ରୀରେ ‘ବୀରେନ୍ଦ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ’ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ସାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କିନ୍ତୁ ବିଡମ୍ବନା ବିଷୟ, ବ୍ଲକ ପ୍ରଶାସନ ବୀରେନ୍ଦ୍ରଙ୍କ ପାଖରେ ପହଞ୍ଚି ପାରିନାହିଁ।


ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ସହ ବୀରେନ୍ଦ୍ର।

# ପରୀକ୍ଷା ପାଖେଇ ଆସିଲାଣି, କୋର୍ସ ସରିନି

## ଲୋଇସିଂହା କଲେଜ
## ଚିନ୍ତାରେ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ର

ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)

ଯୁକ୍ତ ଦୁଇ ବାର୍ଷିକ ବିଜ୍ଞାନ ପରୀକ୍ଷାକୁ ଆଉ ଅଳ୍ପ ଦିନ ରହିଲା। ଅକ୍ଟୋବର ୨୫ରୁ ଫର୍ମ ଫିଲ୍‌ଅପ୍ ଆରମ୍ଭ ହୋଇଯାଇଛି। ଅଥଚ ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ କେତେକ ବିଷୟର କୋର୍ସ ସରିନ ଥିବାରୁ ଚିନ୍ତାରେ ପଡି ଯାଇଛନ୍ତି ଛାତ୍ରୀଛାତ୍ର। ଏନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ନିକଟରେ କଲେଜ ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, କମ୍ପ୍ୟୁଟର ସାଇନ୍ସ , ଫିଜିକ୍ସ ବିଷୟରେ ଆବଶ୍ୟକ ଅନୁଯାୟୀ କୋର୍ସ ସରିନାହିଁ। ବାର୍ଷିକ ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ ସହ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହୋଇଯାଇଛି। ଆସନ୍ତା ଜାନୁୟାରୀରେ ପ୍ରାକ୍ଟିକାଲ ଓ ଫେବୃୟାରୀରେ ଥିଓରି ପରୀକ୍ଷା ହେବ। ପାଠପଢ଼ା ପାଇଁ ପାଖରେ ଆଉ ୩ ମାସ ସମୟ ରହିଛି। ଏହାଛଡ଼ା ଆଉ କେତେକ ବିଭାଗରେ ପ୍ରସବକାଳୀନ ଛୁଟି ଓ ବିଭିନ୍ନ କାରଣରୁ ଅଧ୍ୟାପିକା ଅଧ୍ୟାପକ ନାହାନ୍ତି। କଲେଜ କର୍ତ୍ତୃପକ୍ଷ ଅସ୍ଥାୟୀ ଅଧ୍ୟାପକ, ଅଧ୍ୟାପିକା ନିଯୁକ୍ତି କରି ଶୃଙ୍ଖଳିତ ଶିକ୍ଷାଦାନ କରିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ଦାବି କରିଛନ୍ତି।

# ୨୯ରେ ବିଭିନ୍ନ ଦାବି ନେଇ ଘେରାଉ

## କେନ୍ଦ୍ରପତ୍ର କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ

ଦେଓଗାଁ ,୨୭।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଓଡିଶା କେନ୍ଦ୍ରପତ୍ର ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ଆହ୍ୱାନକ୍ରମେ ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଦାବି ନେଇ ଘେରାଉ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଗୁଡଖାପଲା ପଞ୍ଚାୟତ ଅନ୍ତର୍ଗତ ମାଲପଡା ନିକଟ ମଣ୍ଡପରେ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଡିଭିଜନ ସଂପାଦକ ରାଜ କିଶୋର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୫ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ତୋଳାଳିମାନେ ଉପସ୍ଥିତ ରହି ବିଭିନ୍ନ ଦାବି ଉପରେ ମତପୋଷଣ କରିଥିଲେ । ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ବନ୍ଧେଇ ଶ୍ରମିକମାନଙ୍କ ମଜୁରି ବୃଦ୍ଧି, କନ୍ୟା ବିବାହ ସହାୟତା, ସର୍ବନିମ୍ନ ଅନୁପାତରେ ମଜୁରି ଧାର୍ଯ୍ୟ କରିବା, ତୋଳାଳିମାନଙ୍କ କେନ୍ଦୁପତ୍ର ଦର ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି, ଜିଏସଟି ଅର୍ଥ ଫେରସ୍ତ ଓ କର୍ମଚାରୀଙ୍କ ବୋନସ ବୃଦ୍ଧି ଇତ୍ୟାଦି ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ବଲାଙ୍ଗୀର ଡିଭିଜନ କର୍ମଚାରୀ ଓ ତୋଳାଳି ସଂଘ ତରଫରୁ ଆହ୍ୱାନ କରାଯାଇଥିଲା । ଏହି ବୈଠକରେ ଅନନ୍ତ ହୋତା, ଦିନେଶ ବେହେରା, ବି. ପାତ୍ର, ବିଜୟ ସାହୁ, ନେପାଳ ସା, ସତ୍ୟ ଶତପଥୀ, ହେମନ୍ତ ମାଝୀ, ମୋହନ ମଲ୍ଲିକ, ମନୋଜ ବାରିକ, ମକାରୁ ନାଏକ, ପ୍ରକାଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ମଣିଷ ଅହଂକାର ଶୂନ୍ୟ ହେବା ସହଜ କଥା ନୁହେଁ


ଅଧିବେଶନରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା।

## ବଲାଙ୍ଗୀର ସଂସ୍କୃତ ପରିଷଦର ମାସିକ ଅଧିବେଶନ

ବଲାଙ୍ଗୀର, ୨୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ବଲାଙ୍ଗୀର ସଂସ୍କୃତ ପରିଷଦର ମାସିକ ଅଧିବେଶନ ଆଇନଜୀବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିଶୁ ବିକାଶ କେନ୍ଦ୍ର ସଭାପତି ମଦନ ମୋହନ ରଥ ଯୋଗଦେଇ ମଣିଷ ମରଣଶୀଳ ହେଲେ ମଧ୍ୟ ଅହଙ୍କାର ଶୂନ୍ୟ ହେବା ସହଜ କଥା ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେଶବ ଚନ୍ଦ୍ର ମିଶ୍ର ଯୋଗଦେଇ ଅହଂଭାବର କୁପ୍ରଭାବ ଓ ଏହାର ଦୂରୀକରଣର ସରଳ ସମାଧାନ ସୂତ୍ର ଉପରେ କହିଥିଲେ। ସମ୍ପାଦକ ରାଜ କିଶୋର ପଣ୍ଡା ଗତ ଅଧିବେଶନର ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅଧିବେଶନରେ ସୀତାଂଶୁ ଶେଖର ନାୟକ, ବ୍ରଜ କିଶୋର ପଣ୍ଡା, ପର୍ଶୁରାମ ନାୟକ, ଯୁଧିଷ୍ଠିର ପଣ୍ଡା, ବିଘ୍ନରାଜ ମିଶ୍ର, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବାମାବଲ୍ଲଭ ତ୍ରିପାଠୀ ଯୋଗ ଦେଇଥିଲେ।

# ଲୋଇସିଂହା ବ୍ଲକ୍ ଫୁଟ୍‌ବଲ କୋଚିଂ କ୍ୟାମ୍ପ

ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)

ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ପାଇଁ ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଲୋଇସିଂହା ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ଫୁଟବଲ ଶ୍ରେଷ୍ଠ ଖେଳାଳି ଚୟନ ତଥା କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେଉଛି। ଏହି କ୍ୟାମ୍ପ ଦୁଇଦିନ ଧରି ଚାଲିବ। ଏହାକୁ ସ୍ଥାନୀୟ ସରପଞ୍ଚ ସୁଦୀପା କୁମାର ସା ସୋମବାର ଉଦ୍‌ଘାଟନ କରିଥିଲେ। ନିକଟରେ ବ୍ଲକର ଲୋଇସିଂହା, ସରଗାଡ , କୁଶଙ୍ଗ, ଯୋଗୀସର୍ଡା ଆଦି ୪ ଜୋନରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଖେଳାଳି ଚୟନ କରାଯାଇଥିଲା। ୪ ଜୋନରୁ ୨୯ ଜଣ ମନୋନୀତ ବଛା ବଛା ଖେଳାଳିଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏଥିରୁ ବ୍ଲକର ଶ୍ରେଷ୍ଠ ଟିମ୍ ଗଠନ କରାଯାଇ ଜିଲାସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ। ବ୍ଲକର ୧୦ ଜଣ କ୍ରୀଡ଼ା ଶିକ୍ଷକ କ୍ୟାମ୍ପରେ ଯୋଗଦେଇ ମନୋନୀତ ଖେଳାଳିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତାଲିମ ପ୍ରଦାନ କରୁଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ ଅନୁଷ୍ଠିତ ହେଉଛି। ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସହଯୋଗ କରୁଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖ ଦିନ ଜିଲାର ଦେଓଗାଁ ବ୍ଲକ ଉପରଝରରେ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗୀ ଅନୁଷ୍ଠିତ ହେବ।



ଶିକ୍ଷକ, ଖେଳାଳିଙ୍କ ଗହଣରେ ଅତିଥି।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ପ୍ଲଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ସ୍ୱ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | (୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

ସ୍ଥାନ: କଟକ
ତାରିଖ: ୨୭.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ଅମଳ ଆରମ୍ଭ, ବସିନି ଧାନ ସଂଗ୍ରହ କମିଟି ବୈଠକ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଚାଷୀଙ୍କ ଖରିଫ୍ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଜିଲାର ପଦ୍ମପୁର ଉପଖଣ୍ଡ ସମେତ ଅତାବିରା, ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀମାନେ ହାର୍ଭେଷ୍ଟର ଏବଂ ଶ୍ରମିକ ଲଗାଇ ଧାନ ଅମଳ କରୁଛନ୍ତି। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଜିଲା ଧାନ ସଂଗ୍ରହ କମିଟି ବୈଠକ ବସି ପାରି ନାହିଁ। ଅନ୍ୟପଟେ ଆଗକୁ ଧାନ ସଂଗ୍ରହ ପ୍ରକ୍ରିୟା ଆସୁଥିବାବେଳେ ରବିବାର ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନର ପକ୍ଷରୁ ବରଗଡ଼ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସଙ୍କ କିଭଳି ଭୂମିକା ରହିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସରକାର ଆସୋସିଏସନର ଦାବି ସମୂହ ପୂରଣ ନ କଲେ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସଙ୍କ ପୂର୍ବଭଳି ସହଯୋଗ ରହିବ ନାହିଁ ବୋଲି ବୈଠକର ନିଷ୍ପତ୍ତିରୁ ବାରି ହୋଇ ପଡ଼ିଥିଲା। ତେବେ ଗୋଟିଏ ପଟେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ କମିଟି ବୈଠକ ବସି ନଥିବାବେଳେ ଅନ୍ୟପଟେ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନର ସେଭଳି ନିଷ୍ପତ୍ତି ଯୋଗୁ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ବହୁବିଧ ସମସ୍ୟାରେ ଛନ୍ଦି ହେବାର ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ସାଧାରଣତଃ ଅକ୍ଟୋବର ମାସ ଶେଷ ସପ୍ତାହରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଜିଲା ଧାନ ସଂଗ୍ରହ କମିଟି ବୈଠକ ବସିଥାଏ। ଉକ୍ତ ବୈଠକରେ ଜିଲାର ସମସ୍ତ ଜନ ପ୍ରତିନିଧି, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ସମେତ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ବିଭିନ୍ନ ବିଭାଗର ପଦାଧିକାରୀ, ଚାଷୀ ଏବଂ ମିଲର୍ସ ପ୍ରତିନିଧି ଉପସ୍ଥିତ ରହିଥାନ୍ତି। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା



ବରଗଡ଼ ଜିଲା ଭେଡ଼େନ ବ୍ଲକରେ ହାର୍ଭେଷ୍ଟର ଯୋଗେ ଧାନ ଅମଳ ଚାଲିଛି।

ସହିତ ନୀତି ନିର୍ଦ୍ଧାରଣ କରାଯାଏ। ଏହି କ୍ରମରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭର ତାରିଖ ନିର୍ଦ୍ଧାରଣ କରାଯିବା ସହିତ ମଣ୍ଡି ପ୍ରସ୍ତୁତି ଆଦି ଉପରେ ସୂଚନା ଦିଆଯାଇଥାଏ। ସେହିପରି ମିଲର୍ସ ଏବଂ ଚାଷୀ ପ୍ରତିନିଧିମାନେ ମଧ୍ୟ ସେମାନଙ୍କ ବିଭିନ୍ନ ସମସ୍ୟା ବୈଠକରେ ଉପସ୍ଥାପନ କରିଥାନ୍ତି ଏବଂ ସେହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବୈଠକରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଥାଏ। କିନ୍ତୁ ଅକ୍ଟୋବର ମାସ ସରିବାକୁ ଆଉ ମାତ୍ର ୩ଦିନ ବାକି ଥିବାବେଳେ ଏପର୍ଯ୍ୟନ୍ତ ଧାନ ସଂଗ୍ରହ କମିଟି ବୈଠକ ବସି ପାରି ନାହିଁ। ସେହିପରି ଅକ୍ଟୋବର ମାସ ଶେଷ ସପ୍ତାହରୁ ଆରମ୍ଭ କରି ନଭେମ୍ବର ମାସରେ ଜିଲାରେ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଥାଏ। ଏହି କ୍ରମରେ ଆଗରୁ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଉଥିଲା। ମାତ୍ର ଗତ କିଛିବର୍ଷ ହେଲା, ଦିନକୁ ଦିନ

- ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ ଆଶଙ୍କା
- ମିଲର୍ସଙ୍କ ନିଷ୍ପତ୍ତି ପରେ ବଢ଼ୁଛି ଅଡୁଆ

ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ବିଳମ୍ବିତ ହେବାରେ ଲାଗିଛି। ଚାଷୀଙ୍କ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଥିଲେ ସୁଦ୍ଧା ନଭେମ୍ବର ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରାଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଥିଲା। ତେବେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ କରା ନଯିବାକୁ ଚାଷୀମାନେ ଏବେଠାରୁ ଦାବି ଆରମ୍ଭ କଲେଣି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ତାରିଖ ନିର୍ଦ୍ଧାରଣ କରିବା ତ ଦୂରର କଥା, ଏଯାଏ ଧାନ ସଂଗ୍ରହ କମିଟି ବୈଠକ ବସି ନଥିବାରୁ ଆଗକୁ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହୋଇ ପଡ଼ିବାର ଆଶଙ୍କା ରହିଛି।

# ଜବରଦଖଲ ଉଚ୍ଛେଦ ଦାବିରେ ତହସିଲ ଅଫିସ ଘେରାଉ



ଜବରଦଖଲ ଉଚ୍ଛେଦ ଦାବିରେ ଦାବିପତ୍ର ପ୍ରଦାନ କରାଯାଉଛି।

**ବୀରମହାରାଜପୁର, ୨୭।୧୦ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମୁର୍ଷୁଣୀ ପଞ୍ଚାୟତ ଅନ୍ତର୍ଗତ ଯୁଧିଷ୍ଠିରପୁର ଗାଁରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି ନେଇ ସୋମବାର ବୀରମହାରାଜପୁର ତହସିଲଦାର କାର୍ଯ୍ୟାଳୟ ଘେରିଛନ୍ତି ଗ୍ରାମବାସୀ। ସେମାନେ ଅଭିଯୋଗ କରିଥିଲେ ଗାଁରେ ଥିବା ଶତାଧିକ ଏକର ଗୋଚର, ଅନାବାଦି ଜମିକୁ କେତେକ ଅସାଧୁ ବ୍ୟକ୍ତି ହଡପ କରି ଚାଷ ଜମି କରିଛନ୍ତି। ବାରମ୍ବାର କହିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେଣୁ ରାଜସ୍ୱ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଉ। ପରେ ବୀରମହାରାଜପୁର ତହସିଲଦାରଙ୍କ ଅନୁପସ୍ଥିତରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ଗ୍ରାମବାସୀ ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରି ଅତିରିକ୍ତ ତହସିଲଦାର ପଣ୍ଡା କହିଛନ୍ତି, ତହସିଲଦାରଙ୍କ ସହ ଆଲୋଚନା କରି ସରକାରୀ ନିୟମ ଅନୁସାରେ ଜବରଦଖଲ ଉଚ୍ଛେଦ କରାଯିବ। ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଏହି ଅବସରରେ ଗ୍ରାମବାସୀ ଚେତାବନୀ ଦେଇଥିଲେ।

## ଶିବିରରେ ୧୦୦ଜଣଙ୍କ ଚକ୍ଷୁ ପରୀକ୍ଷା

**ବିନିକା, ୨୭।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ନୂଆବଜାରସ୍ଥିତ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ମିଳିତ ସହଯୋଗରେ ରବିବାର ମେଗା ଚକ୍ଷୁ ପରୀକ୍ଷା ଶିବର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ୫୭ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଥିଲା। ତ୍ରିଲୋଚନ ନେତ୍ରାଳୟ ଛବିରଣୀ ପୃଷ୍ଟି, ସୁଷମା ପଟେଲ, ଚାନ୍ଦିନୀ ସୁନା, ସୁଲାମି ପ୍ରତାପ, ରୋଷନ ଭୋଇ ରୋଗୀ ମାନଙ୍କର ଚକ୍ଷୁ ପରୀକ୍ଷା କରି ମାଗଣା ଚଷମା ପ୍ରଦାନ କରିଥିଲେ। ବିନିକା ଦୁର୍ଗା ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡା, ସ୍ମୃତି କମିଟି ସଭାପତି ଅର୍ଚ୍ଚନା ପୂଜାହାରୀ, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଉପସଭାପତି ସମ୍ବିତ ନେପାକ, କମିଟି ଉପଦେଷ୍ଟା ସୂର୍ଯ୍ୟନାରାୟଣ ସାହୁ, ଅଶ୍ୱିନୀ ପଣ୍ଡା, ଗୌତମ ମିଶ୍ର, ପ୍ରଶାନ୍ତ ନାୟକ, ଅଶୋକ ପାଣ୍ଡେ, କୈଳାସ ଗଣ୍ଡ, ଅଶୋକ ପଣ୍ଡା, ନିଳମଣୀ ସାହୁ, ଶେଷଦେବ ମଣ୍ଡଳ, ନିଳମଣୀ ସାହୁ, ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀ, ଅକ୍ଷୟ ପୂଜାହାରୀଙ୍କ ସ୍ମୃତି କମିଟି କର୍ମକର୍ତ୍ତା ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଅତିରିକ୍ତ ଜିଲାପାଳ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କରୁଛନ୍ତି।

**ବୀରମହାରାଜପୁର ୨୭।୧୦ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ଏସ୍‌ପି ନାରାୟଣ ନାଏକ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଥିଲା। ସମସ୍ତ ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ରାଜୀବ କୁମାର ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର କୁମାର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, କମିରା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନୁସୟା ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମିରା ଗ୍ରାମର ଭିନ୍ନକ୍ଷମ ମେନକା ସ୍ୱାଇଁ, କଲ୍ୟାଣୀ ଚାଉଳିଆ ଓ ସୁବଳୟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁବଳୟା ଗ୍ରାମର ଭିନ୍ନକ୍ଷମ କୃଷ୍ଣଚନ୍ଦ୍ର ନାୟକଙ୍କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ପରେ ଶିବିରରେ ଉପସ୍ଥିତ ଥିବା ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ପାଠ କରିଥିଲେ।

## ହରଭଙ୍ଗାରେ ଗଞ୍ଜେଇ ଚାଷ ନଷ୍ଟ

**ହରଭଙ୍ଗା,୨୭।୧୦(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାର ବୌଦ୍ଧ ଓ କଣ୍ଟାମାଳ ବ୍ଲକ ଅଞ୍ଚଳ ଗଞ୍ଜେଇ ଚାଷ ଓ କାରବାର ପାଇଁ ଚର୍ଚ୍ଚାରେ ରହିଥିବାବେଳେ ଏବେ ଏହାର ଚେର ହରଭଙ୍ଗା ବ୍ଲକକୁ ବ୍ୟାପିଥିବା ଦେଖାଯାଇଛି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଏକ କିମି ଦୂରରେ ଥିବା ଘୋଡାଡିଆଁ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ହୋଇଥିବା ଗଞ୍ଜେଇ ଚାଷକୁ ସୋମବାର ପୋଲିସ, ବନ କର୍ମଚାରୀ ଓ ରାଜସ୍ୱ କର୍ମଚାରୀ ନଷ୍ଟ କରିଥିବା ଜଣାପଡିଛି। ଗଞ୍ଜେଇ ଚାଷ ନଷ୍ଟ ଅଭିଯାନରେ ହରଭଙ୍ଗା ଥାନାଧିକାରୀ ବାଲଙ୍କି ପ୍ରଧାନ, ଏସ୍‌ଆଇ ଚନ୍ଦନ ଜେନା, ବନପାଳ ସୁଶାନ୍ତ କୁମାର ସାହୁଙ୍କ ସମେତ ବନ, ପୋଲିସ ଓ ରାଜସ୍ୱ କର୍ମଚାରୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଘୋଡାଡିଆଁ ଗ୍ରାମ ପୁରୁଣାକଟକ ଥାନା, ବନ ବିଭାଗ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଏକ କି.ମି. ଦୂର ହେବ। ଏହି ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ୫ରୁ ୬ଟି ସ୍ଥାନରେ ଗଞ୍ଜେଇ ଚାଷ ହୋଇଥିବା ବନ ବିଭାଗକୁ ସୂଚନା ମିଳିଥିଲା।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୨୭।୧୦(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ.ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣ୍ଡେ, ଶିକ୍ଷକ ବଳଦେବ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ବିଦ୍ୟୁପ୍ରଭା ପୂଜାରୀ ଯୋଗଦେଇଥିଲେ। ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶିକ୍ଷକ ବିଶ୍ୱସମ୍ରାଟ ଭୋଇ। ସୁବର୍ଣ୍ଣପୁର ଜିଲାରୁ ଆସିଥିବା ସାଇବର ରଥକୁ ଛାତ୍ରୀଛାତ୍ରମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଥାନା ଅଧିକାରୀ ମେହେର ସାଇବର ଠକେଇ ପ୍ରତି ସାବଧାନ ରହିବାକୁ ସଚେତନତା କରାଯିବା ସାଇବର ସୁରକ୍ଷା ଅଭିଯାନର ଲକ୍ଷ୍ୟ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ମୋବାଇଲ ବ୍ୟବହାର ବେଳେ ଅନଲାଇନ ଠକେଇ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ କ୍ଷୀରସିନ୍ଧୁ ବାଘ, ବିଶ୍ୱାମିତ୍ର ଭୁଏଁ, ସ୍କୁଲ କର୍ମଚାରୀ, ଥାନା ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ଶିକ୍ଷକ ବଳଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ଗସ୍ତରେ ଉତ୍ତରାଞ୍ଚଳ ସୂଚନା, ଲୋକ ସମ୍ପର୍କ ଉପ ନିର୍ଦ୍ଦେଶିକା



ଉପନିର୍ଦ୍ଦେଶିକାଙ୍କୁ ସ୍ୱାଗତ କରାଯାଉଛି।

**ବୌଦ୍ଧ,୨୭।୧୦(ଅଜିତ କୁମାର ବାରିକ)**

ଉତ୍ତରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାସ ସୋମବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ପାଠାଗାର ବୁଲି ଦେଖିଥିଲେ। ଏହି ସମୟରେ ସେ ପାଠାଗାରରେ ଥିବା ନଥିପତ୍ର ତନଖି କରିଥିଲେ। ପାଠକମାନଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ କାର୍ଯ୍ୟାଳୟ ପରିସରରେ ଏକ ଇ-ଲାଇବ୍ରେରୀ ନିର୍ମାଣ କରିବା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, କର୍ମଚାରୀ ଅକ୍ଷୟ କୁମାର ମହାକୁଡ, ଜିତେନ୍ଦ୍ର କୁମାର ମହାନ୍ତି, ବୀରକିଶୋର କର୍ମୀ ଓ ପାଠକମାନେ ଉପସ୍ଥିତ ଥିଲେ।

## କଣ୍ଟାମାଳରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ପଲସାଗୋରା,୨୭।୧୦(ଅଶ୍ୱିନୀ ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋଏଲ ଶିବିରରେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଶିବିରରେ ସହଯୋଗ କରିଥିଲେ। ଏଥିସହିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରଥମ ଦିନରେ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଇଥିଲେ। ପରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡବଣ୍ଟନ କରାଯାଇଥିଲା।

# ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞ

**ସୋନପୁର,୨୭।୧୦ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବିଶିପଡା ପଞ୍ଚାୟତ ଜଗନ୍ନାଥପାଲିସ୍ଥିତ ଗଇଲବେର୍ଣ୍ଣା ଅଲେଖ ମହିମା ମଠରେ ବିଶଶାନ୍ତି ପାଇଁ ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞ ଓ ଧର୍ମ ସଭା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଧର୍ମସଭାରେ ଶାସନି ମହାସଂଘର ସଭାପତି ଦୁର୍ଗାଚରଣ କଳତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଏସପି ନାରାୟଣ ନାୟକ ଯୋଗଦେଇ ମହିମା ଧର୍ମ ଓ ଅଖଣ୍ଡ ଯଜ୍ଞର ମୂଳ ଲକ୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ସାନନ୍ଦ ମେହେର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଡ଼ିଓ ରାହାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ବାବା ବ୍ରହ୍ମଚାରୀ ଲିଙ୍ଗରାଜ ଦାସ, ପ୍ରାଧାପିକା ମୀନା ମହାରଣା, ସାମାଜିକ କର୍ମୀ ଗୋରେଖ ନାଥ ସାହୁ ଓ ଭୀମଭୋଇଙ୍କ ବାର୍ତ୍ତା ପ୍ରଚାରକ ମୋହନ ମହାନନ୍ଦ ଯୋଗଦେଇ ମହିମା ଧର୍ମର ମହିମା ଉପରେ ଆଲୋକପାତ କରିଥିଲେ।



ମହିମା ମଠରେ ଆୟୋଜିତ ଧର୍ମସଭାରେ ଅତିଥି ବୃନ୍ଦ।

ଭକ୍ତ ବୈକୁଣ୍ଠ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାବିତ୍ କ୍ଷୀର ସାଗର ବିଭାର ଧନ୍ୟବାଦ ପ୍ରଦାନ କରିଥିଲେ। ବାବା ଯଶୋବନ୍ତ ଦାସ, ଜଗଦାନନ୍ଦ ଦାସ, ହନୁମନ୍ତ ଦାସ ଓ ଭୀମଭୋଇ ସମାଧିପୀଠ ମଠାଧୀଶ ସନ୍ୟାସୀ ଦାସ ଘୃତାହୁତି କରିଥିଲେ। ଭଜନ କୀର୍ତ୍ତନରେ ଆଖପାଖ ଅଞ୍ଚଳର ୧୮ଟି ଦଳ ଭାଗ ନେଇଥିଲେ। ଖଲିଆପାଲି ମାତାମଠ ମଠାଧୀଶ ସାନ୍ୟାସିନୀ ସୁବ୍ରତୀ ମାତା ଓ ସାନ୍ୟାସିନୀ ମିନତୀ ମାତା ଯଜ୍ଞକାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। ଭୀମଭୋଇଙ୍କ ବାର୍ତ୍ତା ପ୍ରଚାରକ ରାମ ଗୋପାଳ ବାଘ, ଭକ୍ତ ଉତ୍ତମ ସିଂ ନାଗ, ମିଲୁ ତାଣ୍ଡି, ଦାଶରଥି ଦୀପ, ବିରେନ ମହାନନ୍ଦ ଓ ଶଶୀ କୁମ୍ଭାର ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ସୋମବାର ସକାଳେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ମହିମା ଭକ୍ତ ବୃଦ୍ଧା ବୃଦ୍ଧଙ୍କୁ ଭୁବନେଶର ବୟନିକା ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

# ଦୁର୍ନୀତି ନିବାରଣ ରଥର ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ବୌଦ୍ଧ,୨୭।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୋମବାର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଓ ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର କହଁର ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ପରେ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସମସ୍ତ କର୍ମଚାରୀ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ରଥ ଜିଲା ସାରା ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବାର କାର୍ଯ୍ୟକ୍ରମ ରହିଛି।

# ଦୁର୍ନୀତି ନିବାରଣ ପାଇଁ ସାମୂହିକ ଶପଥପାଠ

**ସୋନପୁର,୨୭।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାମୂହିକ ଶପଥ ପାଠ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଜଜ ଧନୁର୍ଦ୍ଧର ସେନାପତିଙ୍କ ତ୍ୱାବଧାନରେ ଜିଲ୍ଲା ନ୍ୟାୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଦିଲୀପ କୁମାର ବିଶ୍ୱାଳ, ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱବିଶୃତ କର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ, ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୱଦେସ୍ନା ପଟ୍ଟନାୟକ, ପ୍ରୋବେସନ ଅଫିସର ରାହୁଲ ବିକ୍ରମ ପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ନ୍ୟାୟାଳୟ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସାମୂହିକ ଶପଥ ପାଠ କରିଥିଲେ।




ଜିଲା ନ୍ୟାୟାଳୟରେ ସାମୂହିକ ଶପଥପାଠ କରାଯାଉଛି।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ମଙ୍ଗଳାବାଗ ଶାଖା / ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ପ୍ଲଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ୰ ନାରାୟଣ ଦାସ ଲଖାନି / **ଜାମିନ୍‌ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | **(୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦ୍ଦିରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସ୍‌ଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚଉହଦ୍ଦିରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

**ସ୍ଥାନ: କଟକ**
**ତାରିଖ: ୨୭.୧୦.୨୦୨୫**

ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ**
**ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କଡ଼ାକଡ଼ି



**ନୂଆପଡ଼ା,୨୭।୧୦ (ମକାରୁ ବେମାଲ):** ନୂଆପଡ଼ା ଉପନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ଅବକାରୀ ବିଭାଗ ତରଫରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ଚେକ୍‌ପୋଷ୍ଟ କରି ଯାନବାହନ ତଲାସୀ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଅବକାରୀ କର୍ମଚାରୀ ୬୯ ଲିଟର ବିଅର୍, ୩୮ଲି. ବିଦେଶୀ ମଦ, ୪୨୪୦ଲି. ହାତରନ୍ଧା ମଦ,୧୦୬୨ଲି. ବାହାର ଭାଟି ମଦ, ୨୬ କେଜି ଗଞ୍ଜେଇ ଏବଂ ୧୦ କୁଇଣ୍ଟାଲ ୬୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୭୩ ଲକ୍ଷ ୧୪ ହଜାର ୧୪୨ ଟଙ୍କା ହେବ। ଏହା ସହ ୫ ବାଇକ୍ ଓ ଗୋଟିଏ ଚାରିଚକିଆ ଯାନ ମଧ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୩୫ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୮୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଜଣାଇଛନ୍ତି ।

### ଗାୟତ୍ରୀ ପରିବାରର ପୁଂସବନ ସଂସ୍କାର କର୍ମ

**ଖଡ଼ିଆଲ,୨୭।୧୦(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ୍ ଅନ୍ତର୍ଗତ ଘରଧରା ଗ୍ରାମଠାରେ ଗାୟତ୍ରୀ ପରିବାର ତରଫରୁ ୬ଜଣ ଗର୍ଭବତୀ ଭଉଣୀଙ୍କ ସାମୂହିକ ପୁଂସବନ ସଂସ୍କାର କର୍ମ ଅନୁଷ୍ଠିତ ହୋଇଥିଲା। ଏହି କର୍ମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ମା' ଗର୍ଭରେ ଥିବା ଅବସ୍ଥାରେ ଯଦି ଆମେ ତାକୁ ସଂସ୍କାରିତ କରିବା ତା'ହେଲେ ଜଣେ ଉତ୍ତମ ଗୁଣସମ୍ପନ୍ନ ଶିଶୁ ଧରାପୃଷ୍ଠକୁ ଆସିବ। ଏହାଦ୍ୱାରା ମା'ବାପାଙ୍କୁ ଜଣେ ଯୋଗ୍ୟ ସନ୍ତାନ ଓ ସମାଜକୁ ଜଣେ ଉତ୍ତମ ନାଗରିକ ମିଳିପାରିବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆସ ଗଢ଼ିବା ସଂସ୍କାରବନ ପିଢ଼ିର ନୂଆପଡ଼ା ଜିଲା ସଂଯୋଜିକା ମମତା ମଞ୍ଜରୀ ଥିଟ୍ଟା, ବରିଷ୍ଠ କାର୍ଯ୍ୟକର୍ତ୍ତା ତ୍ରିଲୋଚନ ବିଶି, ସନାତନ ଶବର ପରିଚାଳନା କରିଥିଲେ।

### ଗଜବାହାଲରେ ସାମାଜିକ ସମୀକ୍ଷା ଗ୍ରାମସଭା

**କର୍ଲାମୁଣ୍ଡା,୨୭।୧୦ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିକାରୀ ଗହୀର ସଭାପତିତ୍ୱ କରିଥିଲେ। ସରପଞ୍ଚ ଅରବିନ୍ଦ ଗହୀର, ଏଡିଇଓ ଲକ୍ଷ୍ମୀକାନ୍ତ ମନହିରା ସଭା ସଂଯୋଜନା କରିଥିଲେ। ସଙ୍ଗୀତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟା ଗହୀର ଅଭିଯୋଗ ଉପସ୍ଥାପନ କରିଥିବାବେଳେ ତପସ୍ୱିନୀ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଣକୁଶଳୀ ଶ୍ରମିକ, ମେଟ ତଥା ଜନସାଧାରଣ ଉପସ୍ଥିତ ରହି ନିଜନିଜର ସମସ୍ୟା ଉପସ୍ଥାପନା କରିଥିଲେ।

# ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

- ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସୂଚନା
- ୬୭ ପଞ୍ଚାୟତର ୧୧୭ ଗ୍ରାମ ପ୍ରଭାବିତ ଆଶଙ୍କା ଚିହ୍ନଟ

**ଭବାନୀପାଟଣା,୨୭।୧୦(ଉତ୍ତମ କୁମାର ଦାଶ)**



ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା କରିବା ପାଇଁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ସୋମବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଓସୱାନ ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ପାୱାର ସଚିନ ପ୍ରକାଶ ସବିଶେଷ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲା ପାଇଁ ସୋମବାର, ମଙ୍ଗଳବାର ଅରେଞ୍ଜ ୱାର୍ନିଂ ଓ ବୁଧବାର ରେଡ୍ ୱାର୍ନିଂ ରହିଛି। ତେବେ ବାତ୍ୟା ମୁକାବିଲା କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ପ୍ରଭାବିତ ଆଶଙ୍କା ଥିବା ୬୭ ପଞ୍ଚାୟତର ୧୧୭ ଗ୍ରାମ ଚିହ୍ନଟ କରାଯାଇଛି। ଜିଲାରେ ୯୬ଟି ଆଶ୍ରୟସ୍ଥଳୀ ଓ ୪ଟି ଏକାଧିକ ବ୍ୟବସ୍ଥା ଥିବା ଆଶ୍ରୟସ୍ଥଳୀ କରାଯାଇଛି। ସେଠାରେ ପାନୀୟ ଜଳ, ବିଦ୍ୟୁତ୍ କରଣ ସମେତ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ଜରୁରିକାଳୀନ ସେବା ପାଇଁ ବ୍ଲକ, ବିଜ୍ଞାପିତ ଅଞ୍ଚଳ ଓ ପୌରପାଳିକାକୁ ଡିଜି ସେଟ, ହେଣ୍ଡପମ୍ପ, ଜେସିବି ରଖିବା ପାଇଁ କୁହାଯାଇଛି। ଜିଲାରେ ଆସନ୍ତା ୧୦ ଦିନରେ ମଧ୍ୟରେ ୩୬୭ ଗର୍ଭବତୀ ମହିଳାଙ୍କର ପ୍ରସୂତୀ ହେବାର ସମ୍ଭାବନା ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୬ ମହିଳାଙ୍କୁ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଅବଶିଷ୍ଟଙ୍କୁ ମଙ୍ଗଳବାର ସକାଳୁ ସ୍ଥାନାନ୍ତର କରାଯିବ। ଆବଶ୍ୟକ ଅନୁଯାୟୀ ଔଷଧ ମହଜୁଦ ରହିଛି। ଜିଲା ମୁଖ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜି ସେଟ କାର୍ଯ୍ୟକାରୀ ହେଉଛି। ଜିଲା କଣ୍ଟ୍ରୋଲ ରୁମ ଦିବାରାତ୍ର ସହାୟତା ପାଇଁ ଖୋଲା ରହିବ। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ୨୨ ଟିମ ସବୁବେଳେ ପ୍ରସ୍ତୁତ ରହିଛନ୍ତି। ବିଦ୍ୟୁତ୍ ସମସ୍ୟା ହେଲେ ଟିପିଡବ୍ଲ୍ୟୁଓଡିଲ୍ ପକ୍ଷରୁ ୪୮ ଟିମ ସଜାଗ ରହିଛନ୍ତି। ଇଞ୍ଜିନିୟର ଏବଂ ବୈଷୟିକ କର୍ମଚାରୀଙ୍କ ସମେତ ୫,୨୦୦ରୁ ଅଧିକ କର୍ମଚାରୀଙ୍କୁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ନିୟୋଜିତ କରାଯାଇଛି। ଜିଲାର ବିଭିନ୍ନ ସବଷ୍ଟେଶନୟରେ ୫୨ଟି ପୋଲ ମାଷ୍ଟର ଏବଂ ୧୨୦୦ କର୍ମଚାରୀଙ୍କୁ ନେଇ ଗଠିତ ରାପିଡ ରେସ୍‌ପନ୍ସ ଟିମ୍ ୨୪ ଘଣ୍ଟା କାର୍ଯ୍ୟ ତଦାରଖ ଏବଂ କ୍ଷେତ୍ର କାର୍ଯ୍ୟକୁ ସମର୍ଥନ କରିବା ପାଇଁ ମୁତୟନ କରାଯାଇଛି। ସେହିପରି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧୫୦ରୁ ଅଧିକ ଉପଯୋଗୀ ଯାନ, କ୍ରେନ ଓ ଟ୍ରେଲର ନିୟୋଜିତ କରାଯାଇଛି। ୩ଟି ଓଡ୍ରାଫ ନିୟୋଜିତ ରହିଥିବାବେଳେ ଏହା ଥୁଆମୂଳ ରାମପୁର, ଭବାନୀପାଟଣା ଓ ଧର୍ମଗଡ଼ରେ ମୁତୟନ ହେବେ। ଗୋଟିଏ ଟିମରେ ୧୨ ଜଣ ସଦସ୍ୟ ରହିଛନ୍ତି। କୌଣସି ଜରୁରୀ କାମ ନ ଥିଲେ ଘର ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ସମ୍ପର୍କିତ ସୂଚନା ଥିଲେ ତୁରନ୍ତ ବ୍ଲକ, ତହସିଲ କିମ୍ବା ଜିଲା କଣ୍ଟ୍ରୋଲ ରୁମକୁ ଜଣାଇବାକୁ ଜିଲାପାଳ କଳାହାଣ୍ଡିବାସୀଙ୍କୁ ନିବେଦନ କରିଛନ୍ତି। ଏହା ପୂର୍ବରୁ ଜିଲାପାଳ ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି। ବିନା ଅନୁମତିରେ କେହି ମୁଖ୍ୟାଳୟ ନ ଛାଡିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ନାମା ମାଧ୍ୟମରେ ଜିଲାପାଳ ଅବଗତ କରିଛନ୍ତି। ଯଦି ଏହାର ଅବମାନନା କରନ୍ତି ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ବାତ୍ୟା ପାଇଁ ଜିଲାର ସମସ୍ତ ସ୍କୁଲ ମଙ୍ଗଳବାରଠାରୁ ୩୦ ଯାଏ ବନ୍ଦ ରହିବ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟମୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନର ଜରୁରୀ ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀ।

**କେସିଙ୍ଗା,୨୭।୧୦(ତୁମେଶ୍ୱର ସାହୁ)**

ସମ୍ଭାବ୍ୟ ବାତ୍ୟାକୁ ନେଇ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ଜରୁରୀ ବୈଠକ ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍‌ର ରାଜସ୍ୱ ବିଭାଗ, ବନ ବିଭାଗ, ଅଗ୍ନିଶମ ଓ କୃଷି ବିଭାଗର ସମସ୍ତ ଅଧିକାରୀ ଯୋଗଦେଇଥିଲେ। ସ୍ୱଳ୍ପ ବର୍ଷାରେ ଜଳମଗ୍ନ ହେଉଥିବା ବେଲଖଣ୍ଡି, ତୁର୍ଲାଖମନ, ହାତୀଖୋଜ, ସିରଜାପାଲି, କୁମ୍ଭାରପଡା, ବାହାଦୁର ପିଟା, ପଥରଲା ଆଦି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ପ୍ରବଳ ବର୍ଷା ହେଲେ ସେମାନଙ୍କୁ ଖାଦ୍ୟପେୟ ପ୍ରଦାନ ସହ ସ୍କୁଲ, କଲେଜରେ କିଭଳି ସୁରକ୍ଷିତ ରହିବେ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଅଗ୍ନିଶମ ବିଭାଗ, କୃଷି ବିଭାଗ ସମେତ ସମସ୍ତ ଯନ୍ତ୍ରୀ, ପିଇଓ, ଶିକ୍ଷକ ସଚେତନ ରହିବାକୁ ବିଡିଓ ସୂଚନା ଦେଇଥିଲେ।

## ୫୬ କେନ୍ଦ୍ରରେ ୧୧୩୩ ପରୀକ୍ଷାର୍ଥୀ



ଅଗାଧୁପୁର କେନ୍ଦ୍ରରେ ପରୀକ୍ଷାର୍ଥୀ ଓ ଅଧିକାରୀମାନେ।

**କର୍ଲାମୁଣ୍ଡା,୨୭।୧୦ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଅଭିଯାନ 'ଉଲ୍ଲାସ' କାର୍ଯ୍ୟକ୍ରମର ଏଫ୍‌ଏଲ୍‌ଏନ୍‌ଏଟି ଶିକ୍ଷାର୍ଥୀମାନଙ୍କ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋରପଦର ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅଗାଧୁପୁରଠାରେ ନବ ସାକ୍ଷରଙ୍କ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉକ୍ତ କେନ୍ଦ୍ରରେ ସମୁଦାୟ ୩୦ ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ତଥା ନୋଡାଲ ଅଧିକାରୀ ଗୋପମଣୀ ସାହୁ ଓ ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ କେନ୍ଦ୍ର ପରିଦର୍ଶନକରି ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶଥାଉ କି ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ନିମନ୍ତେ ବ୍ଲକ୍‌ର ୫୬ ବିଭିନ୍ନ ସରକାରୀ ବିଦ୍ୟାଳୟରେ ୧୧୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନରଙ୍କ ତାଲିମ ଶିବିର



ସେକ୍ଟର ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

**ନୂଆପଡ଼ା,୨୭।୧୦ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତିର ଏକ ଅଂଶସ୍ୱରୂପ ଦ୍ୱିତୀୟ ବ୍ୟାଚ୍ ସେକ୍ଟର ଅଧିକାରୀ, ଜିଲା ଓ ବିଧାନସଭା ସ୍ତରୀୟ ମାଷ୍ଟର ଟ୍ରେନରଙ୍କ ପାଇଁ ରବିବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମପ୍ରାପ୍ତ ଅଧିକାରୀମାନେ ଆଗାମୀ ଦ୍ୱିତୀୟ ପର୍ଯ୍ୟାୟ ତାଲିମରେ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଏସବୁ ବିଷୟରେ ତାଲିମ ପ୍ରଦାନ କରିବେ। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମଧୁସୂଦନ ଦାଶ ଅଧିକାରୀମାନଙ୍କୁ ସମ୍ବୋଧିତକରି ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅଧିକାରୀମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ବୈଷୟିକ ଅଧିବେଶନରେ ଏନ୍‌ଆଇସି ଡିଆଇଓ ବିନୟ ତିୱାରୀ ଇସିଆଇଏମ୍‌ଇଟି ପିଆର୍‌ଓ ଆପ୍ ବିଷୟରେ ବୁଝାଇଥିଲେ। ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଯନ୍ତ୍ରୀ ଆଲବର୍ଟ ଆଶୀର୍ବାଦ ପାତ୍ର ଓ ଡେପୁଟି କଲେକ୍ଟର ଶେଖ ନସିମ ଅଧିକାରୀମାନଙ୍କୁ ଇଭିଏମ୍ ଓ ଭିଭିପିଏଟି ପରିଚାଳନା ପାଇଁ ପ୍ରାକ୍ଟିକାଲ ଟ୍ରେନିଂ ପ୍ରଦାନ କରିଥିଲେ। ଶିବିରରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁଜୁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସମସ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସେକ୍ଟର ଅଧିକାରୀ ଏବଂ ମାଷ୍ଟର ଟ୍ରେନରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଜିଲାପାଳ ସେମାନଙ୍କୁ ଦାୟିତ୍ୱସମ୍ପନ୍ନ ଭାବରେ କାର୍ଯ୍ୟନିର୍ବାହ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ଦୁର୍ନୀତି ନିବାରଣ, ସାଇବର ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସର ମଧ୍ୟରେ ଯୁବ ରେଡକ୍ରସ୍ ତରଫରୁ ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ ଓ ସାଇବର ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅଧକ୍ଷା କଳ୍ପନାରାଣୀ ନାଥ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଦୁର୍ନୀତି କିପରି ସମାଜର ଏକ ସଂକ୍ରାମକ ବ୍ୟାଧି ଓ ତାକୁ ନିରାକରଣ କରିବାରେ ଆମରି ଦାୟିତ୍ୱଗୁଡ଼ିକ ଉପରେ ବୁଝାଇଥିଲେ। ଏଥିରେ ପଦ୍ମପୁର ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୁର୍ନୀତି ନିବାରଣର ଶପଥ ପାଠ କରାଇବା ସହ ସାଇବର ଠକେଇ ବାବଦରେ ସମସ୍ତଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କର ସହକର୍ମୀମାନେ ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଥିଲେ। ସେମାନେ ଛାତ୍ରୀମାନଙ୍କୁ ସାଇବର ସଚେତନତା ଉପରେ ଏକ ଛୋଟ ଭିଡିଓ ଦେଖାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଓ ଇଂଲିଶରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ସୋନିଆ ମେହେର ଓ ସୁଶ୍ରୀ ରିକିତା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଟୁଲଣ୍ଡି ଗ୍ରାମ ପରିଦର୍ଶନ କଲେ ନରସିଂହ



ଟୁଲଣ୍ଡି ଗାଁ ପରିଦର୍ଶନ ସମୟରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଓ ଅନ୍ୟମାନେ ।

**ବଲାଙ୍ଗୀର,୨୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି ଗ୍ରାମ ପଞ୍ଚାୟତର ଟୁଲଣ୍ଡି ଗାଁ ପରିଦର୍ଶନ କରି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସେମାନେ ପୂର୍ବତନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଜଳ ଓ ପରିମଳ ଖଣ୍ଡ ଯନ୍ତ୍ରୀଙ୍କ ସହ ପୂର୍ବତନ ମନ୍ତ୍ରୀ ମିଶ୍ର ଆଲୋଚନା କରିବାରୁ ଆଗାମୀ ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ଯନ୍ତ୍ରୀ କହିଥିଲେ। ସୁକତେଲ ବ୍ୟାରେଜରେ ପାଣି ଅଧିକ ଜମିଗଲେ ଉପରମୁଣ୍ଡରେ ଥିବା ଜମି ଜଳମଗ୍ନ ହୋଇଯାଉଥିବାରୁ ଆବଶ୍ୟକ ଗେଟ ନିର୍ମାଣ କରିବା ପାଇଁ ଚାଷୀମାନେ ମିଶ୍ରଙ୍କୁ ଜଣାଇଥିଲେ । ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସ ଘର ଗ୍ରାମସଭା ମାଧ୍ୟମରେ ଚୟନ କରି ତୁରନ୍ତ ପ୍ରଶାସନ କାର୍ଯ୍ୟକାରୀ କରିବା ପାଇଁ ମିଶ୍ର ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ରାଜ୍ୟ କିଶାନ କଂଗ୍ରେସ ସଂଯୋଜକ ସାନନ୍ଦ ମିଶ୍ର ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ନିମାଇଁ ମିଶ୍ର, ବଳରାମ ମିଶ୍ର, ଉଦୟନାଥ ମିଶ୍ର, ରାଧାକାନ୍ତ ବାଗ, ବୀରେନ୍ଦ୍ର ବଘାର, ରମେଶ ମିଶ୍ର, ପରକ୍ଷୀତ ମିଶ୍ର, ଜଗନ୍ନାଥ ତ୍ରିପାଠୀ ଆଲୋଚନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଥୁଆମୂଳ ରାମପୁର,୨୭।୧୦ (ଦୁର୍ଗା କୀର୍ତ୍ତି)**



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ସୋମବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣୀ ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସାଧନା କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ସୀତାକାନ୍ତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ମୁଖ୍ୟ ଅତିଥି, ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମୁଣ୍ଡୁଛିନା ମୁଖ୍ୟବକ୍ତା ଓ ତହସିଲଦାର ନିରୋଜ କୁମାର ଭତ୍ରା, ଥାନା ଅଧିକାରୀ କୈବଲ୍ୟ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏଥିରେ ୧୪ କ୍ଲଷ୍ଟରର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧାପିକା ସଙ୍ଗୀତା ଧରୁଆ, ଅଧାପକ ବବୃବାହନ ବୁଢ଼ିଆ, ଶିକ୍ଷକ ଯଦୁମଣି ନାଏକ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଗ୍ରୀ କଲେଜରେ ସାଇବର ସଚେତନତା କାର୍ଯ୍ୟକ୍ରମ

**ତୁଣ୍ଡଲା,୨୭।୧୦ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟଠାରେ କେସିଙ୍ଗା ଥାନା ତରଫରୁ ସୋମବାର କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ମୁଖ୍ୟବକ୍ତା ଓ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ, ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍କେଲା ଏଏସ୍‌ଆଇ ଅରୂପ କୁମାର ଶତପଥୀ ମ୍ୟାଜିକ ଦେଖାଇ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ। ଇଂଲିଶ ଅଧାପକ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଓଡ଼ିଆ ଅଧାପକ ସଦାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ମୁଖ୍ୟ ରାସ୍ତାରେ ହାତୀ, ପଥଚାରୀ ଭୟଭୀତ

**ଲାଞ୍ଜିଗଡ଼,୨୭।୧୦ (ରମେଶ ଚନ୍ଦ୍ର ନାୟକ)**



ରାସ୍ତାରେ ବୁଲୁଥିବା ଦନ୍ତାହାତୀ।

କଳାହାଣ୍ଡିଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଅନ୍ତର୍ଗତ ବିଜେପୁରଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଏକ ଦନ୍ତାହାତୀ ବୁଲୁଥିବାରୁ ପଥଚାରୀ ଭୟଭୀତ ହୋଇପଡିଛନ୍ତି। ସନ୍ଧ୍ୟା ସମୟରେ ନିକଟ ଜଙ୍ଗଲରୁ ହାତୀ ବାହାରି ମୁଖ୍ୟ ରାସ୍ତାରେ ବୁଲୁଥିବା ନଜରକୁ ଆସିଛି। ଲାଞ୍ଜିଗଡ଼ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଧାନ ଫସଲ ଖାଇବା ସହ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି। ରାତି ନ ହେଉଣୁ ବିଦ୍ୟୁତ୍ କାଟ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ବିଦ୍ୟୁତ୍ ଆଲୋକ ନ ଥିବା ଯୋଗୁ ହାତୀ ଗାଁ ମୁହାଁ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନାନୁସାରେ ଗତ ୫ ତାରିଖରେ କୁମଖାଲ ପଞ୍ଚାୟତ କାତେଲବାୟୁ ଗାଁର ଜଣେ ୧୮ବର୍ଷିୟ ଯୁବକ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଦନ୍ତା ହାତୀ କବଳରେ ପଡି ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତ ୨୦ ତାରିଖ ରାତିରେ ଏକ ହାତୀପଲ ମୁଷାନାଳ ବନ ବିଭାଗ ଅଧୀନରେ ଥିବା କାନକୁଟୁ ପଞ୍ଚାୟତ ପାଜୀଙ୍ଗଖମନ ଗାଁରେ ଘର ଭାଙ୍ଗିବା ସହିତ ଧାନ, ଚାଉଳ ଖାଇ ନଷ୍ଟ କରିଥିଲେ। ଏପରିସ୍ଥଳେ ସଲପକନା ଆମଗୁଡା ନିକଟ ଜଙ୍ଗଲରେ ଦନ୍ତାହାତୀ ଘୂରି ବୁଲୁଥିବା ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛୁ ବୋଲି କହିଛନ୍ତି।

### ସଂକ୍ଷେପରେ

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଭେଡ଼େନ,୨୭।୧୦(ହୃଷିକେଶ ଖମାରୀ):** ଗୋଡ଼ଉଗା–ଡୁରୁମ ରାସ୍ତାର ଭେଡେନ ଥାନା ଅନ୍ତର୍ଗତ ଜାମପାଲି ନିକଟରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସୋନପୁର ଜିଲା ରାମପୁର ଥାନା କୁଇବାହାଲ ଗ୍ରାମର ଧିରେନ ରଣା (୩୫) ବାଇକ୍(ନଂ– ଓଡ଼ି ୩୯ଏନ ୨୧୭୬) ଯୋଗେ ଯାଉଥିବା ବେଳେ ଜାମପାଲି ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଭେଡେନ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ରୁଷୁଡ଼ା ଫାଣ୍ଡି ଅଧିକାରୀ ଅରୁପ କୁମାର ବରାଇ କହିଛନ୍ତି।

## ଦୁର୍ନୀତି ନିବାରଣ, ସାଇବର ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସର ମଧ୍ୟରେ ଯୁବ ରେଡକ୍ରସ୍ ତରଫରୁ ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ ଓ ସାଇବର ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ନାଥ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଦୁର୍ନୀତି କିପରି ସମାଜର ଏକ ସଂକ୍ରାମକ ବ୍ୟାଧି ଓ ତାକୁ ନିରାକରଣ କରିବାରେ ଆମରି ଦାୟିତ୍ୱଗୁଡ଼ିକ ଉପରେ ବୁଝାଇଥିଲେ। ଏଥିରେ ପଦ୍ମପୁର ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୁର୍ନୀତି ନିବାରଣର ଶପଥ ପାଠ କରାଇବା ସହ ସାଇବର ଠକେଇ ବାବଦରେ ସମସ୍ତଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କର ସହକର୍ମୀମାନେ ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଥିଲେ। ସେମାନେ ଛାତ୍ରୀମାନଙ୍କୁ ସାଇବର ସଚେତନତା ଉପରେ ଏକ ଛୋଟ ଭିଡିଓ ଦେଖାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଓ ଇଂଲିଶରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ସୋନିଆ ମେହେର ଓ ସୁଶ୍ରୀ ରିକିତା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୁଶ୍ରୀ କାଦମ୍ବିନୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହାସ୍ୟ କବି ସନ୍ତୋଷ ଭୁଏଙ୍କ ପରଲୋକ

**ଭଟଲି,୨୭।୧୦(ବିଜୟ ମେହେର):** ଭଟଲି ବ୍ଲକ ଅନ୍ତର୍ଗତ ମୂଳବାର ଗ୍ରାମପଞ୍ଚାୟତ ରୁନିପାଲି ଗ୍ରାମର ହାସ୍ୟ କବି ସନ୍ତୋଷ ଭୁଏଙ୍କ ଗତ ରବିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ



୬୯ ବର୍ଷ ହେଉଥିଲା। ଏକମାତ୍ର ପୁଅ ରୋହିତ ଭୁଏ ମୁଖାଗ୍ନି ଦେଇଥିଲେ । ଏହି ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଗାଁର ବହୁ ଜନସାଧାରଣ ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିବା ସହିତ ସୁନାମଧନ୍ୟ ହାସ୍ୟ କବି ମଧ୍ୟ ଥିଲେ। ଭୁଏ ବିଭିନ୍ନ ମଞ୍ଚଗୁଡ଼ିକରେ ତାଙ୍କ ହାସ୍ୟ କବିତା ପରିବେଷଣ କରି ସମ୍ମାନିତ ହେବା ସହିତ ସମସ୍ତ ଅଞ୍ଚଳର ଲୋକମାନଙ୍କ ହୃଦୟ ଜିତି ପାରିଥିଲେ।

# ବିକାଶ ପଥରେ ନିଶା ବାଧକ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ସୋମବାର ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଏଥିରେ ସଭାପତିତ୍ୱ କରିବା ସହିତ ନିଶାର ଭୟାବହତା ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ମନ୍ଦରଧର ନାୟକ ବିକାଶ ପଥରେ ନିଶା ବାଧକ ସାଜୁଛି ବୋଲି କହିଥିଲେ। କଳା ବିଭାଗର ଅଧ୍ୟାପକ ସୁରଜ ପଣ୍ଡା ନିଶା ଯୋଗୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ନେଇ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସୁଦାମ ମିଶ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସାଗରିକା ବିଶି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଲିପ୍ସିତା ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପକ ଶୋଭନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




ବିକାଶ ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ।

**ଝାରବନ୍ଧ,(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ଡିଗ୍ରୀ କଲେଜରେ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଏନ୍ଏସ୍ଏସ୍ ଓ ଯୁବ ରେଡକ୍ରସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ଏନ୍ଏସ୍ଏସ୍ ଅଧିକାରୀ ଗିତାଞ୍ଜଳୀ ଗୁରୁ ତଥା ଯୁବ ରେଡକ୍ରସ ଅଧିକାରୀ ମିନପ୍ରଭା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ସମ୍ମିଳନୀ କକ୍ଷରେ ସମସ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଉପସ୍ଥିତିରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ, ଅଧ୍ୟାପିକାମାନେ ଛାତ୍ରୀଛାତ୍ରଙ୍କୁ ନିଶା ପ୍ରତି ନିଜେ ସଚେତନ ରହି ଅନ୍ୟଙ୍କୁ ବି ସଚେତନ କରିବା ପାଇଁ ଉତ୍ସାହିତ କରିଥିଲେ। ନିଜ ନିଜ ଗାଁଗୁଡ଼ିକୁ ନିଶାମୁକ୍ତ ଗ୍ରାମ ତିଆରି କରିବାରେ ଚେଷ୍ଟା କରିବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଡ. ରଶ୍ମିରଞ୍ଜନ ମହାନ୍ତି, ଯାଜ୍ଞସେନୀ ନାୟକ, ସାର୍ତ୍ତିକ ସାହୁ, ନବୀନ କୁମାର ମେହେର, ଗଗନ ବିହାରୀ ଦନଶନା, ଡ. ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ମୁକେଶ ବାଗ, ଚନ୍ଦ୍ରମଣି ବାଗ, କୁନି ସାହା, ବଂଶୀଧର, ଅଶୋକ, ବଲ୍ଲଭ, ଅଞ୍ଜନ, ଦୁର୍ଯ୍ୟୋଧନ, ପ୍ରକାଶ, ରୁକ୍ମଣୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ପାଇକମାଳ,(ବଡ଼ ଶତପଥୀ)**

ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏ ନେଇ ନିଶା ସେବନ ସମାଜ ପାଇଁ ଏକ ବ୍ୟାଧି, ସେହି ବ୍ୟାଧିରୁ ମୁକ୍ତ ହେବା ପାଇଁ ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂପ୍ରତିକ ଯୁବ ସମାଜ ନିଶା ସେବନ ଦ୍ୱାରା ବିପଥଗାମୀ ହୋଇ ନିଜର ପ୍ରକୃତ ଲକ୍ଷ୍ୟ ଭୁଲିଯାଉଛନ୍ତି। ତେଣୁ ନିଶା ସେବନରୁ କ୍ଷାନ୍ତ ହେବା ପାଇଁ ଉପଦେଶ ଦେଇଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ଅଧ୍ୟାପକ ପ୍ରଦୀପ କୁମାର ଦ୍ୱୋନ, ଦେବରାଜ ସାହୁ, ଅଧ୍ୟାପିକା ମୀନା କୁମାରୀ ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାର ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ

**ଗାଇସିଲେଟ,୨୭।୧୦(ଦୁର୍ଗାପ୍ରସାଦ ତ୍ରିବେଦୀ)**

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜିଲାପାଳ ଜନ ଅଭିଯୋଗ ଶୁଣାଣି ପୂର୍ବରୁ ଗାଇସିଲେଟ ବ୍ଲକ ଓସୱାନ ହଲଠାରେ ଉପସ୍ଥିତ ରହି ସମସ୍ତ ବ୍ଲକ ସ୍ତରୀୟ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୪୧ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୯୮ଟି ବ୍ୟକ୍ତିଗତ ଏବଂ ୪୩ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକର ଶୁଣାଣି କରି ସମସ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସଂସ୍କାର ସ୍କୁଲରେ ଟାଲେଣ୍ଟ ହଣ୍ଟ– ୨୦୨୫ ଉଦ୍‌ଯାପିତ




ଟାଲେଣ୍ଟ ହଣ୍ଟ– ୨୦୨୫ କାର୍ଯ୍ୟକ୍ରମରେ ଜଣେ ଶିଶୁ ନୃତ୍ୟ ପରିବେଷଣ କରୁଛନ୍ତି।

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ରବିବାର ଟାଲେଣ୍ଟ ହଣ୍ଟ– ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ, ଭାଇସ ପ୍ରିନ୍ସିପାଲ ପ୍ରଭୁଦତ୍ତ ଦାଶ, କୋଅର୍ଡିନେଟର ମମତା ସିହ୍ନା, ସ୍କୁଲ ପରିଚାଳନା ସମିତି, ଶିକ୍ଷୟିତ୍ରୀ, ଶିକ୍ଷକ, ପ୍ରତିଯୋଗୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବରଗଡ଼ ଓ ଆଖାପାଖ ଅଞ୍ଚଳର ଶିଶୁମାନଙ୍କ ଲୁଚିଥିବା ପ୍ରତିଭା ଓ କୌଶଳକୁ ଖୋଜିବା ଓ ପ୍ରୋତ୍ସାହିତ କରିବା ହିଁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଚେୟାରମ୍ୟାନ ସାୱଡିଆ କହିଥିଲେ। ତିନି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଆର୍ଟ, ଦ୍ୱିତୀୟ ପର୍ଯ୍ୟାୟରେ ଡ୍ୟାନ୍ସ ଓ ଫ୍ୟାନ୍ସି ଡ୍ରେସ ଏବଂ ତୃତୀୟ ପର୍ଯ୍ୟାୟରେ ପ୍ରବନ୍ଧ ଲିଖନ, ଡିବେଟ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସମୀର ପ୍ରଧାନ, ପ୍ରଶାନ୍ତ ପଟ୍ଟନାୟକ, ଅହିଲ୍ୟା ତାଣ୍ଡି, ସ୍ନେହା ଶର୍ମା ଡ୍ୟାନ୍ସ ପ୍ରତିଯୋଗିତାରେ ବିଚାରକ ଥିଲେ। ଫ୍ୟାନ୍ସିଡ୍ରେସ ପାଇଁ ସୁଶିଲ ପ୍ରଧାନ, ମଧୁମିତା ସରାଫ ଓ ଶୁଭ୍ରସ୍ମିତା ମହାନ୍ତି ବିଚାରକ ଭୂମିକା ତୁଲାଇଥିଲେ। ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

# ସ୍ନାତକୋତ୍ତର ଶିକ୍ଷାର ଉଦ୍‌ଘାଟନ ସମାରୋହ



ଅଞ୍ଚଳ ମହାବିଦ୍ୟାଳୟରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ)**

ଅଞ୍ଚଳ କଲେଜ ପଦ୍ମପୁରରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଉଦ୍‌ଘାଟନ ସମାରୋହ ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମିଶନ ବିକଶିତ ଓଡ଼ିଶା@୨୦୩୬ ପାଇଁ ଉଚ୍ଚଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଜାତୀୟ ଶିକ୍ଷା ନୀତି–୨୦୨୦ ସମ୍ପର୍କରେ ରାଜ୍ୟ ଏବଂ ଦେଶର ଭାଗ୍ୟ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ପି ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗବେଷଣା ଏବଂ ନବସୃଜନ ମାଧ୍ୟମରେ ଉଚ୍ଚଶିକ୍ଷାର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। ଝାରସୁଗୁଡା ନିର୍ବାଚନମଣ୍ଡଳୀର ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ସଂସ୍କୃତି ଏବଂ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ କରିବାରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ଛାତ୍ରୀମାନଙ୍କ ବହୁଳ ସୁବିଧା ପାଇଁ ମୁଖ୍ୟ ଅତିଥି୧୦୦ ଶଯ୍ୟା ବିଶିଷ୍ଟ ଏକ ବାଳିକା ଛାତ୍ରୀନିବାସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଭାତ କୁମାର ମହାପାତ୍ର, ପ୍ରମୋଦ କୁମାର ତ୍ରିପାଠୀ, ତାରା ପ୍ରସାଦ ଶତପଥୀ, ସନ୍ତୋଷ କୁମାର ମିଶ୍ର, ନବକୃଷ୍ଣ ମିଶ୍ର, ତାପିନି ପଣ୍ଡା, ଝୁନୁ ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଗଣ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପଦ୍ମପୁର ନିର୍ବାଚନ ମଣ୍ଡଳୀ କେବେ ସୁଧୁରିବ ସ୍ୱାସ୍ଥ୍ୟ, ଶିକ୍ଷା ସହ ଜଳସେଚନ ସମସ୍ୟା

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ):** ସମ୍ପ୍ରତି ଅଘୋଷିତ ରାଜଧାନୀ ପାଲଟିଥିବା ନୂଆପଡ଼ା ନିର୍ବାଚନମଣ୍ଡଳୀର ପଡ଼ୋଶୀ ପଦ୍ମପୁର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ଜଳସେଚନ ସମସ୍ୟା ଗମ୍ଭୀର। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ର ଅଭାବ ରହିଛି। ଫଳରେ ଗର୍ଭବତୀ ମହିଳା, ବୃଦ୍ଧ ଓ ସାଧାରଣ ରୋଗୀଙ୍କ ଚିକିତ୍ସା କେମିତି ହେଉଥିବ ସହଜେ ଅନୁମେୟ। ଶିକ୍ଷା କ୍ଷେତ୍ରରେ ପଦ୍ମପୁର ନିର୍ବାଚନମଣ୍ଡଳୀରେ ଶିକ୍ଷକ ଅଭାବ ଓ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି। ଅଧିକାଂଶ ସ୍କୁଲରେ ମାତ୍ର ଜଣେ କିମ୍ବା ଦୁଇଜଣ ଶିକ୍ଷକ ଥିବାରୁ ସମସ୍ତ ଶ୍ରେଣୀରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପାନୀୟଜଳ ଓ ଜଳସେଚନ ସମସ୍ୟା ମଧ୍ୟ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ପଦ୍ମପୁର ସହରଠୁ ନେଇ ଅଧିକାଂଶ ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଉଛି। ଅନେକ ଥର ସହରବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିସାରିଲେଣି। ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଅଞ୍ଚଳର ଚାଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ଜଳସେଚନର ସ୍ଥାୟୀ ବ୍ୟବସ୍ଥା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ହେଁ ସମାଧାନ ପାଇଁ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି। ନିର୍ବାଚନ ଆସିଲେ ଜନସାଧାରଣଙ୍କ ମୌଳିକ ସମସ୍ୟା କଥା ମନେପଡ଼େ, ଉନ୍ନତି କାମ କେବେ ହେଉଛି ଦେଖିପାରୁନାହୁଁ। ଏହି ସମସ୍ୟା ଉପରେ ସରକାର ଓ ବିରୋଧୀ ଉଭୟ ଜବାବଦେହୀ ନ ହେବେ, ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେବେ ତେବେ ଆଗାମୀ ଦିନରେ ଜନମନ ନିଜେ ନିଷ୍ପତ୍ତି ନେବେ।

# ସମ୍ବଲପୁରୀ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁରି ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର 'ଫି ମାସେଁ ଗୁଟେ ଦିନ ସାହିତ୍ୟ ଭିତରେଁ ହେମା ଲିନ' ରବିବାର ବରଗଡ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ କଥାକାର ଧନପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଲମ ସାହିତ୍ୟ ସଂସଦର ସଭାପତି ତଫିଜୁଲ ହୁସେନ ମୁଖ୍ୟ ଅତିଥି, ଆକାଶବାଣୀ ସମ୍ବଲପୁରର କେନ୍ଦ୍ର ସଞ୍ଚାଳକ କ୍ଷେତ୍ରମଣି ବିଭାର୍ ସମ୍ମାନିତ ଅତିଥି, ଡଃ ସୁବାସ ମେହେର ସମ୍ମାନିତ ବକ୍ତା ଏବଂ ଉତ୍ପନ୍ନ କୁମାର ଭୋଇ ସ୍ୱତନ୍ତ୍ର ବକ୍ତା ଭାବରେ ଯୋଗଦେଇ ଥିଲେ। କଥାକାର ତେଜରୁ ବାରିକଙ୍କ ସଂଯୋଜନାରେ କବି ମୁନିରାମ କୁମ୍ଭାର, ଗୁଣନିଧି ଭୋଇ, ଲଳିତ ସାହୁ, ଗୋବିନ୍ଦ ମେହେର, ସୁଶାନ୍ତ ଭୋସାଗର, କିଶୋର ଚନ୍ଦ୍ର ପାତ୍ର, ଯୁଗେଶ୍ୱର ତାଣ୍ଡି, ସରୋଜ କୁମାର ସାହୁ, ମକରଧ୍ୱଜ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ କବିତାକୁ ସମୀକ୍ଷା କରିଥିଲେ। ସଭା ପ୍ରାରମ୍ଭରେ କବି କିଶୋର ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସହଁରାଚିକ୍ରା କଳାପଟା ସାହିତ୍ୟ ପତ୍ରିକା ସରଗ୍‌ତରା କୁଟୁମ୍ବକୁ ଭାଷାର୍ ଧର୍‌ସା ସମ୍ମାନ ପ୍ରଦାନ କରାଯାଇଥିଲା। କବି ଉମେଶ ପ୍ରଧାନ, ଅଧ୍ୟାପକ ସୁଭାସ ଚନ୍ଦ୍ର ଭୁଏ, ଡଃ ଗୋବର୍ଦ୍ଧନ ସାହୁ, ଡଃ ନାରାୟଣ ଭୋଇ, ହରିଲାଲ ସାହୁ, ଦାମୋଦର ସାହୁ, ଗଜେନ୍ଦ୍ର ଦାଶ, ମୁକୁନ୍ଦ ମେହେର, ମନୋରଞ୍ଜନ ଲୁହା ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ଅଂଶଗ୍ରହଣ କରିଥିଲେ। କବି ମାନସ ରଞ୍ଜନ ଦାଶଙ୍କ ସମଲପୁରୀ ବହି ପସରା ବିଶେଷ ଆକର୍ଷଣ ଥିଲା। କଥାକାର ନରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁରୀ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର।

## ସୁନ୍ଦରାକାଣ୍ଡ ପାରାୟଣ

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ):** ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପଠାରେ ଗାୟତ୍ରୀ ବାହିନୀ ଆନୁକୂଲ୍ୟରେ ରବିବାର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ୟାସ ପ୍ରତ୍ୟୁଷ ମିଶ୍ର ପାରାୟଣ ଓ ପ୍ରବଚନ ଦେଇଥିଲେ। ଗାୟିତ୍ରୀ ବାହିନୀର ସଭାପତି ଜିତେଶ୍ୱରୀ ଦାଶ, ସମ୍ପାଦକ ଜ୍ୟୋସ୍ନା କର, କୋଷାଧ୍ୟକ୍ଷ ତୃପ୍ତିମୟୀ ଦାଶ ଓ ଅନ୍ୟାନ୍ୟ ସଭ୍ୟା, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆମ୍ବେଦକର ଯୁବକ ସଂଘ ଫଟାମୁଣ୍ଡାର ଟିହିଲି ଉଚ୍ଛବ



ଫଟାମୁଣ୍ଡାରେ ଟିହିଲି ଉଚ୍ଛବ।

**ପଦ୍ମପୁର,୨୭।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ବରିକେଲ ପଞ୍ଚାୟତ ଫଟାମୁଣ୍ଡା ଗାଁରେ ଆମ୍ବେଦକର ଯୁବକ ସଂଘ ଫଟାମୁଣ୍ଡା ତରଫରୁ ୧୩ତମ ଟିହିଲି ଉଚ୍ଛବ ପାଳନ ହୋଇଯାଇଛି। ଏହି ଉଚ୍ଛବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ନାଟ୍ୟକାର କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ଉପଦେଷ୍ଟା ମୁକେଶ ସୁନା ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ କପିଳ ସୁନା, ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ମନୋଜ ତାଣ୍ଡି, ସାମାଜିକ କର୍ମୀ ଚନ୍ଦନ ବଂଶଲ ଯୋଗଦେଇ ଟିହିଲି ଉଚ୍ଛବକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ଗୋପବନ୍ଧୁ ଶିକା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଜନୀକାନ୍ତ ସୁନା କ୍ଲବର ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଏମ୍‌ପି ପ୍ରଦୀପ ପୁରୋହିତ ଥାନାଧିକାରୀ ମମତା ନାୟକ, ପ୍ରମିଳା ମରେଇ ଯୋଗଦେଇଥିଲେ। ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ସୋନାଲୀକା ଶବର, ଦୀପକ ଦାଶ ଓ ରମେଶ ଗୁର୍ଲା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଯୋଗଦେଇ ନୃତ୍ୟ ଗୀତ ପରିବେଷଣ କରି ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ କରିଥିଲେ।

# କୁଇଜ୍ ପ୍ରତିଯୋଗିତାରେ ସଂସ୍କାର ସ୍କୁଲ ଛାତ୍ରଙ୍କ କୃତିତ୍ୱ

**ବରଗଡ଼,୨୭।୧୦(ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ଆଶିଷ ବିଶ୍ୱାଳ ଓ ଏହସାନ ଏହମଦ ସିନିୟର କେଟାଗୋରୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର ପ୍ରାରମ୍ଭରେ ଭିଏସ୍ଏସ୍ୟୁଟିର କୁଳପତି ଡଃ ଦୀପକ କୁମାର ସାହୁ ପ୍ରାରମ୍ଭିକ ଭାଷଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ଭିଏସ୍ଏସ୍ୟୁଟି ବିଷୟରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଭିଏସ୍ଏସ୍ୟୁଟିର ଡଃ ମଧୁସ୍ମିତା ପ୍ରଧାନ, ଡଃ ସ୍ମିତା ପ୍ରଧାନ ଏବଂ ଡଃ ପଦ୍ମନାଭ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରମାନଙ୍କର ସଫଳତାରେ ସଂସ୍କାର ସ୍କୁଲର ଅଧ୍ୟକ୍ଷ ସୁମନ ସାୱଡିଆ, ପ୍ରଧାନ ଶିକ୍ଷକ କରନ ସାହୁଙ୍କ ସମେତ ପରିଚାଳନା ସମିତି ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଭିଭାବକ କୃତୀ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।



ସଂସ୍କାର ସ୍କୁଲ ଚେୟାରମ୍ୟାନ ସହ ଅନ୍ୟମାନଙ୍କ ଗହଣରେ କୃତୀ ଛାତ୍ରମାନେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଡୁଙ୍ଗୁରିପାଲି, ୨୭।୧୦(ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ସୋମବାର ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନ ପଟେଲ, ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ପଉଲୁସ କୁଜୁର, ଏବିଇଓ ଗଞ୍ଜୁଲୁ ମିର୍ଦ୍ଧା, ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବ ବିଇଓ ଗଣେଶ କିଷାନଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ସୁରଭି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ସୌରଭ ବିତରଣ କରେ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ଅଶୋକ କୁମାର ପୂଜାହାରୀ ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଅନୁଷ୍ଠିତ ଗୀତ, ନାଚ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଚନା ଲିଖନ, ସୃଜନଶୀଳ ଲିଖନ, କୁଇଜ, ବକ୍ତୃତା, ଚିତ୍ରକଳା, ଶିଳ୍ପକଳା, ଗଳ୍ପକଥନ, ଗଣିତ ଦୌଡ଼, ପ୍ରବନ୍ଧ ଲିଖନ, ତର୍କ, ବକ୍ତୃତା, ନୃତ୍ୟ, ଗଳ୍ପ କଥନ, କଳା ଉତ୍ସବ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।



ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ସୁନା ଦୋକାନ କାନ୍ଥ ଭାଙ୍ଗି ଚୋରି ଉଦ୍ୟମ

ବଡ଼ଗାଁ,୨୭।୧୦(ଅଶୋକ ଷଡଙ୍ଗୀ) : ବଡ଼ଗାଁ ସ୍ଥିତ ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ଏକ ଜୁଏଲାରୀ ଦୋକାନରୁ ରବିବାର ରାତିରେ ଚୋରି ଉଦ୍ୟମ ହୋଇଛି। ଚୋରମାନେ ରାତି ପ୍ରାୟ ସାଢ଼େ ୧୨ଟାରୁ ୨ଟା ୩୦ ମଧ୍ୟରେ ଦୋକାନ ପଛପଟ କାନ୍ଥରେ କଣା କରି ଭିତରକୁ ପଶି ଚୋରି କରିବାକୁ ଯୋଜନା କରିଥିଲେ। ତେବେ କାନ୍ଥ କଣା କରିବା ସମୟରେ ନିକଟସ୍ଥ ଏକ ଦୋକାନରେ ଶୋଇଥିବା ଜଣେ ଯୁବକ ଶବ୍ଦ ଶୁଣି ପାଟି କରିବାରୁ ଚୋରମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ବଡ଼ଗାଁ ପୋଲିସ ସୂଚନା ପାଇବା ପରେ ଏଏସ୍‌ଆଇ ବିଜୟ କୁମାର କର, ଅରୁପାନନ୍ଦ ଦାସ ସଦଳବଳେ ସକାଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ବିଫଳ ହୋଇଛନ୍ତି। କାନ୍ଥ କଣା କରିବାକୁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପୋଲିସ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଚୋରି ବେଳର ସମସ୍ତ ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ରେ କଏଦ ହୋଇଛି। ସୁନା ଦୋକାନର ମାଲିକ ବଳଦେବ ସାଥୁଆ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଇବ୍ ନଦୀ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ

ସୁନ୍ଦରଗଡ,୨୭।୧୦(ଜୟ ନାରାୟଣ ମେଣ୍ଡୁଲି)

ଆସ୍ଥା, ନିଷ୍ଠା ଓ ପରାକାଷ୍ଠାର ପର୍ବ ହେଉଛି ଛଟ ପର୍ବ। ସୁନ୍ଦରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବିହାର ପ୍ରଦେଶର ଅଧିବାସୀଙ୍କ ମଧ୍ୟରେ ଏହି ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ଇବ୍ ନଦୀର ବିଭିନ୍ନ ଘାଟରେ ସୋମବାର ସନ୍ଧ୍ୟାରେ ଛଟ ବ୍ରତଧାରୀ ମହିଳା ଓ ପୁରୁଷ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା ସହ ଅର୍ଘ୍ୟ ପ୍ରଦାନ କରିଛନ୍ତି। ବିଭିନ୍ନ ପ୍ରକାର ଆତସବାଜିରେ କମ୍ପି ଉଠିଥିଲା ନଦୀ ପଠା। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରୁ ଏହି ଛଟ ପର୍ବ ପାଳନ ପାଇଁ ବିଶେଷ କରି ବିହାରୀ ଅଧିବାସୀଙ୍କ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ଛଟ ବ୍ରତଧାରୀମାନେ ଏହି ଦିନଠାରୁ ନିଷ୍ଠାର ସହିତ ବ୍ରତ ପାଳନର ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଚାରିଦିନ ଧରି ପାଳିତ ହେଉଥିବା ଏହି ବ୍ରତର ପ୍ରଥମ ଦିନ ବ୍ରତଧାରୀମାନେ ଘରଦ୍ୱାର ପରିଷ୍କାର ପରିଚ୍ଛନ୍ନ କରିବା ସହ ନିଜକୁ ବ୍ରତ ପାଳନ ପାଇଁ ପ୍ରସ୍ତୁତି କରିଥାନ୍ତି। ଦ୍ୱିତୀୟ ଦିନକୁ ଖରାନା ବୋଲି କୁହାଯାଏ। ଏହିଦିନ ପୂଜାରେ ବ୍ୟବହୃତ ହେଉଥିବା ବିଭିନ୍ନ ଫଳମୂଳ,ବାଉଁଶ ନିର୍ମିତ ଡାଲା, କୁଲା ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇଥାଏ। ତୃତୀୟ ଦିନ ବିଭିନ୍ନ ନଦୀ ଓ ଜଳାଶୟ ଗୁଡିକ ଘାଟ ଗୁଡିକରେ ଅପରାହ୍ନରୁ ନଡିଆ, ଆଖୁ, କଦଳୀ, ନାରଙ୍ଗୀ ଓ ବିଭିନ୍ନ ଫଳମୂଳ ସମେତ ସମସ୍ତ ପୂଜା ସାମଗ୍ରୀ ଧରି ପହଞ୍ଚିଥାଆନ୍ତି। ସେଠାରେ ପ୍ରତ୍ୟେକ ବ୍ରତଧାରୀ ନିଜେ ପୂଜାର୍ଚ୍ଚନା କରିବାସହ ସନ୍ଧ୍ୟାରେ ପାଣି ଭିତରେ ପଶି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥାନ୍ତି। ଏହି ପୂଜାରେ କୌଣସି ପଣ୍ଡିତ କିମ୍ବା ପୁରୋହିତଙ୍କ ଆବଶ୍ୟକ ନ ଥାଏ। ବ୍ରତଧାରୀ ନିଜେ ପୂଜାର୍ଚ୍ଚନା କରିଥାନ୍ତି। ପରିବାରର ସୁଖଶାନ୍ତି ଓ ମଙ୍ଗଳ କାମନା କରି ବିଶେଷ ମହିଳାମାନେ ଏହି ନିର୍ଜଳା ବ୍ରତ ରଖିଥାନ୍ତି। ସବୁ ବ୍ରତ ଠାରୁ ଏହି ବ୍ରତ ବିଶେଷ କଠିନ ଥାଏ। କାରଣ ବ୍ରତଧାରୀଙ୍କୁ ୩୦ରୁ ୩୬ଘଣ୍ଟା ପର୍ଯ୍ୟନ୍ତ ଉପବାସ ରହିବାକୁ ପଡିଥାଏ। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ବ୍ରତଧାରୀ ରାତିରେ ଗୁଡ, କ୍ଷୀର ଓ ଚାଉଳରେ ପ୍ରସ୍ତୁତ ପ୍ରସାଦ ଗ୍ରହଣ କରିଥାନ୍ତି। ଏହାପରେ ଚତୁର୍ଥ ଦିନ ଭୋର ସମୟରେ ନଦୀ ଓ ଜଳାଶୟ ପଠାରେ ଉଦିତ ସୂର୍ଯ୍ୟଙ୍କୁ ପୁଣି ପୂଜାର୍ଚ୍ଚନା ଓ ଅର୍ଘ୍ୟ ବ୍ରତ ପ୍ରଦାନପରେ ବ୍ରତ ସମାପନ କରିଥାନ୍ତି। ଛଟ ପୂଜା ସମ୍ପୂର୍ଣ୍ଣ ଭାବେ ପ୍ରକୃତି ଉପାସନାର ଏକ ପର୍ବ। ଏଥିରେ ସୂର୍ଯ୍ୟ ଓ ଜଳଙ୍କୁ ଉପାସନା ସହ ଛଟ ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। କୁହାଯାଏ ସୂର୍ଯ୍ୟଙ୍କ ଭଉଣୀ ହେଉଛନ୍ତି ଛଟ ମୈୟା ବା ଛଟ ମାତା। ଏହି ପର୍ବରେ ସୂର୍ଯ୍ୟ ଓ ଛଟ ମାତାଙ୍କୁ ପୂଜା କରାଯାଇଥାଏ ବୋଲି ଏହାକୁ ଛଟ ପୂଜା କୁହାଯାଇଥାଏ ବୋଲି ବ୍ରତଧାରୀମାନେ କହିଥାନ୍ତି। ଏହି ବ୍ରତ ଉଭୟ ମହିଳା ଓ ପୁରୁଷ କରୁଥିଲେ ମଧ୍ୟ ବିଶେଷକରି ମହିଳାମାନେ ଅଧିକ କରୁଥିବା ଦେଖିବାକୁ ମିଳିଥାଏ। ଛଟ ପୂଜା ପାଇଁ ସୁନ୍ଦରଗଡ଼ ପୌରପ୍ରଶାସନ ପକ୍ଷରୁ ଇବ ନଦୀର ବିଭିନ୍ନ ଘାଟ ସଫାସୁତୁରା କରିବା ସହିତ ଆଲୋକୀକରଣ କରାଯାଇଥିଲା।



ଇବ୍ ନଦୀ ଘାଟରେ ଛଟ୍ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

## ବନ୍ଧମୁଣ୍ଡା, ବିଶ୍ରାରେ ଛଟ୍ ପର୍ବ ପାଳିତ



ମହିଳାମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

ବନ୍ଧମୁଣ୍ଡା,୨୭।୧୦(ସୁବ୍ରତ ଦେ)

ବନ୍ଧମୁଣ୍ଡା ଏବଂ ବିଶ୍ରା ସହରରେ ସୋମବାର ସନ୍ଧ୍ୟାରେ ଛଟ୍ ପର୍ବ ପାଳିତ ହୋଇଥିଲା। ବିଭିନ୍ନ ଛଟ୍ ଘାଟରେ ଭକ୍ତମାନେ ପୂର୍ଣ୍ଣ ଭକ୍ତି ଏବଂ ବିଶ୍ୱାସ ସହିତ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ(ଜଳଦାନ) ଦେଇଥିଲେ। ଛଠି ମୈୟା ଗୀତରେ ପରିବେଶ ପ୍ରକମ୍ପିତ ହୋଇଥିଲା। ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ନେପାଳୀ ବସ୍ତି ପୋଖରୀ, ତିଲକା ନଗର ପୋଖରୀ, କୋୟଲାଗେଟ୍ ପୋଖରୀ ଏବଂ ରେଲୱେ କଲୋନୀର ବିଭିନ୍ନ କୃତ୍ରିମ ପୋଖରୀରେ ମହିଳାମାନେ ପରିବାର ସହ ପୂଜା କରିଥିଲେ। ସେହିପରି ବିଶ୍ରା ଅଞ୍ଚଳର ତିତଲେଗଡ଼ା ଏବଂ ଜରାଇକେଲାରେ କୋଏଲ ନଦୀ କୂଳରେ ଭକ୍ତଙ୍କ ଭିଡ଼ ଜମିଥିଲା। ଶାଢ଼ି ପିନ୍ଧି, ମୁଣ୍ଡରେ ଡାଲା(ପାଣିପାତ୍ର) ଧରି ମହିଳାମାନେ ଛଠି ମୈୟା ଗୀତ ଗାଇ ଘାଟରେ ପହଞ୍ଚିଥିଲେ ଏବଂ ସେଠାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ସମଗ୍ର ଅଞ୍ଚଳରେ ଛଟ୍ ଘାଟଗୁଡ଼ିକୁ ଆକର୍ଷଣୀୟ ଆଲୋକରେ ସଜାଯାଇଥିଲା, ଯାହା ରାତିରେ ଘାଟଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା। ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଟ୍ରେନରୁ ଖସି ଯୁବକ ମୃତ

ବଡ଼ଗାଁ,୨୭।୧୦(ଅଶୋକ ଷଡଙ୍ଗୀ)

ସାକ୍ଷୀଗୋପାଳ ନିକଟରେ ପୁରୀ ରାଉରକେଲା ତପସ୍ୱିନୀ ଏକ୍ସପ୍ରେସରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମର ଗଣେଶ ଜୟପୁରିଆ। ସୋମବାର ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ବଡ଼ଗାଁ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ସାହାଜବାହାଲ ଗ୍ରାମର ୪ଜଣ ଯୁବକ ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାକୁ ୩ ଦିନ ପୂର୍ବେ ଯାଇଥିଲେ। ସଂରକ୍ଷିତ ଟିକେଟ ନ ମିଳିବାରୁ ଜଣେ ଯୁବକ ଦେହ ଅସୁସ୍ଥ କାରଣରୁ ବସ୍‌ରେ ଫେରିଥିଲେ। ତପସ୍ୱିନୀ ଏକ୍ସପ୍ରେସର ସାଧାରଣ ବଗିରେ ଅନ୍ୟ ତିନି ଜଣ ସାଙ୍ଗ ମିଶି ଫେରୁଥିଲେ। ଗଣେଶ ଟ୍ରେନରେ ନ ଥିବା ବିଷୟରେ ଅନ୍ୟ ଦୁଇ ଜଣ ସାଙ୍ଗ ସମ୍ବଲପୁରରେ ଜାଣିବା ପରେ ଖୋର୍ଦ୍ଧାରୋଡ଼ ଷ୍ଟେସନରେ ରେଲୱେ ପୋଲିସଙ୍କୁ ଜଣାଇଥିଲେ। ଏହାପରେ ଗଣେଶଙ୍କ ମୃତଦେହ ସାକ୍ଷୀଗୋପାଳ ନିକଟସ୍ଥ ରେଳ ଧାରଣା ପାର୍ଶ୍ୱରେ ପଡ଼ିଥିବା ଖବର ମିଳିଥିଲା। ଟ୍ରେନରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ସାଙ୍ଗମାନେ ସୂଚନା ପ୍ରଦାନ କରିଛନ୍ତି। ସୋମବାର ପୂର୍ବାହ୍ନରେ ମୃତକଙ୍କ ମା' ବାପା ସାକ୍ଷୀଗୋପାଳ ଅଭିମୁଖେ ମୃତଦେହ ଆଣିବାକୁ ଯାଉଥିବା ସୂଚନା ମିଳିଛି।

# ସ୍ନାତକ ମହାବିଦ୍ୟାଳୟରେ ସଚେତନତା ଶୋଭାଯାତ୍ରା




ଛାତ୍ରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବଡ଼ଗାଁ,୨୭।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ସୋମବାର ସତର୍କତା ସଚେତନତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସତର୍କତା ସଚେତନତା ଉପଲକ୍ଷେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଶପଥପାଠ କରିଥିଲେ। ଏହାପରେ କଲେଜ ପରିସରରେ ସତର୍କତା ସଚେତନତା ଏବଂ ନିଶା ନିବାରଣ ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ମୁଖ୍ୟବକ୍ତା ବଡ଼ଗାଁ ନର୍ସିଂ କଲେଜର ଚେୟାରମ୍ୟାନ୍ ଡ. ଅରୁଣ କୁମାର ନାୟକ ଓ ସମ୍ମାନିତ ଅତିଥିଭାବେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ଯୋଗଦେଇଥିଲେ। ଅଧ୍ୟକ୍ଷ ପଣ୍ଡା ସତର୍କତା ସଚେତନତା ଓ ନିଶାମୁକ୍ତ ଭାରତ ନିର୍ମାଣର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ସତର୍କତା ସଚେତନତା ସାମ୍ପ୍ରତିକ ସ୍ଥିତିରେ ଏକାନ୍ତ କାମ୍ୟ ବୋଲି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ଅରୁଣ କୁମାର ନାୟକ ବିଭିନ୍ନ ପ୍ରକାର ଦୁର୍ନୀତି ଉପରେ ଆଲୋଚନା କରିଥିଲେ। ଏହାଦ୍ୱାରା ଭାରତ ଭଳି ଏକ ବିଶାଳ ଭୂଖଣ୍ଡ କିଭଳି ବିନାଶ ଆଡ଼କୁ ଅଗ୍ରସର ହେଉଛି ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ସଭାର ଦ୍ୱିତୀୟ ପର୍ଯ୍ୟାୟରେ ଅନୁରୂପ ଭାବେ ସମସ୍ତ ଅତିଥି ନିଶାମୁକ୍ତ ଭାରତ ଗଠନ ଉପରେ ଆଲୋଚନା କରିଥିଲେ। ସଭାକୁ ସାଂସ୍କୃତିକ ବିଭାଗର ସଂଯୋଜିକା ମାଳବିକା ସାମଲ ପରିଚାଳନା କରିଥିଲେ। ସଭାରେ ଅଧ୍ୟାପିକା ବନଜାରାଣୀ ଷଡ଼ଙ୍ଗୀ, ଅଧ୍ୟାପକ ସୁଶାନ୍ତ କୁମାର ବିଶି, ଲକ୍ଷ୍ମୀକାନ୍ତ ସାହୁଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ତାପସ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

ସୁନ୍ଦରଗଡ଼,୨୭।୧୦(ଜୟନାରାୟଣ ମେଣ୍ଡୁଲି)

ଜିଲା ପ୍ରଶାସନ ପକ୍ଷରୁ ରାଜଗାଙ୍ଗପୁର ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତ୍‌ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ୍ ୧୨୦ଟି ଅଭିଯୋଗ ଉକ୍ତ ଶିବିରକୁ ଆସିଥିଲା। ସେଥିମଧ୍ୟରୁ ୩୦ ବ୍ୟକ୍ତିଗତ ଏବଂ ୮୦ଟି ସାମୂହିକ ଅଭିଯୋଗ ରହିଥିଲା। ଏସବୁ ଅଭିଯୋଗ ମଧ୍ୟରୁ ୧୦ଟିର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ଏହାବାଦ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ଟି ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## କର୍କଟ ରୋଗ ସଚେତନତା ଶିବିର

ରାଉରକେଲା,୨୭।୧୦(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ସତ୍ୟବାଦୀ କକ୍ଷରେ ଉତ୍କଳ ସ୍ନେହୀ ମହିଳା ସମିତି ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ କର୍କଟ ରୋଗ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତି ସଭାପତି ସବିତା ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ମୁଖ୍ୟ ମହାପ୍ରବନ୍ଧକ ଦିଲୀପ କୁମାର ସାହୁ ମୁଖ୍ୟ ଅତିଥି, କର୍କଟ ଯୋଦ୍ଧା ଡାକ୍ତର ମୁରାରୀ ପ୍ରଧାନ ମୁଖ୍ୟ ବକ୍ତା, ଜ୍ୟୋତି ଦେହୁରୀ ସମ୍ମାନୀତ ଅତିଥି ଭାବେ ଯୋଗେ ଦେଇଥିଲେ। ଡାକ୍ତର ଗୋକୁଳାନନ୍ଦ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ କର୍କଟ ରୋଗର କାରଣ, ଲକ୍ଷଣ ଓ ନିରାକରଣ ତଥା ସମ୍ପ୍ରତି ଉପଲବ୍ଧ ବିଭିନ୍ନ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ସମିତିର ଗୀତା ସେନାପତି, ସ୍ନିଗ୍ଧା ସାମନ୍ତରାୟ, ବିଜୟଲକ୍ଷ୍ମୀ ମିଶ୍ର, ସବିତା ନନ୍ଦ, ସୁପ୍ରିୟା ମହାନ୍ତି, ଲକ୍ଷ୍ମଣନାଥ ଦାସ, ବିଶ୍ୱନାଥ ଜେନା, ହରିହର ନାୟକ, ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ଗୋକୁଳାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋଚିଟୋଲାରେ ଭୀମ ଆର୍ମି ବୈଠକ

କୁଆଁରମୁଣ୍ଡା,୨୭।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପଞ୍ଚାୟତର ମୋଚିଟୋଲାରେ ରବିବାର ଭୀମ ଆର୍ମି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଭୀମ ଆର୍ମି ସଭାପତି ସୁନୀଲ ନାଗ ଯୋଗଦେଇ ଆମ ଦଳିତ ସମାଜ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି, ତେଣୁ ଆମେ ଏକତ୍ର ହୋଇ ଆମ ସଙ୍ଗଠନକୁ ମଜଭୁତ କରିବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ଦଳିତ ସମାଜକୁ ଏକ୍ ହେବାକୁ ପଡ଼ିବ ଓ ବାବା ସାହେବ ମିଶନକୁ ଆଗକୁ ବଢ଼ାଇବା ସହ ତାଙ୍କ ଆଦର୍ଶରେ ଚାଲିବା ବୋଲି ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବବ୍‌ଲୁ ସୁନା କହିଥିଲେ। ଏହି ବୈଠକରେ ଆୟୁଷ ନାଗ, ପ୍ରଶାନ୍ତ ମେହେର ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନକୁ କିଭଳି ମଜବୁତ କରାଯିବ ସେ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ଜଗନ୍ନାଥ ମେହେର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।



କୁଆଁରମୁଣ୍ଡା ମୋଚିଟୋଲାରେ ଅନୁଷ୍ଠିତ ଭୀମ ଆର୍ମି ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

## ବାଇକ୍ ଚୋରି ଅଭିଯୋଗ

ଲହୁଣୀପଡ଼ା,୨୭।୧୦(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗମଲେଇ ସାପ୍ତାହିକ ହାଟରୁ ଶନିବାର ଏକ ବାଇକ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ, ଟିକାୟତ ପାଲି ଥାନା ଅନ୍ତର୍ଗତ କଣ୍ଟାବାହାଲ ଗ୍ରାମର ନିରଞ୍ଜନ ବାଗେ ଓଡି -୧୪ସି-୪୩୨୧ ବାଇକରେ ହାଟକୁ ପରିବା ବିକ୍ରି କରିବା ପାଇଁ ଆସିଥିଲେ। ହାଟ ବାହାରେ ଗାଡି ରଖି ଯାଇଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ପରିବା ବିକ୍ରି କରି ଆସିବା ପରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଆଖପାଖ ଅଞ୍ଚଳ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ବାଇକ୍ ପାଇ ନ ଥିଲେ।

# ଧୁଙ୍ଗିଆନ ନୃତ୍ୟ ପ୍ରତିଯୋଗିତା

ଲହୁଣୀପଡ଼ା,୨୭।୧୦(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ଥେଣ୍ଟେଇପୋଷ ଗ୍ରାମରେ ଧୁଙ୍ଗିଆନ ମହୋତ୍ସବ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଧୁଙ୍ଗିଆନ ନୃତ୍ୟ, ଗୀତ, ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମର ଗୋଉଁତିଆ ଲୋକନାଥ ମାହାନ୍ତ ନୃତ୍ୟ ସ୍ଥଳରେ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିଥିଲେ। ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଧୁଙ୍ଗିଆନ ନୃତ୍ୟ, ଗୀତ ଓ ବାଦ୍ୟ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। କମିଟି ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡା. କିଶୋର ଚନ୍ଦ୍ର ମାହାନ୍ତ, ସମ୍ମାନିତ ଅତିଥି ଧରଣୀଧର ମାହାନ୍ତ, ମୁଖ୍ୟବକ୍ତା ବଣେଇଁ ବ୍ଲକ ଏବିଡିଓ ବାବୁରାମ ମାହାନ୍ତ ଯୋଗ ଦେଇଥିଲେ। କେଶବ ଚନ୍ଦ୍ର ମାହାନ୍ତଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିବା ବେଳେ ସନ୍ତୋଷ ମାହାନ୍ତ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କମିଟି ସମ୍ପାଦକ ଝସକେତନ ମାହାନ୍ତ ଧୁଙ୍ଗିଆନ ପ୍ରତିଯୋଗିତା ଅନୁଷ୍ଠିତ କରିବାର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଧୁଙ୍ଗିଆନ ଓ ଝୁମର ମହୋତ୍ସବରେ ବିଚାରକ ଭାବେ ହେମେନ୍ଦ୍ର ମାହାନ୍ତ, ରଙ୍ଗଲାଲ ମାହାନ୍ତ ଓ ହଳଧର ମାହାନ୍ତ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏହି ଧୁଙ୍ଗିଆନ ମହୋତ୍ସବରେ ଅଞ୍ଚଳର କୁଡୁମୀ ବହୁଳ ଗ୍ରାମର ଧୁଙ୍ଗିଆନ ଦଳ ଯୋଗଦେଇ ନୃତ୍ୟ ଗୀତ ବାଦ୍ୟର ତାଳେ ତାଳେ ନିଜେ ଝୁମିବା ସହ ଦର୍ଶକଙ୍କୁ ମଧ୍ୟ ଝୁମାଇଥିବା ଦେଖିବାକୁ ମିଳିଥିଲା। ସଭା ଶେଷରେ ନବୀନ ଚନ୍ଦ୍ର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହିତ ଧୁଙ୍ଗିଆନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ନନ୍ଦାପଡା, ଥେଣ୍ଟେଇପୋଷ, ନନ୍ଦାପଡା, ଖଟିଆଭାଙ୍ଗୁଣି ଦଳଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଦଳଙ୍କୁ ମଧ୍ୟ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦାଶରଥି ମାହାନ୍ତ, କୌଶିକ ମାହାନ୍ତ, ଅବିନାଶ ମାହାନ୍ତ, ଜଗନ୍ନାଥ ମାହାନ୍ତ, ଉମେଶ ମାହାନ୍ତ, ସନ୍ତୋଷ ପଶାୟତ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ସୁନ୍ଦରଗଡ,୨୭।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ ତଥା ପୋକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ସୋମବାର ୨୦୨୨ରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ରାଜଗାଙ୍ଗପୁର ଥାନା ଅଞ୍ଚଳର ଅଭିଯୁକ୍ତ ଶ୍ରୀଚରଣ ମିଞ୍ଜଙ୍କୁ ୨୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୨୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ନାବାଳିକା ଜଣକ ଗତ ୯/୭/୨୦୨୨ ସନ୍ଧ୍ୟା ୮ଟାରେ ତାଙ୍କ ଗ୍ରାମ ନିକଟ ଅନ୍ୟ ଗ୍ରାମରେ ହେଉଥିବା ବାହୁଡା ଯାତ୍ରା ଦେଖି ଘରକୁ ଏକୁଟିଆ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ରାସ୍ତାରୁ ଟାଣି ନେଇ ଏକ ପଡିଆ ପାଖ ବୁଦା ଭିତରେ ବଳାତ୍କାର କରି ସେଠାରେ ଛାଡି ଚାଲିଯାଇଥିଲେ। ଏହାପରେ ପୀଡିତା ଘରେ ପହଞ୍ଚି ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତହିଁ ପରଦିନ ପୀଡିତା ପରିବାର ଲୋକଙ୍କ ସହିତ ଯାଇ ରାଜଗାଙ୍ଗପୁର ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ କେସ୍ ନଂ. ୩୦୩/୨୨ରେ ଏକ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରାୟ ଶୁଣାଣି ପରେ ଅଭିଯୁକ୍ତଙ୍କୁ ଜେଲ ପଠାଇବା ସହିତ ପୀଡିତାଙ୍କୁ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ମଧ୍ୟ ଜିଲା ଆଇନ ସେବା ପ୍ରାଧୀକରଣଙ୍କୁ ଆଦେଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପକ୍ସୋ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରୁଥିଲେ।

# ପଶ୍ଚିମ ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ଼,୨୭।୧୦(ଜୟ ନାରାୟଣ ମେଣ୍ଡୁଲି)

ପଶ୍ଚିମ ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର, ସମ୍ମାନିତ ଅତିଥି ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘର ସଭାପତି ରିତେଶ ପଟେଲ, ଓଡ଼ିଆ ସିନେ ତାରକା ପ୍ରଦୀପ ଦତ୍ତ, ଗୀତିକାର ଦୁର୍ଗା ମାଧବ ପଣ୍ଡା ଓ ସର୍ବଭାରତୀୟ କଳାକାର ଓ ସଂସ୍କୃତି କମିଟିର ଅଧ୍ୟକ୍ଷ ଚୈତନ୍ୟ ପାଇକ ଯୋଗଦେଇଥିଲେ। ଅତିଥିମାନେ ଦୀପପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପଶ୍ଚିମ ଓଡ଼ିଶାର ୧୩ଟି ଜିଲାର କଳାକାରମାନେ ଯୋଗଦାନ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶା କଳାକାର ମଞ୍ଚର କମିଟି ଚୟନ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ସୁନ୍ଦରଗଡ଼ ସ୍ଥିତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ବିଭିନ୍ନ ଅନୁଷ୍ଠାନର କଳାକାର ଯୋଗଦାନ କରି ନୃତ୍ୟ ପ୍ରଦର୍ଶନ କରିଥିଲେ। ସମରେନ୍ଦ୍ର ଠାକୁର ଓ ତାଙ୍କ ସହଯୋଗୀମାନେ କବିତା ପାଠ କରିଥିଲେ। ପ୍ରବିନ ଚାଓଡା ଓ ଗ୍ରୁପ ସମ୍ବଲପୁରୀ ପିନ୍ଧନ ଉଢନ(ପିନ୍ଧା ଉଢା) ପ୍ରଦର୍ଶନ କରିଥିଲେ। ନୂଆଁଖାଇ ଭେଟଘାଟ ପାଇଁ ପୂର୍ବରୁ ଅନୁଷ୍ଠିତ ହେଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କଳାକାର ମଞ୍ଚର ଫିରୋଜ ବାଦି, ଆଲୋକ ପାଣିଗ୍ରାହୀ, ଗୋଲଡେନ ପଟେଲ, ସୁସ୍ମିତା ହୋତା, ସାରିକା ପାଣ୍ଡେ, ସେଜଲ ପ୍ରଧାନ, ଉଦ୍ଧବ ଭିତ୍ରିଆ, ଏମଡି ସର୍ବି , ଗୋପାଳ ମିସ୍ତ୍ରୀ, ବିବେକ ନାୟକ, ସେରିନ ପଣ୍ଡା, ସମୟ ମେହେର, ଦେବାଶିଷ ବେହେରା, ସତ୍ୟ ଦାସ, ଫିରୋଜ ବାଦି ପ୍ରମୁଖ ସହଯୋଗ କରିଥିଲେ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର**

**ସମ୍ବଲପୁର,(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୩ ଟି ଆବେଦନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ୩୯ଟି ଆବେଦନ ବ୍ୟକ୍ତିଗତ, ୧୪ଟି ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା। ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜସ୍ୱ ସୁଧାଂଶୁ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନିରାକରଣ, ନିୟନ୍ତ୍ରଣ ଯୁବପିଢିଙ୍କ ଗୁରୁ ଦାୟିତ୍ୱ

**ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ**

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତଥା ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଆଲୋଚକଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (କୁଷ୍ଠରୋଗ) ତଥା ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ। ପ୍ରଫେସର ଭୋଇ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ନିଶାମୁକ୍ତ ଭାରତ ଅଭିଯାନକୁ ଏକ ଜନ ଆନ୍ଦୋଳନ ଅଭିହିତ କରିଥିଲେ । ଏଥିସହ ଏହାର ନିରାକରଣ ଓ ନିୟନ୍ତ୍ରଣ ସମସ୍ତଙ୍କର ବିଶେଷ କରି ଯୁବତୀଯୁବକଙ୍କ ଗୁରୁ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଆଧୁନିକ ଯୁଗର ମହାବ୍ୟାଧିଠାରୁ ନିଶା ସେବନ କାରଣରୁ ଜୀବନହାନିର ହାର ଯଥେଷ୍ଟ ଅଧିକ। ସମବେତ ସମସ୍ତଙ୍କୁ ଏକ ଯୋଦ୍ଧା ହୋଇ ଏହାର ପ୍ରତିରୋଧ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଡ. ବିଶ୍ୱାଳ ନିଶାର ପ୍ରକାର ଭେଦ, ନିଶା ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ସମ୍ବନ୍ଧରେ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ନିଜ ହାତରେ ନିଜ ସ୍ୱାସ୍ଥ୍ୟ ସେବା ରହିଛି। ତେଣୁ ମାନସିକସ୍ତରରେ ଦୃଢତା ଓ ଆତ୍ମବିଶ୍ୱାସ ଦ୍ୱାରା ନିଶା ସେବନରୁ ଜଣେ ନିବୃତ୍ତ ରହିପାରିବ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଯୋଗମାଳା ଶ, ଜିଲା କୁଷ୍ଠ ରୋଗ ପରାମର୍ଶଦାତା ଏବଂ ଜୟନ୍ତ କୁମାର ଦାଶ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ । ପ୍ରଫେସର ଶ୍ୱେତଲାନା ତିର୍କୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ବିଜୟଲକ୍ଷ୍ମୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ସମେତ ଶତାଧିକ ଛାତ୍ରୀ ତଥା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ ।



ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଗୋପନୀୟ ସ୍ଥାପନକୁ ବିରୋଧ

**ଆଦିବାସୀ ଦଳିତ ସେନାର ନିନ୍ଦା**



ଖବରଦାତା ସମ୍ମିଳନୀରେ ଆଦିବାସୀ ଦଳିତ ସେନା କର୍ମକର୍ତ୍ତା।

**ସମ୍ବଲପୁର,୨୭।୧୦ (ପ୍ରମୋଦ ବହିଦାର)**

ସମ୍ବଲପୁର ସହର ଲକ୍ଷ୍ମୀ ଟକିଜ ନିକଟରେ ଏକ ବ୍ୟକ୍ତିଗତ ଜମିରେ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଗୋପନୀୟ ଭାବେ ସ୍ଥାପନକୁ ଆଦିବାସୀ ଦଳିତ ସେନା ତଥା ସମଗ୍ର ମୁଣ୍ଡା ସମାଜ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏଭଳି ବେଆଇନ୍ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଆଦିବାସୀ ଦଳିତ ସେନା। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନାର ସଭାପତି ସୁବେଶ ମୁଣ୍ଡା କହିଛନ୍ତି, ପ୍ରଶାସନିକ ଅନୁମତି ବିନା ଯେକୌଣସି ସ୍ଥାନରେ କୌଣସି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବେଆଇନ। ଏପରିକି କାହାର ବ୍ୟକ୍ତିଗତ ଜମିରେ ମଧ୍ୟ କୌଣସି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏକ ଅପରାଧ। ଅପରପକ୍ଷରେ ସମ୍ବଲପୁର ସହରରେ ଅଇଁଠାପାଲି ଛକରେ ପୂର୍ବରୁ ବିର୍ସାଙ୍କ ଗୋଟିଏ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଯଦ୍ୱାରା ଏହି ଛକଟି ବର୍ତ୍ତମାନ ବୀର ବିର୍ସା ମୁଣ୍ଡା ଛକରେ ନାମିତ ମଧ୍ୟ ହୋଇସାରିଛି। ତେଣୁ ସହରରେ ଦୁଇଟି ପୃଥକ ସ୍ଥାନରେ ବିର୍ସାଙ୍କ ଦୁଇଟି ପ୍ରତିମୂର୍ତ୍ତି ସ୍ଥାପନର କୌଣସି ଆବଶ୍ୟକତା ନାହିଁ। ବ୍ୟକ୍ତିଗତ ଜମି ଉପରେ ଅନଧିକୃତ ଭାବରେ ବିର୍ସାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏକ ଅନ୍ୟାୟର ପୁନରାବୃତ୍ତି କରିଛନ୍ତି। ଏଭଳି ହୀନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଲୋଡା ବୋଲି ସୁବେଶ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ ଦଳିତ ସେନା ଉପସଭାପତି ଜୟକୃଷ୍ଣ ଓରାମ, ସମ୍ପାଦକ ବଳରାମ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ପବ୍ଲିକ ସ୍କୁଲ ଚାମ୍ପିୟନ

**ପଶ୍ଚିମ ଓଡ଼ିଶା ଇଣ୍ଟର ସ୍କୁଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**



ଚାମ୍ପିୟନ ଇଣ୍ଡିଆନ ପବ୍ଲିକ ସ୍କୁଲ ଦଳ ଟ୍ରଫି ସହ।

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ସହୋଦୟ କମ୍ପ୍ଲେକ୍ସ ପଶ୍ଚିମ ଓଡିଶା ଇଣ୍ଟର ସ୍କୁଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସମ୍ବଲପୁର କ୍ଷେତରାଜପୁର-ରେମେଡ୍ ରୋଡ୍‌ସ୍ଥିତ ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲର ଛାତ୍ରୀମାନେ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସ୍କୁଲର ଛାତ୍ରୀମାନେ ଅଂଶଗ୍ରହଣ କରି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ସମ୍ବଲପୁର ଦିଲ୍ଲୀ ପବ୍ଲିକ୍ ସ୍କୁଲ ଦଳକୁ ୨୧-୮ ଓ ୨୧-୧୩ ପଏଣ୍ଟ ରେ ପରାସ୍ତ କରି ଚଳିତ ବର୍ଷର ବିଜେତା ଟ୍ରଫି ହାସଲ କରିଛି । ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଗତ ୨୫ ଅକ୍ଟୋବର ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା । ଯେଉଁଥିରେ ସହୋଦୟ ଗ୍ରୁପ ପଶ୍ଚିମ ଓଡ଼ିଶାର ୨୩ଟି ସ୍କୁଲର ଖେଳାଳିମାନେ ଭାଗ ନେଇଥିଲେ । ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଟିମରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ବଂଶିକା ବଂଶଲ, ଅନିକା ଜୈନ, ମାନବୀ ପନସାରୀ ଏବଂ ସମୃଦ୍ଧି ଗୁପ୍ତା ସାମିଲ ଥିଲେ । ଚାରି ଖେଳାଳି ଦମଦାର ଖେଳ ପ୍ରଦର୍ଶନ କରି ସେମିଫାଇନାଲ ଓ ଫାଇନାଲ ଉଭୟ ମ୍ୟାଚରେ ନିଜ ପ୍ରତିଦ୍ୱନ୍ଦ୍ୱୀ ଟିମକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ । ବିଦ୍ୟାଳୟର ଏହି ସଫଳତା ପାଇଁ ଚେୟାରମ୍ୟାନ ସୁମନ ଡାଲମିଆ, ପରିଚାଳନା ନିର୍ଦ୍ଦେଶକ କେଶବ ଡାଲମିଆ ଏବଂ ପ୍ରିନ୍ସିପାଲ ସଚିନ ପାଠକ ସୋମବାର ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୨୭।୧୦ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲାରେ ଦୁର୍ନୀତି ନିବାରଣ ନିମନ୍ତେ ସୋମବାର ଜିଲାପାଳ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଏହି ସଭାରେ ଜିଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସଚ୍ଚୋଟତା ଓ ନିଷ୍ଠାର ସହିତ କାର୍ଯ୍ୟପାଳନ ନିମନ୍ତେ ଅତିରିକ୍ତ ଜିଲାପାଳ ଶପଥ ପାଠ କରାଇଥିଲେ। ଶପଥ ପାଠ ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଏବଂ ଅଧିକାରୀ।

# ବକେୟା ଅର୍ଥ ପ୍ରଦାନ ଦାବିରେ ଏସ୍‌ଏଚ୍‌ଜି ମହିଳାଙ୍କ ଧାରଣା

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର)**

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅନ୍ତର୍ଗତ ଧନକଉଡ଼ା ଅଞ୍ଚଳରେ ପୋଖରୀ ପଙ୍କୋଦ୍ଧାର କାର୍ଯ୍ୟ କରିଥିଲେ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୨ ଜଣ ମହିଳା। ହେଲେ ସେମାନଙ୍କ ବକେୟା ଅର୍ଥରାଶି ଅବଧି ପର୍ଯ୍ୟନ୍ତ ମିଳିନାହିଁ। ତେଣୁ ସେମାନେ ସୋମବାର ପୁଣିଥରେ ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଥିଲେ। ମାତ୍ର ତାଙ୍କ କଥା ଶୁଣିବାକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ତେଣୁ ଧାରଣାରତ ମହିଳା ସନ୍ଧ୍ୟା ୫ଟାରେ ନିରାଶ ହୋଇ ଘରକୁ ଫେରିଥିଲେ। ତେବେ ଆଗାମୀ ଦିନରେ ସେମାନଙ୍କ ବକେୟା ଅର୍ଥ ନ ମିଳିବା ଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ଧନକଉଡ଼ା ସତସଙ୍ଗ ବିହାର ନିକଟ ବାନିକଁଟା(ପୋଖରୀ) ପଙ୍କୋଦ୍ଧାର କାମ ପାଇଁ ଏସ୍‌ଏମ୍‌ସି ପକ୍ଷରୁ ୨୦୨୩ ଡିସେମ୍ବର ୭ରେ ୧୦ଟି ଏସ୍‌ଏଚ୍‌ଜିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଏସ୍‌ଏଚ୍‌ଜିଙ୍କୁ ୧୧ ଲକ୍ଷ ୭୨ ହଜାର ୮୨୪ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ସେହି ଅନୁସାରେ ସେମାନେ ଗୋଷ୍ଠୀ ଋଣ ଆଦି ନେଇ କାମ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏବାବଦକୁ ବକେୟା ଟଙ୍କା ପ୍ରଦାନ କରାଯାଇନାହିଁ। ଗତ ନୂଆଁଖାଇ ସମୟରେ ଏସ୍‌ଏଚ୍‌ଜି ପିଛା ମାତ୍ର ୪ ଲକ୍ଷ ୨୦ ହଜାର ଟଙ୍କା ଲେଖାଏ ଆଂଶିକ ଦେୟ ପ୍ରଦାନ କରାଯାଇଥିଲା। ମାତ୍ର ଅବଶିଷ୍ଟ ୭ ଲକ୍ଷ ୫୨ ହଜାର ୮୨୪ ଟଙ୍କା ଲେଖାଏ ବକେୟା ରାଶି ପ୍ରଦାନ ପାଇଁ ଏସ୍‌ଏମ୍‌ସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନାହାନ୍ତି। ଗତ ଅକ୍ଟୋବର ୧୫ ତରିଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣା ଦେଇଥିଲେ। ସେ ସମୟରେ ଏସ୍‌ଏମ୍‌ସି ଉପାୟୁକ୍ତ ୨୧ ତାରିଖ ସୁଦ୍ଧା ବକେୟା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ବକେୟା ଅର୍ଥ ପ୍ରଦାନ କରା ଯାଇନାହିଁ।



ବକେୟା ଅର୍ଥ ଦାବିରେ ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳା ଧାରଣା ଦେଇଛନ୍ତି।

# ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତିଙ୍କ ପରଲୋକ

**ସମ୍ବଲପୁର,୨୭।୧୦ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରର ଅନ୍ୟତମ ପ୍ରତିଷ୍ଠିତ ମୁଦିପଡାର ଶ୍ରୀଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ସୋମବାର ସକାଳେ ହୃଦ୍‌ଘାତରେ ତାଙ୍କ ମୁଦିପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୪ବର୍ଷ ହୋଇଥିଲା। ତାଙ୍କ ପରିବାରର କେତେକ ସଦସ୍ୟ ବିଦେଶରୁ ଫେରିବା ପରେ ଅନ୍ତିମ ସତ୍କାର ମଙ୍ଗଳବାର ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱର୍ଗତ ପଣ୍ଡା ଜଣେ ସରଳ, ନିଷ୍ଠାବାନ, ନିର୍ଭୀକ ଓ ପରୋପକାରୀ ବ୍ୟକ୍ତିଥିଲେ। ସେ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରାକୁ ଆକର୍ଷଣୀୟ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ଯୁବପିଢ଼ୀଙ୍କୁ ଶୀତଳଷଷ୍ଠୀ ପରମ୍ପରା ସହ ଯୋଡିବାରେ ତାଙ୍କର ପ୍ରେରଣା ରହିଆସିଥିଲା। ତାଙ୍କ ପରଲୋକ ନେଇ ଜଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସହ ମିଳିତ ଯାତ୍ରା କମିଟି ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ପଣ୍ଡାଙ୍କ ମୁଦିପଡାସ୍ଥିତ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ସେହିପରି ଜଗଦୀଶ ପଣ୍ଡାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକପ୍ରକାଶ କରିଛନ୍ତି। ମୃତ୍ୟୁ ଖବର ପାଇ ସେ ଗଭୀରଭାବେ ମର୍ମାହତ ବୋଲି ବୋଲି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମୁଦିପଡ଼ାର ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରାକୁ ଆଗେଇ ନେବାରେ ପଣ୍ଡାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କହିଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ଧର୍ମପତ୍ନୀ ରଞ୍ଜିତା ପଣ୍ଡା, ପୁଅ ସ୍ୱରାଜ ପଣ୍ଡା, ଜେଷ୍ଠକନ୍ୟା ଜୟଶ୍ରୀ ପଣ୍ଡା, କନିଷ୍ଠ କନ୍ୟା ଶିବାଙ୍ଗିନୀ ପଣ୍ଡା ରହିଛନ୍ତି।



ଜଗଦୀଶ ପଣ୍ଡା

# ଏମ୍‌ସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ



ଏମସିଏଲ ପକ୍ଷରୁ ସତର୍କତା ସଚେତନତା ସପ୍ତାହରେ ଅତିଥିମାନେ।

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ଏମ୍‌ସିଏଲ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହର ଶୁଭାରମ୍ଭ ହୋଇଛି। ସତର୍କତା ଆମର ମିଳିତ ଦାୟିତ୍ୱ ବିଷୟ ବସ୍ତୁକୁ ନେଇ ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ। ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ନିର୍ଦ୍ଦେଶକ (ଅପରେସନ/ପ୍ରକଳ୍ପ/ଯୋଜନା) ଏସ.କେ.ଝାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁରସ୍ଥିତ ଏମସିଏଲ ମୁଖ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇ ସଚୋଟତାର ଶପଥ ନେଇଥିଲେ । ଏହି ଅବସରରେ ସଚେତନତା ରଥକୁ ମହିଳା କର୍ମଚାରୀମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସପ୍ତାହବ୍ୟାପୀ ଆଖପାଖ ସହର ଏବଂ ଗ୍ରାମଗୁଡ଼ିକରେ ସଚେତନତାର ବାର୍ତ୍ତା ପ୍ରସାର କରିବ ।

# ଅଯୋଧା ସରୋବରରେ ଛଟ୍ ପୂଜା

**ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା କଲେ ଭକ୍ତ**

**ସମ୍ବଲପୁର,୨୭।୧୦(ବି.ଶଙ୍କର)**

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବିହାରୀ ସମ୍ପ୍ରଦାୟର ଛଟ ପୂଜା ରୀତିନୀତି ଅନୁସାରେ ସମ୍ବଲପୁରରେ ପାଳିତ ହୋଇଯାଇଛି। ସୋମବାର ସମ୍ବଲପୁର ମହାନଦୀ ଅଯୋଧା ସରୋବରରେ ସହରର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମବେତ ହୋଇଥିଲେ । ଶ୍ରଦ୍ଧାଳୁମାନେ ମହାନଦୀରେ ସ୍ନାନ କରିବା ପରେ ନୂଆବସ୍ତ୍ର ପରିଧାନ ଶ୍ରଦ୍ଧା ପୂର୍ବକ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ବ୍ୟାଣ୍ଡବାଜା, ଦୁଲଦୁଲି ବାଦ୍ୟ ଏବଂ ରଙ୍ଗବେରଙ୍ଗର ଆତସବାଜିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । କଳାକାରମାନଙ୍କର ଭକ୍ତି ସଙ୍ଗୀତର ମୂର୍ଚ୍ଛନାରେ ଅଯୋଧା ସରୋବର ମୁଖରିତ ହୋଇଥିଲା । ଏପରି ଏକ ଆଧ୍ୟାତ୍ମିକ ପରିବେଶରେ ଭକ୍ତମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ । ଏଥିସହ ସୂର୍ଯ୍ୟ ମନ୍ଦିରରେ ଭକ୍ତମାନେ ପ୍ରଣିପାତ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରପକ୍ଷେ ଅସ୍ତଗାମୀ ସୂର୍ଯ୍ୟଙ୍କ ବିଚ୍ଛୁରିତ ରକ୍ତିମ କିରଣରେ ଅଯୋଧା ସରୋବର ରକ୍ତିମ ଶୋଭାବର୍ଦ୍ଧନ କରିଥିଲା। ଏଭଳି ମନୋରମ ଦୃଶ୍ୟରେ ଯୁବତୀ, ଯୁବକ, ବାଳିକା, ବାଳକଙ୍କ ନୌକା ବିହାର ଦୃଶ୍ୟ ମନୋଲୋଭା ହୋଇଥିଲା । ମଙ୍ଗଳବାର ଭକ୍ତମାନେ ପୁଣି ଥରେ ପ୍ରାତଃରେ ମଧ୍ୟ ବରୁଣ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ନିୟମ ରହିଛି।



ସୋମବାର ସମ୍ବଲପୁର ମହାନଦୀ ଅଯୋଧା ସରୋବରରେ ଭକ୍ତମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

**ନକଲି ନିଯୁକ୍ତି କେଲେଙ୍କାରୀ**

# ରିମାଣ୍ଡରେ ଗଲେ ମୁଖ୍ୟ ଅଭିଯୁକ୍ତ

**ସମ୍ବଲପୁର,୨୭।୧୦ (ପ୍ରମୋଦ ବହିଦାର)**

ନକଲି ନିଯୁକ୍ତି ର୍‍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ ସମ୍ରାଟ ରାୟ(୩୨)ଙ୍କୁ ପୋଲିସ ସୋମବାର ୨ ଦିନିଆ ରିମାଣ୍ଡରେ ନେଇଛି। ଏପର୍ଯ୍ୟନ୍ତ ସମ୍ବଲପୁର ପୋଲିସ ଏହି ର୍‍ୟାକେଟ୍‌ରେ ଅନ୍ୟ କାହାକୁ ଗିରଫ କରିପାରିନାହିଁ। ଏପରିକି ଉକ୍ତ ନିକଲି ନିଯୁକ୍ତି ସଂସ୍ଥା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱର ସୌମ୍ୟ ସାହୁ ଏପର୍ଯ୍ୟନ୍ତ ପୋଲିସ କବ୍‌ଜାକୁ ଆସିନାହାନ୍ତି। ଏହାସହ ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଜାରି ରହିଥିବା ବେଳେ ରାହୁଲ ଏନେଇ ମୁହଁ ଖୋଲି ନାହାନ୍ତି। ତେଣୁ ରାହୁଲଙ୍କୁ ପୋଲିସ ରିମାଣ୍ଡ ପାଇଁ କୋର୍ଟରେ ଆବେଦନ କରିଥିଲା। ଯାହା ମଞ୍ଜୁର ହେବା ପରେ ସୋମବାର ତାଙ୍କୁ ରିମାଣ୍ଡରେ ଅଣାଯାଇଛି ବୋଲି ସୂଚନା ଦେଇଛନ୍ତି ବୁର୍ଲା ଥାନା ଆଇଆଇସି ସୌମ୍ୟ ବଳିଆରସିଂ।

ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ସମ୍ବଲପୁର ସହିତ ବରଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମିଛ ନିଯୁକ୍ତି ନାମରେ ପ୍ରାୟ ୧୮ ଶହ ଆଶାୟୀଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ କ୍ଷେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ରାହୁଲ ଓରଫ ସମ୍ରାଟ ଏବଂ ବୁର୍ଲା ଥାନା ଅନ୍ତର୍ଗତ ସାତୁପାଲି ଗ୍ରାମର କଷ୍ଟ ତାଣ୍ଡିଙ୍କ ସ୍ତ୍ରୀ ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)ଙ୍କୁ ପୋଲିସ ଗିରଫ କରି ଏହି ନକଲି ନିଯୁକ୍ତି ର୍‍ୟାକେଟ୍‌ରେ ପର୍ଦ୍ଦାଫାଶ କରିଥିଲା। ବୁର୍ଲା ଥାନା ଅନ୍ତର୍ଗତ ଚିପିଲିମା କର୍ଡୋଲାର ପଦ୍ମଲୋଚନ ଗର୍ଡିଆ ନାମକ ଜଣେ ପୀଡ଼ିତଙ୍କ ଅଭିଯୋଗ କ୍ରମେ ବୁର୍ଲା ଥାନାରେ ଏକ ମାମଲା(ନଂ. ୪୬୪/୨୫)ରୁଜୁ କରି ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ନଗଦ ୬୨ ଲକ୍ଷ ୧ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ବିଭିନ୍ନ କାଗଜପତ୍ର, କେତେକ ବ୍ୟକ୍ତିଙ୍କ ଫଟୋ, ପଦ୍ମାବତୀଙ୍କ ନାମରେ ଥିବା ଏକ ଟାଟା ଏସ୍‌ସିଇ ଓ ରାହୁଲଙ୍କ ନାମରେ ଥିବା ଏକ କାରକୁ ପୋଲିସ ଜବତ କରିଥିଲା।

## ଆତ୍ମହତ୍ୟା ଉଦ୍ୟମ କରିଥିବା କଲେକ୍ସନ ଏଜେଣ୍ଟଙ୍କ ମୃତ୍ୟୁ

**୩୬୪ ଚାକିରି ଆଶାୟୀଙ୍କଠାରୁ ଆଦାୟ କରିଥିଲେ ୬୪ଲକ୍ଷ**

**ସମ୍ବଲପୁର,୨୭।୧୦(ପ୍ରମୋଦ ବହିଦାର)**

ଆତ୍ମହତ୍ୟା ଉଦ୍ୟମ କରିଥିବା ଝାଡୁଦାର ନିଯୁକ୍ତି କେଲେଙ୍କାରୀ ର୍‍ୟାକେଟ୍‌ର ମହିଳା ସଦସ୍ୟାଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସମ୍ବଲପୁର ମହାନଗର ନିଗମରେ ମିଥ୍ୟା ଅନୁବନ୍ଧିତ ଆର୍‌ଏମ୍‌ଏଏକ୍ସ ସଂସ୍ଥାର ମହିଳା ସୁପରଭାଇଜର ତଥା କଲେକ୍ସନ ଏଜେଣ୍ଟ ଚିପିଲିମାର ସ୍ୱର୍ଣ୍ଣପ୍ରଭା ବାରିକ(୪୫)। ଉକ୍ତ ସଂସ୍ଥା ୧୨ ହଜାର ଟଙ୍କାରେ ମିଛ ଚାକିରି ଯୋଗାଉଥିବା ବେଳେ ସ୍ୱର୍ଣ୍ଣପ୍ରଭା ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ତେବେ ଉକ୍ତ ଠକସଂସ୍ଥାର ମୁଖ୍ୟ ରାହୁଲ ଓରଫ୍ ସମ୍ରାଟ ରାୟ ଓ ସାତୁପାଲିର ପଦ୍ମାବତୀ ତାଣ୍ଡିଙ୍କୁ ବିଶ୍ୱାସକୁ ନେଇ ସେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମାତ୍ର ଗତ ୨୩ ତାରିଖରେ ପୋଲିସ ଉଭୟଙ୍କୁ ଗିରଫ କରି ସଂସ୍ଥାର ମିଛ କାରନାମାର ପର୍ଦ୍ଦାଫାଶ କରିବା ପରେ ଏହା ଏକ ଠକ ସଂସ୍ଥା ବୋଲି ଭାବି ନ ଥିବା ସ୍ୱର୍ଣ୍ଣପ୍ରଭା ହଠାତ ଚାପଗ୍ରସ୍ତ ହୋଇ ପଡ଼ିଥିଲେ। କାରଣ ସେ କେବଳ ଚିପିଲିମା ଓ କର୍ଡୋଲ ଅଞ୍ଚଳରେ ପ୍ରାୟ ୬୩୪ ଜଣ ଚାକିରି ଆଶାୟୀଙ୍କଠାରୁ ୬୪ ଲକ୍ଷ ଟଙ୍କା ଆଦାୟ କରିଥିଲେ। ଫଳରେ ଏତେ ବଡ଼ ରାଶି କିଭଳି ଫେରସ୍ତ କରିବାକୁ ନେଇ ସେ ଚିନ୍ତାଗ୍ରସ୍ତ ହୋଇ ତିନିଦିନ ତଳେ ବିଷ ପିଇ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପରିବାର ଲୋକ ଗୁରୁତର ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି କରିଥିଲେ। ମାତ୍ର ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ବୁର୍ଲା ଥାନା ଆଇଆଇସି ସୌମ୍ୟ ବଳିଆରସିଂ କହିଛନ୍ତି। ମୃତଦେହ ଶବ ଗୃହରେ ରଖାଯାଇଛି, ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ବର୍ତ୍ତମାନ ପଞ୍ଚନାମା ଚାଲିଛି ଓ କୌଣସି ମାମଲା ରୁଜୁ ହୋଇ ନାହିଁ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ନିଲମ
ପରିବାରବର୍ଗ



ଜୟଦୀପ
ପରିବାରବର୍ଗ



ଦିକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାର୍ବଣରେ ଦେଢ଼ କୋଟି ଲୋକଙ୍କ ରେଳଯାତ୍ରା

## ୨.୫୦ କୋଟି ଅତିକ୍ରମ କରିବା ଆକଳନ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

ପାର୍ବଣ ଋତୁରେ ଭାରତୀୟ ରେଲୱେ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ଟି ପ୍ରମୁଖ ଷ୍ଟେଶନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସହ ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ିଛି। ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ରେଳପଥ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ଏହା ବର୍ଷକୁ ୪,୦୦୦ କି. ମି. ରୁ ଅଧିକ ହୋଇଯାଇଛି। ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ପାଇଁ ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଛଟ୍ ପୂଜା ଚାଲିଥିବା ବେଳେ ସର୍ବାଧିକ ଯାତାୟାତ ସମୟର ପରିଚାଳନା ପାଇଁ ରେଳପଥ ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିଛି। ବିହାରର ଷ୍ଟେଶନଗୁଡ଼ିକୁ ଯାତ୍ରୀଙ୍କ ସୁବିଧାକୁ ବଢ଼ାଇବା ପାଇଁ ହୋଲଡିଂ କ୍ଷେତ୍ର, ଅତିରିକ୍ତ ଟିକେଟ କାଉଣ୍ଟର, ସିସିଟିଭି ମନିଟରିଂ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଉତ୍ସବ ଭିଡ଼ ପରିଚାଳନା ପାଇଁ ପ୍ରସ୍ତୁତ କରାଯାଇଛି । ପାଟନା ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ କ୍ଷେତ୍ର ସ୍ଥାପନ କରାଯାଇଛି। ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହାସହ ଦାନାପୁର ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରାଯାଇଛି। ଭାରତୀୟ ରେଲୱେ ଛଟ୍ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେଶନରେ, ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି। ପାଟନାର ରାଜେନ୍ଦ୍ର ନଗର ଟର୍ମିନାଲ ରେଳ ଷ୍ଟେଶନ, ବିହାରର ଜମାଲପୁର ରେଳ ଷ୍ଟେଶନ ସହ ଅନ୍ୟାନ୍ୟ ଷ୍ଟେଶନରେ ଛଟ୍ ପର୍ବ ସମୟରେ ଏକ ନିରାପଦ, ଆରାମଦାୟକ ଏବଂ ସୁଖଦ ଯାତ୍ରା ସୁନିଶ୍ଚିତ କରାଯାଇଛି। ଏହାସହ ନୂଆଦିଲ୍ଲୀ ଏବଂ ପାଟନା ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଥିବାବେଳେ ସାରା ଭାରତରେ ବର୍ତ୍ତମାନ ୧୫୬ଟି ବନ୍ଦେ ଭାରତ ଏକ୍ସପ୍ରେସ ସେବା ଚାଲୁ ରହିଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ହିନ୍ଦୀ ଦିବସ ପାଳିତ

ଭୁବନେଶ୍ୱର,୨୭।୧୦

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରମୁଖ ଦିଲ୍ଲୀପ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଜନସାଧାରଣ ହିନ୍ଦୀ ଭାଷା ବୁଝନ୍ତି, ତେଣୁ ବ୍ୟବସାୟିକ ଆବଶ୍ୟକତା ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉଚିତ ବୋଲି ଅଞ୍ଚଳ ପ୍ରମୁଖ ରାଉଳ କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ସିଏମ୍‌ପିଡିଆଇରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ



ଭୁବନେଶ୍ୱର,୨୭।୧୦

ରାଞ୍ଚିରେ ସିଏମ୍‌ପିଡିଆଇ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରି ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଆରମ୍ଭ କରିଛନ୍ତି। ସଂସ୍ଥାନର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ପିଏଣ୍ଡଡ଼ି/ଆରଡିଏଣ୍ଡଟି) ଅଜୟ କୁମାର ଏବଂ ସିଏମପିଡିଆଇ ଓ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି ଶପଥ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ଅଧୀନରେ ଦେଶବ୍ୟାପୀ ସତର୍କତା ସଚେତନତା ସପ୍ତାହ ଅଭିଯାନ ଅଧୀନରେ କରାଯାଇଛି। ସତର୍କତା: ଆମର ଦାୟିତ୍ୱ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନାଗାଚାରୀ ଓ ଅନ୍ୟମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭ୍ରଷ୍ଟାଚାର ମୂଳୋତ୍ପାଟନର ପ୍ରତୀକ ଭାବେ ଭ୍ରଷ୍ଟାଚାରର ପୁତ୍ତଳିକାକୁ ଗୁଳି ମାରିଥିଲେ। ନାଗାଚାରୀ ତାଙ୍କ ମୁଖ୍ୟ ଭାଷଣରେ ସୁଶାସନ ବୃଦ୍ଧି ଓ ସାମୂହିକ ଦାୟିତ୍ୱରେ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଭାତୀ

ଭୁବନେଶ୍ୱର,୨୭।୧୦



ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି । ମୁମ୍ବାଇର ପ୍ରଦର୍ଶନୀ କେନ୍ଦ୍ରଠାରେ ଆୟୋଜିତ ଇଣ୍ଡିଆନ୍ ମାରିଟାଇମ ୱିକ୍-୨୦୨୫ କାର୍ଯ୍ୟକ୍ରମରେ ସେ ମଙ୍ଗଳବାର ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ଭୂମିକା ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେବେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 P.M.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

ଜନ୍ମଦିନ ଶୁଭେଚ୍ଛା



ନୀଲମ ବନ୍ଛୋର
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର
ଆଜି ତା ୨୮।୧୦।୨୦୨୫ ରିଖରେ ତୋର ୭ମ ଜନ୍ମଦିନ । ଭଗବାନ ଶ୍ରୀକୃଷ୍ଣ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦେଇ ଆଶୀର୍ବାଦ କରନ୍ତୁ, ଏତିକି ହିଁ ତାଙ୍କ ନିକଟରେ ଆମର ପ୍ରାର୍ଥନା।
ମାଆ, ବାପା, ଆଈ, ଅଜା, ବଡମା, ବଡ଼ବାପା, ଭାଇ, ମାମୁ, ମାଉସୀ ଓ ପରିବାରବର୍ଗ।
ଧ-୨୪୦୦

Birthday Blessings



Jaydeep Pati
(Shree)
We wish you a Happy Birthday On this auspicious day we pray before Mahaprabhu Sri Jagannath to bless you with good health and bright
Best Wishes From
Subhasis Pati & Gitanjali Mohapatra
ଧ-୨୪୦୨


# ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ ଉପରେ ଗୁରୁତ୍ୱ




## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ କର୍ମଶାଳା

ଭୁବନେଶ୍ୱର,୨୭।୧୦

ଭାରତ ସରକାରର ଆୟୁଷ ମନ୍ତ୍ରଣାଳୟ, ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆରସିଏସସିଏନ୍-୧ ଏବଂ ନାବାର୍ଡ ସହଯୋଗରେ 'ସ୍ୱାସ୍ଥ୍ୟ ଧରା' ଯୋଜନା ଅଧୀନରେ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ' ଉପରେ ଏକ କର୍ମଶାଳା ଆରମ୍ଭ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ମାଟି ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡାକ୍ଟର' (ଡିକେଡି) ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକୃଷ୍ଣ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡର ଅଧ୍ୟକ୍ଷ ଶାଜି କେ.ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସ୍ଥାୟୀ କୃଷି ଓ ଗ୍ରାମ୍ୟ ବିକାଶ ପାଇଁ କୃଷକ, ଛୋଟ ଉଦ୍ୟୋଗ, କୁକୁଡା, ପଶୁପାଳନ ଓ ଗ୍ରାମ୍ୟ ଶିଳ୍ପକୁ ଋଣ ପ୍ରଦାନ କରିବା ନାବାର୍ଡର ଲକ୍ଷ୍ୟ ବୋଲି ଶାଜି କହିଥିଲେ। ଗ୍ରାମ୍ୟ ବିକାଶରେ ନିବେଶ ବଢ଼ାଇ ସମାବେଶୀ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେ ପତଞ୍ଜଳିର ଯୋଜନା ଉଲ୍ଲେଖ କରି କହିଛନ୍ତି, କୃଷକ ଆୟ ବୃଦ୍ଧି, ଜୈବିକ ଚାଷ ଓ ପ୍ରାକୃତିକ ପଦ୍ଧତି ଉପରେ ଧ୍ୟାନ ଦେବା ଦ୍ୱାରା ୨୦୨୭ ସୁଦ୍ଧା କୃଷିସମୃଦ୍ଧ ଭାରତ ସାଧନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ. କେ.ଏନ୍. ଶର୍ମା , ପ୍ରଫେସର ବି.ଆର୍. କାମ୍ବୋଜ, ଡ. ଜେ.ଏନ୍. ରୈନା, ଡ. ଜି.ପି. ରାଓ ଓ ଡ. ପ୍ରଦୀପ ଶର୍ମା ସ୍ୱାସ୍ଥ୍ୟକର ମାଟି, ଭଲ ଫସଲ ଓ ପରିଚାଳନା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଷ୍ଟର୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୭।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟୱର୍କିଂ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଏମ୍‌ଏସ୍‌ଏମଇ, ବେତନଭୋଗୀ ବ୍ୟକ୍ତି ଏବଂ ବୃତ୍ତିଗତମାନଙ୍କ ପାଇଁ ପିଏନ୍‌ବିର ଉପଯୁକ୍ତ ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶୀଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ସେବା ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ବ୍ୟାଙ୍କ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ ଓ କୃଷି ବିଭାଗଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ସୁଜିତ କୁମାର ନେଗି କହିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05



LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

## AFFIDAVIT

I, Manaranjan Sahu, S/o.- Haripad Sahu, Resident of Vill.-Srikrushnapur, P.O.-Januganj, P.S.- Industrial, Dist.- Balasore, PIN- 756019, Odisha declare by this Affidavit No. 2454, Vol.- XX, Dated- 25.09.2025, that now onwards I shall be known as **MANORANJAN SAHOO** for all future purposes. D-2403

ମୁଁ, କବିତା ପଣ୍ଡା, ସ୍ୱାମୀ- ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ୧୪।୦୮।୨୦୨୪ ତାରିଖରେ ଶପଥ ଗ୍ରହଣ କରିଥିବା ଏକ ସତ୍ୟପାଠ (ସିଏଫ୍ ନମ୍ବର.୬୭) ଅନୁସାରେ ମୋର ଅପ୍‌ଡେଟ୍ ନୂତନ ଠିକଣା: ଟାଇପ୍- II- ୧୬/୩, ୟୁନିଟ୍- ୨, ମାତୃମଙ୍ଗଳ କେନ୍ଦ୍ର, ପୋଷ୍ଟ- ଅଶୋକନଗର, ପିଏସ୍- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୯ ଘୋଷଣା କରୁଅଛିକି ଯେ ମୁଁ ମୋର ନାମ କବିତା ମହାରଣାରୁ କବିତା ପଣ୍ଡାକୁ ପରିବର୍ତ୍ତନ କରିଅଛି। ତେଣୁକରି, ବର୍ତ୍ତମାନଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ କବିତା ପଣ୍ଡା (ନୁତନ ନାମ) ଭାବରେ ପରିଚିତ ହେବି। ଧ-୭୬୮୬୬

I, Susrut Mishra, S/o.- Sarat Chandra Misra born on 11.11.1979, Residing At- 03, Sampurna Platina, Kuha, Sundarpada, Bhubaneswar, have changed my name to Susrut Mishrra vide affidavit dated- 24.10.2025 at Bhubaneswar. Hereafter, I shall be known as Susrut Mishrra. D-2397

By virtue of an affidavit sworn before Notary Public, Jajpur Road, dated- 24.02.2023, I, Tadala Giridhar Rao(T. Giridhar Rao), aged 44 years, Permanent address H. No- 4/B, Street No.- 08, Sector- 04, Bhilai 1, Dist.- Durg, Chhatisgarh at present, Kanheipur, Jajpur Road, Jajpur, Odisha 755019 do hereby declare that my daughter T SAI PRAGNA (T SAI PRAGNA) & TADALA SAI PRAGNA is one and same person. D-2399

By virtue of an affidavit sworn before Executive Magistrate, Erasama, 27th.10.2025, I, Tulasi Nayak, address Vill.- Guamunda, P.O.- Bhitarandhari, P.S.- Erasama, Dist.- Jagatsinghpur, Odisha, PIN- 754139 declare that I change my daughter's name Coel Nayak to Koyel Nayak. Henceforth, she shall be utilized for all purposes.
Tulasi Nayak
D-2396

By virtue of an affidavit No.- 79AA319398, dtd.- 27.10.2025 sworn before Executive Magistrate, Bhubaneswar, I, Pravasini Pradhan, W/o.- Manoja Kumar Beura, At/P.O./P.S.- Mancheswar, Bhubaneswar- 17 declare that my name will be correction in school records of my son Tanuj Kumar Beura, of the Pricipal of PM Shri Kendriya Vidyalaya No.3, Bhubaneswar.
D-2395

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣ ସମସ୍ତ ବନ୍ଧନ ତୁଟାଇ ଆଜି ଦିନରେ ସ୍ୱର୍ଗାରୋହଣ କରିଥିଲେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୪୦୧

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୨୭।୧୦

ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଡ. ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା ଯୋଗଦେଇ ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଏହାକୁ ଭଲରେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍‌ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ. ସରୋଜ କୁମାର ସାହୁ କହିଲେ, ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ମନୀତ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ କୁମାର ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଲ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।

# ଗୃହଲକ୍ଷ୍ମୀରୁ ଧନଲକ୍ଷ୍ମୀ...

ଅଧିକାଂଶ ମହିଳା ଭଲ ରୋଜଗାର କରିବା ସତ୍ତ୍ୱେ ତାଙ୍କର ଫାଇନାନ୍ସ ଉପରେ ଏତେଟା ଜ୍ଞାନ ନ ଥାଏ। ପ୍ରକୃତରେ ଏହାର କାରଣ କ'ଣ ହୋଇପାରେ? ବିଶ୍ୱର ଅନେକ ବିଶେଷଜ୍ଞଙ୍କ ମତରେ ଧନୀ ତାଲିକାରେ ପ୍ରାୟତଃ ମହିଳାଙ୍କ ନାମ ଆସେନାହିଁ ଏହି ବିଷୟ ଉପରେ ମନୋବିଜ୍ଞାନୀ, କର୍ପୋରେଟ୍ କୋଚ୍, ମୋଟିଭେଶନାଲ ସ୍ପିକର ଏବଂ ବେଷ୍ଟ ସେଲିଂ ରାଇଟରଙ୍କ ସୂଚୀରେ ଥିବା ଡ. ଲୋଇସ୍ ପି. ଫ୍ରାଙ୍କେଲ ନିଜର ପୁସ୍ତକ 'ନାଇସ୍ ଗର୍ଲସ ଡୁ ନଟ୍ ଗେଟ୍ ରିଚ୍'ରେ ଏହା ଉଲ୍ଲେଖ କରିଛନ୍ତି। ଯଦି ଆପଣ ଜଣେ ଗୃହଲକ୍ଷ୍ମୀ ସାଙ୍ଗକୁ ଧନଲକ୍ଷ୍ମୀ ହେବାକୁ ଚାହାନ୍ତି ତେବେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କିଛି ବିଶେଷ କଥାକୁ ଧ୍ୟାନରେ ରଖନ୍ତୁ...





ଫାଇନାନ୍ସର ବିତ୍ତୀୟ ଶିକ୍ଷା କମ୍ କାରଣରୁ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତିରେ ବାଧା ଉପୁଜୁଛି। ସେ ଆପଣ କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ବିତ୍ତୀୟ ପ୍ରଶିକ୍ଷଣ ବି ନେବା ନିହାତି ଜରୁରୀ। ତାଙ୍କୁ ଘରର ସବୁ ଦାୟିତ୍ୱ ପୂରା କରିବାରେ ସକ୍ଷମ ହେବାର ପୂରା ମଉକା ମିଳିବା ଆବଶ୍ୟକ। ସେ ପରିବାରର ସବୁ ଫାଇନାନ୍ସିଆଲ୍ ନିଷ୍ପତ୍ତି ନେବା ଆବଶ୍ୟକ। ଫଳରେ ସମୟ ପଡ଼ିଲେ ପିଲାଙ୍କ ପାଠପଢ଼ା, ବିବାହ, ଘର କିଣିବା କିମ୍ବା ଘର ନିର୍ମାଣ କରିବା ଭଳି କାମରେ ଦାୟିତ୍ୱ ନେଇପାରିବେ। ଯେଉଁ ବିତ୍ତୀୟ ମାମଲା ମହିଳାମାନେ ବୁଝନ୍ତିନି, ଏହାକୁ ସେ କୌଣସି ଅନୁଭବୀ ଜାଣିଥିବା ବ୍ୟକ୍ତିଙ୍କଠାରୁ ଶିଖିପାରିବେ।

**ନିବେଶ ଆରମ୍ଭ କରନ୍ତୁ**

ଯଦିଓ ଆପଣ କର୍ମଜୀବୀ ନ ହୋଇ ଗୃହିଣୀ, ତେବେ ନିହାତି ଜାଣିବା ଆବଶ୍ୟକ ଯେ ଆପଣଙ୍କ ପରିବାରର ଆୟ କେତେ। ଏହା ସହ ପରିବାରର ଇନ୍ସ୍ୟୁରାନ୍ସ କଭରେଜ୍, ବ୍ୟାଙ୍କିଙ୍ଗ୍, ଅଚଳ ସମ୍ପତ୍ତି ଆଦିର ହିସାବ ରଖିବା ଆବଶ୍ୟକ। ଅଧିକ ସମୟ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ। ଫିକ୍ସ ଡିପୋଜିଟ୍, ଆର୍‌ଡି ଆଦିରେ ନିବେଶ କରି ଏକ ଏମର୍ଜେନ୍ସି ଫଣ୍ଡ ବି ପ୍ରସ୍ତୁତ କରନ୍ତୁ। ନିଜର ପର୍ଯ୍ୟାପ୍ତ ହେଲ୍‌ଥ କଭର ନିହାତି ନିଅନ୍ତୁ। ନିବେଶ ଆରମ୍ଭ କରିବା ଲାଗି ଠିକ୍ ସମୟକୁ ଅପେକ୍ଷା କରନ୍ତୁ ନାହିଁ। ଯାହା କରିବା କଥା ତୁରନ୍ତ ଆରମ୍ଭ କରନ୍ତୁ ଏବଂ ଚକ୍ରବୃଦ୍ଧି ସୁଧର ଲାଭ ଉଠାନ୍ତୁ। କୌଣସି ନିବେଶ ପ୍ଲାଟ୍‌ଫର୍ମରେ ଜଡ଼ିତ ରୁହନ୍ତୁ।

**ସଞ୍ଚୟ ସହ ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ**

ସମୃଦ୍ଧ ହେବାକୁ ହେଲେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଇମୋସନାଲ୍ ହୋଇ କେବେ ଟଙ୍କା ଅଧିକ ଖର୍ଚ୍ଚ ନ କରିବା ଆବଶ୍ୟକ। ସଞ୍ଚୟ କ୍ଷେତ୍ରରେ ବହୁତ ଅନୁସାଶିତ ହେବା ଆବଶ୍ୟକ। ଟଙ୍କା ହାତକୁ ଆସିଲେ ପ୍ରଥମେ ସେଭିଂ ଟଙ୍କା ଅଲଗା କାଢ଼ି ରଖିବା ବେଳେ ବାକି ଟଙ୍କା ଖର୍ଚ୍ଚ କରିପାରିବେ। ଆପଣ କେତେ ଟଙ୍କା ସେଭିଂ କରୁଛନ୍ତି ଏହା ଆପଣଙ୍କ ଇନ୍‌କମ୍‌ରୁ ଅଧିକ ସେଭିଂର ଅଭ୍ୟାସ ନିର୍ଭର କରିଥାଏ। ଫାଇନାନ୍ସକୁ ମ୍ୟାନେଜ୍ କରିବାକୁ ହେଲେ ନିଜର ଫାଇନାନ୍ସିଆଲ ଗୋଲ୍ ପ୍ରସ୍ତୁତ କରିବା ନିହାତି ଜରୁରୀ। ନିଜ ଟଙ୍କାକୁ ଅର୍ଥ କମାଇବାରେ ଲଗାନ୍ତୁ। ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ଘରୋଇ ଉପକରଣ କିମ୍ବା ଗ୍ୟାଜେଟ୍ସ ଆଦି କିଣିବାରେ ଅର୍ଥରେ ନିୟନ୍ତ୍ରଣ ରଖନ୍ତୁ।

**ଇନ୍ସ୍ୟୁରାନ୍ସ କଭର ନିହାତି ନିଅନ୍ତୁ**

ମହିଳା ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ କିମ୍ବା ତାଙ୍କର ନିଜସ୍ୱ କିଛି ବିଜ୍‌ନେସ୍ ବି ଥିଲେ, ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ତାଙ୍କ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ତାଙ୍କୁ ମେଡିକାଲ ଏମର୍ଜେନ୍ସି ସମୟରେ ଟଙ୍କାର ସମସ୍ୟା ଦେଖା ଦେଇ ନ ପାରେ। ଏହା ବ୍ୟତୀତ ତାଙ୍କୁ ଗ୍ୟାରେଣ୍ଟେଡ୍ ରିଟର୍ନ ପ୍ଲାନ୍‌ରେ ନିବେଶ କରିବା ଆବଶ୍ୟକ, ଯାହା ଫିକ୍ସ ରିଟର୍ନ ଦେଇଥାଏ।

**ରିଟାୟାରମେଣ୍ଟର ପ୍ଲାନିଂ କରନ୍ତୁ**

ମହିଳାଙ୍କୁ ରିଟାୟାରମେଣ୍ଟ ଭଳି ଲମ୍ବା ଅବଧି ବିଶିଷ୍ଟ ଲକ୍ଷ୍ୟ ପୂରଣ ଲାଗି ଯୋଜନା କରିବା ଆବଶ୍ୟକ। ଜଲ୍‌ଦି ନିବେଶ ଆରମ୍ଭ କରି ରିଟାୟାରମେଣ୍ଟ ଫଣ୍ଡରେ ନିୟମିତ ନିବେଶ କରନ୍ତୁ। ଏହା ବି ଧ୍ୟାନ ରଖନ୍ତୁ ମହଙ୍ଗା ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାକୁ ଟଙ୍କା କେଉଁଠୁ ଆସିବ ? ଏହି ଦୁଇଟି ଜିନିଷକୁ ପ୍ରାଥମିକତା ଦେଇ ମହିଳାମାନେ ରିଟାୟାରମେଣ୍ଟ ପରେ ଭଲ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିପାରିବେ।

**ଠିକ୍ ପ୍ଲାନିଂ କରନ୍ତୁ**

ବିତ୍ତୀୟ ପ୍ଲାନ୍‌କୁ ସଫଳ କରିବାକୁ ହେଲେ ପ୍ଲାନିଂ ଏବଂ ଚିନ୍ତନ ବହୁତ ଜରୁରୀ। ଏଥିପାଇଁ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜରୁରୀ ହେଉଛି ପ୍ରତ୍ୟେକ ଦିନ ଛୋଟ ଲକ୍ଷ୍ୟ ନିଶ୍ଚିତ ସାଧନ କରନ୍ତୁ।

## ଏମାନେ କ'ଣ କରନ୍ତି

### ହେଲ୍‌ଥ ପ୍ଲାନ୍ ନେଇଛି



ଜୀବନରେ କିଛି କହିହେବନି କେତେବେଳେ କ'ଣ ଘଟିଯିବ। ଏଥିପାଇଁ ମୁଁ ଗୋଟିଏ ହେଲ୍‌ଥ ପ୍ଲାନ୍ ନେଇଛି, ଯାହା ମୋତେ ସ୍ୱାସ୍ଥ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଏହା ବ୍ୟତୀତ କିଛି ଟଙ୍କା ଫିକ୍ସ ଡିପୋଜିଟ୍ କରିଛି ଯାହା ଆମ ଘରର କୌଣସି ଫାଇନାନ୍ସିଆଲ ପରିସ୍ଥିତିରେ ନିଶ୍ଚିତ ସାହାଯ୍ୟ କରିବ।

*-ରୀତା ମିଶ୍ର, ଗୃହିଣୀ, କଟକ*

### ସଞ୍ଚୟର ନିହାତି ଆବଶ୍ୟକତା ରହିଛି



ଆଜିର ସମୟରେ ସଞ୍ଚୟ ନିହାତି ଆବଶ୍ୟକ। କାରଣ ଟଙ୍କା ଖାଲି ଘରେ ରଖିଦେଲେ ହେବନି। କାରଣ ଟଙ୍କା ହାତରେ ରହିଲେ ଖର୍ଚ୍ଚ ହୋଇଯାଏ। ଏହାକୁ ବ୍ୟାଙ୍କରେ ମ୍ୟୁଚୁଆଲ ଫଣ୍ଡରେ କିମ୍ବା ଅନ୍ୟ କୌଣସି ଥିରେ ନିବେଶକରିବା ନିହାତି ଆବଶ୍ୟକ। ମୁଁ ଟଙ୍କା ଠିକ୍ ସ୍ଥାନରେ ନିବେଶ କରୁଛି, ଯାହାର ଫଳ ସ୍ୱରୂପ ମୋତେ କିଛିଟା ଫାଇନାନ୍ସିଆଲ୍ ସପୋର୍ଟ ମିଳିବ ମୋର ରିଟାୟରମେଣ୍ଟ ପରେ।

*-ସଂଘମିତ୍ରା ମହାନ୍ତି, କ୍ଲିନିକାଲ ସାଇକୋଲୋଜିଷ୍ଟ, କଟକ*







# ଲେଖାଲେଖିରୁ ଆତ୍ମତୃପ୍ତି ମିଳିଛି



**ଇଏ ବି ଜଣେ ନାରୀ**

**ସୁକାନ୍ତି ପ୍ରଧାନ**

ପରିଣତ ବୟସରେ ପହଞ୍ଚିଥିଲେ ବି ସାରସ୍ୱତ ସାଧନା ଏବେ ମଧ୍ୟ ଜାରି ରଖିଛନ୍ତି। ସମୟ ମିଳିଲେ ମନର ପରିଭାଷାକୁ ସେ ଗପ କିମ୍ବା କବିତା ମାଧ୍ୟମରେ ପରିପ୍ରକାଶ କରିବାକୁ ବସିପଡ଼ନ୍ତି। ଆଉ ଏଥିରୁ ତାଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଲେଖାଲେଖି ସହ ଜଡ଼ିତ ଏହି ମହିଳା ଜଣକ ହେଉଛନ୍ତି ସୁକାନ୍ତି ପ୍ରଧାନ। ଶିକ୍ଷାଗତ ଯୋଗ୍ୟତା ମାତ୍ର ମାଇନର ପାସ୍। ହେଲେ ପିଲାଟି ଦିନରୁ ଲେଖାଲେଖି ପ୍ରତି ତାଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡ଼ିତ। ନିଜର ସାରସ୍ୱତ ଜୀବନ ବିଷୟରେ ଭୁବନେଶ୍ୱରରେ ରହୁଥିବା ସୁକାନ୍ତି କହନ୍ତି, ''ମୋତେ ଏବେ ୭୬ବର୍ଷ ବୟସ ହେଲାଣି। ହେଲେ ପିଲାଟି ଦିନରୁ ମୋ ମନରେ ଜାଗ୍ରତ ହୋଇଥିବା ଲେଖାଲେଖିର ନିଶା ଏ ପର୍ଯ୍ୟନ୍ତ ଉତୁରି ନାହିଁ। ଏ ବୟସରେ ଗପ କିମ୍ବା କବିତାଟିଏ ନ ଲେଖିଲେ ମୋତେ ଯେମିତି ସବୁ କିଛି ଅଧା ଅଧା ଲାଗିଥାଏ। ଏଥିରୁ ମୋତେ କେତେ ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଜନ୍ମସ୍ଥାନ ଦିଗପହଣ୍ଡିରେ ପାଠପଢ଼ା ବେଳେ ଏକଦା ମୋ ମନରେ ଗପ, କବିତା ଲେଖିବାକୁ ଆଗ୍ରହ ପ୍ରକାଶ ପାଇଲା। ନିଜ ମନର ପରିଭାଷାକୁ ଏଥିରେ ପ୍ରକାଶ କରିବା ଏବଂ ସେଗୁଡ଼ିକ ପାଠକାଦୃତ ହେବା ମୋ ଲେଖାଲେଖି ନିଶାକୁ ଆହୁରି ବଢ଼ାଇ ଦେଇଥିଲା। ଏବେ ଯେଉଁ ଗପ, କବିତା ଲେଖୁଛି ସେଥିରେ ସାମ୍ପ୍ରତିକ ଘଟଣାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'' ଲେଖାଲେଖି ପାଇଁ ସୁକାନ୍ତି ସାଉଁଟିଛନ୍ତି ଅନେକ ପୁରସ୍କାର ଆଉ ପ୍ରଶଂସା।

# ଚମକିବ ଠାକୁରଘର

ଲୋକମାନେ ନିଜ ଘରର ସବୁ କୋଣ ଅନୁକୋଣ ସଫା କରିବାରେ ଲାଗିଯାନ୍ତି। ହେଲେ ଏହି ସଫାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗ ହେଉଛି ପୂଜାଘର। କାହିଁକି ନା ଏହାକୁ ଘରର ସବୁଠାରୁ ପବିତ୍ର ସ୍ଥାନ ବୋଲି ମାନିଥାନ୍ତି। ପୂଜା ଘରର ଭଗବାନ୍‌ଙ୍କ ମୂର୍ତ୍ତିକୁ ନିୟମିତ ସଫା ରଖିବା ବହୁ ଜରୁରୀ। ଅଲଗା ଅଲଗା ଧାତୁ ଏବଂ ପଥରର ମୂର୍ତ୍ତିକୁ ସଫା କରିବା ଲାଗି ଉପାୟ ଅଲଗା ହୋଇଥାଏ। ଆସନ୍ତୁ, ଜାଣିବା ମୂର୍ତ୍ତିଗୁଡ଼ିକୁ କିପରି ଚମକାଇବେ ସେ ନେଇ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରନ୍ତି।

★ପିତ୍ତଳ ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହା ଧୀରେ ଧୀରେ ନିଜର ଚମକ ହରାଇବସେ। ଏହାକୁ ସଫା କରିବାକୁ ହେଲେ ଲେମ୍ବୁ ଏବଂ ଲୁଣର ମିଶ୍ରଣ ସବୁଠାରୁ ପ୍ରଭାବୀ ଉପାୟ। ଲେମ୍ବୁରସରେ ଅଳ୍ପ ଲୁଣ ମିଶାଇ ମୂର୍ତ୍ତି ଉପରେ ହାଲୁକା ହାତରେ ରଗଡ଼ିବା ପରେ ନଖ ଉଷୁମ ପାଣିରେ ଧୋଇ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ। ଏହାଦ୍ୱାରା ମୂର୍ତ୍ତି ସଫା ଏବଂ ଚମକଦାର ଦେଖାଯିବ। ବେକିଂ ସୋଡ଼ା ଏବଂ ସିର୍କା ଘୋଳ ଦ୍ୱାରା ପିତ୍ତଳ ମୂର୍ତ୍ତି ସଫା କରାଯାଇପାରିବ। ଏଥିପାଇଁ ବେକିଂ ସୋଡ଼ା ଏବଂ ସିର୍କାର ଘୋଳ କିଛି ସମୟ ମୂର୍ତ୍ତି ଉପରେ ଲଗାଇ ଛାଡ଼ିଦିଅନ୍ତୁ। ପୁଣି ଏହାକୁ ଧୋଇଦିଅନ୍ତୁ, ଫଳରେ ମୂର୍ତ୍ତି ନୂଆ ପରି ଦେଖାଯିବ।

★ମାର୍ବଲ କିମ୍ବା ଶଙ୍ଖମର୍ମର ମୂର୍ତ୍ତି ବହୁ କୋମଳ ହୋଇଥାଏ। ଏହାକୁ ସଫା କରିବା ସମୟରେ କୌଣସି କେମିକାଲ ବ୍ୟବହାର କରନ୍ତୁ ନାହିଁ। ନଖ ଉଷୁମପାଣିରେ ଅଳ୍ପ ଡିସ୍‌ୱାଶ୍ ପକାଇ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ନରମ କପଡ଼ା ସାହାଯ୍ୟରେ ହାତରେ ମୂର୍ତ୍ତିକୁ ପୋଛନ୍ତୁ। ଏହାପରେ ସଫା ପାଣିରେ ମୂର୍ତ୍ତିକୁ ପୋଛି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ। ଧ୍ୟାନ ରଖନ୍ତୁ ଯେ ଏଥିରେ କେବେହେଲେ ଟାଣୁଆ ଜିନିଷ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ।

★ରୁପାର କୌଣସି ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହାକୁ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟ ସବୁଠାରୁ ସହଜ ଉପାୟ। ଏକ ମୁଲାୟମ ବ୍ରଶ୍ ଉପରେ ଅଳ୍ପ ଟୁଥ୍‌ପେଷ୍ଟ ନେଇ ମୂର୍ତ୍ତିକୁ ଧୀରେ ଧୀରେ ରଗଡ଼ନ୍ତୁ। ଏହାକୁ ପୁଣି ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଯଦି ମୂର୍ତ୍ତି ଅଧିକ କଳା ପଡ଼ିଯାଇଛି ତେବେ ବେକିଂ ସୋଡ଼ା ଏବଂ ପାଣିର ମିଶ୍ରଣ ନେଇ ତାକୁ ଭଲଭାବେ ରଗଡ଼ନ୍ତୁ। ଏହାଦ୍ୱାରା ମୂର୍ତ୍ତିଗୁଡ଼ିକ ଚମକିବ।



★କାଚ ଏବଂ କ୍ରିଷ୍ଟାଲ ମୂର୍ତ୍ତି ସଫା କରିବା ବହୁ କଷ୍ଟକର ହୋଇଥାଏ। ଏହାକୁ କେବଳ ଓଦା କପଡ଼ା ଦ୍ୱାରା ପୋଛନ୍ତୁ। ପୁଣି ସଫା କପଡ଼ା ଦ୍ୱାରା ଶୁଖାଇ ଦିଅନ୍ତୁ। ଆପଣ ଚାହିଁଲେ ଓଦା ଟିସୁ ପେପରର ସହାୟତା ନେଇପାରନ୍ତି।

ଫ୍ୟାଶନ

# ଟ୍ରେଣ୍ଡି କଲେକ୍‌ଶନ



ବାର୍ଥ ଡେ ହେଉ କି କୌଣସି ମ୍ୟାରେଜ୍ ଫଙ୍କ୍‌ସନ ଆପଣ ଏମିତି କିଛି ଆଉଟ୍‌ଫିଟ୍ ପରିଧାନ କରନ୍ତୁ ଯେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏପରି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦେଉଛୁ ଯାହା ଆପଣଙ୍କୁ ବହୁ ଆକର୍ଷଣୀୟ କରିପାରେ......

❖ବର୍ତ୍ତମାନ ଟ୍ରେଣ୍ଡରେ ସରାରା ଡ୍ରେସେସ୍ ଟ୍ରେଣ୍ଡ ଚାଲିଛି। ଏହି ଡ୍ରେସ୍ ୮୦ଦଶକରେ ପଞ୍ଜାବ ଏବଂ ଉତ୍ତର ଭାରତରେ ଲୋକପ୍ରିୟ ଥିଲା। ଏବେ ଏହା ଫ୍ୟାଶନରେ ରହିଛି। ଏହାର ଆକର୍ଷଣୀୟ ଡିଜାଇନ ଏବଂ ରଙ୍ଗ ମହିଳାଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇ ରହିଛି।

❖ବର୍ତ୍ତମାନ ମହିଳାମାନଙ୍କର ଅନାରକଲୀ ଡ୍ରେସ୍‌ର ପ୍ରଚଳନ ଜୋର୍‌ରେ ଚାଲିଛି। ଏହା ଏକ ପାରମ୍ପରିକ ଲୁକ୍ ଏବଂ ମହିଳାଙ୍କୁ ଏଥିପାଇଁ ବହୁ ପସନ୍ଦ ଆସିଥାଏ ଯେ ଏହାକୁ କୌଣସି ଅକେଜନ୍ ପାଇଁ ବହୁତ ଭଲ ମାନିଥାଏ।

❖ଏବେ ରେଡିମେଡ୍ ଶାଢ଼ିର ବହୁତ ଚାହିଦା ରହିଛି। ଏହା ପିନ୍ଧିବା ଲାଗି ବହୁତ ସହଜ ହୋଇଥାଏ। ଫଳରେ ଏହାକୁ ପିନ୍ଧିଲେ କୌଣସି ଅସୁବିଧା ହୁଏନାହିଁ। ଏହା ସାଧାରଣ ଶାଢ଼ିଠାରୁ ଟିକେ ଅଲଗା। ଏହାର ଓଜନ ହାଲ୍‌କା ହୋଇଥିବା ବେଳେ କୌଣସି ପାର୍ଟି ଅବସର ପାଇଁ ଏକ୍‌ଦମ୍ ଫିଟ୍।

❖କୌଣସି ବି ଅକେଜନ୍‌ରେ ଲଙ୍ଗ୍ ଗାଉନ୍ ପିନ୍ଧିବା ଏବଂ ସମ୍ଭାଳିବା ବହୁ ଆରାମଦାୟକ ହୋଇଥାଏ। କେତେକେ ଏହାକୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହି ଡ୍ରେସ୍ ସବୁବେଳେ ମହିଳାଙ୍କ ପସନ୍ଦ ଲିଷ୍ଟରେ ରହିଛି।



# ସ୍ପେଶାଲ ପେଡ଼ା

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ୧ଲିଟର କ୍ଷୀର, ଅଧା କପ୍ ଚିନି, ୧ ଚାମଚ ଇଲାଇଚ୍ ପାଉଡ଼ର, ୩/୪ ଚାମଚ ମିଲ୍କ ପାଉଡ଼ର, ୧-୨ ବୁନ୍ଦା ହଳଦିଆ ରଙ୍ଗ, ଆବଶ୍ୟକତା ଅନୁସାରେ ଖୁଆ ଗାର୍ନିସିଂ ପାଇଁ ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଅନ୍ କରନ୍ତୁ। ଏବେ ସେଥିରେ କ୍ଷୀର ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ କ୍ଷୀରକୁ ଗାଢ଼ା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ବର୍ତ୍ତମାନ ଏଥିରେ ଚିନି ମିଶାଇ ଚଲାନ୍ତୁ। ଯେତେବେଳେ ଦେଖିବେ ଚିନି ପୂରା କ୍ଷୀରରେ ମିଶିଗଲାଣି ସେତେବେଳେ ଏଥିରେ ମିଲ୍କ ପାଉଡ଼ର ପକାଇ ଭଲଭାବେ ଗାଢ଼ା ହେବାକୁ ଦିଅନ୍ତୁ। ଯେତେବେଳେ ମିଶ୍ରଣ ଗାଢ଼ା ହୋଇଯିବ ଏଥିରେ ହଳଦିଆ ରଙ୍ଗ ପକାନ୍ତୁ। ଏବେ ହାତରେ କିଛି ଘିଅ ନେଇ ଏହି ମିଶ୍ରଣକୁ ପେଡ଼ା ଆକାର ଦିଅନ୍ତୁ। ଏବେ ଏହା ଉପରେ ବାଦାମକୁ କାଟି ତା' ଉପରେ ଗାର୍ନିସିଂ କରନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଟେଷ୍ଟି ପେଡ଼ା।



# ପ୍ରତୀକା ବାଦ୍, ଶେଫାଳୀ ସାମିଲ


ସାଥୀ ଖେଳାଳିଙ୍କ ଗହଣରେ ଆହତ ପ୍ରତୀକା ରାୱଲ।


ଶେଫାଳୀ ବର୍ମା

**ନବୀ ମୁମ୍ବାଇ, ୨୭।୧୦(ପି.ଟି.)**

ଆସନ୍ତା ଗୁରୁବାର ମହିଳା କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଫର୍ମରେ ଥିବା ଦଳୀୟ ଓପନର ପ୍ରତୀକା ରାୱଲ ଆହତ ସମସ୍ୟା କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଗତ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଫିଲ୍ଡ କଲା ବେଳେ ତାଙ୍କ ଆଣ୍ଠୁ ଓ ଆଙ୍କେଲରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ବିଶ୍ୱକପ୍ ଲାଗି ଘୋଷିତ ଦଳରେ ଶେଫାଳୀଙ୍କୁ ସାମିଲ କରାଯାଇନଥିଲା। ଏପରିକି ରିଜର୍ଭ ଖେଳାଳିଙ୍କ ତାଲିକାରୁ ମଧ୍ୟ ତାଙ୍କ ନାମ ବାଦ୍ ପଡ଼ିଥିଲା। ତେବେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବେ ଏବଂ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ। ସେ ଅନ୍ତିମ ଥର ଭାରତ ପାଇଁ ୨୦୨୪ ଅକ୍ଟୋବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ହେଲେ ୨୧ ବର୍ଷୀୟା ଶେଫାଳୀ ଭାରତ-‘ଏ’ ଲାଗି ଅଷ୍ଟ୍ରେଲିଆ ‘ଏ’ ବିପକ୍ଷ ଦିନିକିଆରେ ଭଲ ପ୍ରଦର୍ଶନ କରିଥିଲେ। ପ୍ରତୀକା ଯେଉଁଭଳି ପଡ଼ିଲେ, ସେଥିରୁ ସେ ନକ୍‌ଆଉଟ୍ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ ସ୍ପଷ୍ଟ ହୋଇଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ମ୍ୟାଚ୍‌ର ୨୧ତମ ଓଭରର ଶେଷ ବଲରେ ଡିପ୍ ମିଡ୍‌ଉଇକେଟ ଅଞ୍ଚଳରେ ଫିଲ୍ଡ କରୁଥିବା ପ୍ରତୀକା ବଲକୁ ରୋକିବାକୁ ଦୌଡ଼ୁଥିବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇଯାଇଥିଲା। ସେ ଯନ୍ତ୍ରଣାରେ ତଳେ ପଡ଼ି ଯାଇଥିଲେ। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ତାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରି କି ଘଟଣା ସ୍ଥଳରେ ଷ୍ଟ୍ରେଚର ମଧ୍ୟ ପହଞ୍ଚିଥିଲା। ହେଲେ ରାୱଲ ସପୋର୍ଟ ଷ୍ଟାଫଙ୍କ ସହାୟତାରେ ଫିଲ୍ଡରୁ ଚାଲି ଯାଇଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ

**ମହିଳା କ୍ରିକେଟ ବିଶ୍ୱକପ**

ଥିବା ରାୱଲ ୬ ଇନିଂସରେ ୫୧.୩୩ ଆଭରେଜରେ ୩୦୮ ରନ୍ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଦିନିକିଆରେ ଯୁଗ୍ମ ଦ୍ରୁତ ୧ ହଜାର ରନ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଉଇକେଟକିପର-ବ୍ୟାଟର ରିଚା ଘୋଷଙ୍କ ଫିଟନେସ୍‌କୁ ନେଇ ମଧ୍ୟ ଦ୍ୱନ୍ଦ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯାହା ଫଳରେ ତାଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା।

# ଆଇସିୟୁରେ ଶ୍ରେୟସ ଆୟାର

**ନୂଆଦିଲ୍ଲୀ, ୨୭।୧୦(ପି.ଟି.)**


ପଡ଼ିଆରେ ଆହତ ଅବସ୍ଥାରେ ଶ୍ରେୟସ ଆୟାର।

ଭାରତୀୟ ଦିନିକିଆ ଦଳର ଉପ ଅଧିନାୟକ ଶ୍ରେୟସ ଆୟାର ସିଡ୍‌ନୀର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଲେକ୍ସ କାରେଙ୍କୁ ଆଉଟ୍ କରିବା ପାଇଁ ବ୍ୟାକୱାର୍ଡ ପଏଣ୍ଟ ଅଞ୍ଚଳରେ ଶ୍ରେୟସ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ଏହି ପ୍ରକ୍ରିୟାରେ ତାଙ୍କ ବାମ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆହତ ହେବା ପରେ ଆୟାରଙ୍କୁ ଡ୍ରେସିଂ ରୁମକୁ ନିଆଯାଇଥିଲା। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ରକ୍ତଚାପ ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଉଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ଏବଂ ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଗତ ଦୁଇ ଦିନ ହେଲା ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ୩୧ ବର୍ଷୀୟ ଶ୍ରେୟସଙ୍କୁ ଅତିକମ୍‌ରେ ୨ରୁ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରଖାଯିବ। ଆୟାରଙ୍କ ଆଘାତ ସମସ୍ୟାର ଗୁରୁତ୍ୱକୁ ଦେଖି ତାଙ୍କ ବାପା-ମା’ ତୁରନ୍ତ ଭିଜା ଲାଗି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଶ୍ରେୟସଙ୍କ ବାମ ପଞ୍ଜରାର ତଳି ଭାଗ ଅଞ୍ଚଳରେ ଆଘାତ ଲାଗିଛି। ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କର ଚିକିତ୍ସା ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଏବେ ରିକଭର କରୁଛନ୍ତି। ବିସିସିଆଇ ମେଡିକାଲ ଟିମ ସିଡ୍‌ନୀ ଓ ଭାରତର ସ୍ପେଶାଲିଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭାରତୀୟ ଟିମ୍ ଡକ୍ଟର ଶ୍ରେୟସଙ୍କ ସହ ସିଡ୍‌ନୀରେ ରହିବେ।

# ଜୁ-ଜିତ୍ସୁ ଖେଳାଳି ରୋହିଣୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୧୦:** ପ୍ରତିଭାବାନ ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି ଓ କୋଚ୍ ରୋହିଣୀ କଲାମଙ୍କର ରବିବାର ମୃତ୍ୟୁ ଘଟିଛି। ଏହି ଖବର ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏସିଆନ୍ ଗେମ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ରୋହିଣୀଙ୍କର ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଏହି ଘଟଣା ମଧ୍ୟପ୍ରଦେଶ ରାଜ୍ୟର ଦେୱାସ ଜିଲାରେ ଘଟିଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ଆତ୍ମହତ୍ୟା ଆଡ଼କୁ ଇଙ୍ଗିତ କରୁଛି। ରୋହିଣୀଙ୍କ ସାନ ଭଉଣୀ ରଶନୀ କଲାମ ରାଧାଗଞ୍ଜସ୍ଥିତ ଅର୍ଜୁନ ନଗର ଘରେ ଭଉଣୀଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ।

# କରନ୍, ଆରାଧ୍ୟଙ୍କ ଶତକ

**ଭୁବନେଶ୍ୱର, ୨୭।୧୦(ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

**ବର୍ଷା ଯୋଗୁ ତୃତୀୟ ଦିବସରେ ୪୨ ଓଭର ଖେଳ**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଉତ୍ତର ପ୍ରଦେଶ-ଓଡ଼ିଶା ରଣ୍‌ଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ସୋମବାର ଦ୍ୱିତୀୟାର୍ଦ୍ଧରେ ବର୍ଷା ଯୋଗୁ ପୂରା ଦିନରେ ମାତ୍ର ୪୨ ଓଭର ଖେଳ ହୋଇପାରିଛି। ଫଳରେ ଖେଳ ବନ୍ଦ ରହିବା ବେଳକୁ ଉତ୍ତର ପ୍ରଦେଶ ୬ ଉଇକେଟ ହରାଇ ୩୮୦ ରନ୍ ସଂଗ୍ରହ କରିଛି। ଅଧିନାୟକ କରନ୍ ଶର୍ମା ଓ ଆରାଧ୍ୟ ଯାଦବ ଶତକ ହାସଲ କରିଛନ୍ତି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ଓଡ଼ିଶା ପ୍ରଥମ ଇନିଂସ୍‌ଠାରୁ ୧୩୭ ରନ୍‌ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିବସ। ମ୍ୟାଚ୍ ଡ୍ର’ ରହିଲେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇବ। ଯଦି ଉତ୍ତର ପ୍ରଦେଶ ସକାଳେ କିମ୍ବା ଅଳ୍ପ କିଛି ଓଭର ଖେଳି ଇନିଂସ ଘୋଷଣା କରେ ତେବେ ଓଡ଼ିଶାକୁ ଦ୍ୱିତୀୟ ଇନିଂସ୍‌ରେ ଅତି ସତର୍କତା ଅବଲମ୍ବନ କରି ଖେଳିବାକୁ ପଡ଼ିବ। ନଚେତ୍ ବରୋଦା ବିପକ୍ଷ ମ୍ୟାଚ୍ ଭଳି ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଲେ ପରାଜୟ ବରଣ ସାର୍ ହେବ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬୨/୩ରୁ ଉତ୍ତର ପ୍ରଦେଶ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର କରନ୍ ଓ ଆରାଧ୍ୟ ସତର୍କତାର ସହ ଖେଳି ଶତକ ପୂରଣ କରିଥିଲେ। ୧୯୮ ବଲ୍‌ରୁ ୧୦୧ ରନ୍ କରିବାପରେ ଆରାଧ୍ୟ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୯୪ ରନ୍ ଯୋଗକରିଥିଲେ। କରନ୍ ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ଆଉଟ୍ ହୋଇଥିବାବେଳେ ପ୍ରିୟମ ଗର୍ଗ(୩୧ ରନ୍)ଙ୍କୁ ପାଭିଲିୟନ ପଠାଇଥିଲେ ସୁମିତ୍ ଶର୍ମା। ପ୍ରଶାନ୍ତ ବୀର ମାତ୍ର ୬ ରନ୍ କରି ପାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୮୦/୬(କରନ୍ ଶର୍ମା-୧୨୧, ଆରାଧ୍ୟ ଯାଦବ-୧୦୧, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୫୨, ବାଦଲ ବିଶ୍ୱାଳ-୧/୯୧, ସୁମିତ ଶର୍ମା-୧/୭୮)।

# ୦-୧୩ ପରାଜୟରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ଫୁଟବଲର ମାନ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ମହିଳା ଫୁଟବଲରେ ଦେଶରେ ଏକ ମହାଶକ୍ତିଭାବେ ପରିଚିତ ହେଉଥିବା ଓଡ଼ିଶା ଏଥର ସେମିଫାଇନାଲକୁ

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ**

ଯିବାରେ ସକ୍ଷମ ହୋଇ ନ ଥିଲା। ଏଜ୍ ଗ୍ରୁପ୍‌ରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଶା ବାଳକ ଦଳ ମଧ୍ୟ ଏଥର ଅତି ଦୟନୀୟ ଭାବେ ଲଜ୍ଜାଜନକ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୦-୧୩ ଗୋଲରେ ମିଜୋରାମଠାରୁ ହାରିଯାଇଛି। ପୂରା ମ୍ୟାଚରେ ମିଜୋରାମ ଦଳ ଆଧିପତ୍ୟ ବିସ୍ତାର କରି ଗୋଲ ବର୍ଷା କରିଥିଲା। ଜନସନ ଲାଲମପୁଇଆ ୨୯, ୩୧, ୩୩ ଓ ୩୬ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଜ୍ୟାକବ ମାଲସାମସାଙ୍ଗା ୨୪, ୬୭ ଓ ୯୦+୪ ଏବଂ ଅଧିନାୟକ ବେର୍ନଡ ଲାଲଚାନହିମା ୪୫+୨, ୬୧ ଓ ୯୦+୬ ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆବ୍ରାହାମ ମାଲସାମଲୁଆ ୫୦ ଓ ୫୩ତମ ମିନିଟରେ ୨ଟି ଏବଂ ବଦଳ ଖେଳାଳି ଜାକାରିଆ ଲାଲମାନଜୁଆଲା ୭୭ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମିଜୋରାମ ଆଗରେ ଓଡ଼ିଶା ପ୍ରଦର୍ଶନ ଅତି ଅସହାୟ ମନେ ହୋଇଥିଲା।

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

# ଦକ୍ଷିଣ ଆଫ୍ରିକା ଦଳକୁ ଫେରିଲେ ବଭୁମା

**ଜୋହାନ୍ସବର୍ଗ, ୨୭।୧୦ (ପି.ଟି.):** ଭାରତ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ଟେମ୍ବା ବଭୁମା। ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହୋଇଛନ୍ତି। ନଭେମ୍ବର ୧୪ରୁ ଖେଳାଯିବାକୁଥିବା ଏହି ସିରିଜର ମ୍ୟାଚ ଦୁଇଟି ଗୁଆହାଟୀ ଓ କୋଲକାତାରେ ଖେଳାଯିବ। ଆଘାତଜନିତ କାରଣରୁ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବଭୁମା ଖେଳିପାରି ନ ଥିଲେ। ତାଙ୍କ ଦଳ ଆୟୋଜକ ଦଳ ସହିତ ଡ୍ର ରଖିଥିଲା। ଡେଭିଡ ବେଡିଙ୍ଗହାମ୍‌ଙ୍କୁ ଛାଡ଼ିଦେଲେ ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳର ଅନ୍ୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବେଡିଙ୍ଗହାମ୍‌ଙ୍କ ସ୍ଥାନରେ ବଭୁମା ଦଳରେ ପ୍ରବେଶ କରିଛନ୍ତି। ବଭୁମାଙ୍କ ନେତୃତ୍ୱରେ ତାଙ୍କ ଦଳଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ଭାରତ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ନଭେମ୍ବର ୨ରୁ ଭାରତ ‘ଏ’ ବିପକ୍ଷ ସରିଜରେ ବଭୁମା ଦକ୍ଷିଣ ଆଫ୍ରିକା ‘ଏ’ ଦଳ ତରଫରୁ ଖେଳିବେ।

**ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଏଡେନ ମାରକ୍ରମ, ର୍ୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନି, ଡିୱାର୍ଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟେନି ଡି’ ଜୋର୍ଜି, କୋର୍ବିନ ବୋସ୍କ, ୱିଆନ୍ ମୁଲ୍‌ଡର, ମାର୍କୋ ଜାନସେନ, କେଶବ ମହାରାଜ, ନୁରାନ ମୁଥୁସ୍ୱାମି, କିଗିସୋ ରାବାଡା ଓ ସିମନ ହାର୍ମର।

# ମେକ୍ସିକାନ ଗ୍ରାଁ ପ୍ରି ଜିତିଲେ ନୋରିସ

**ମେକ୍ସିକୋ ସିଟି, ୨୭।୧୦ (ଏପି)**



ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ମେକ୍ସିକାନ ସିଟି ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। କ୍ରମାଗତ ୫ଟି ରେସ୍‌ରେ ପରାଜିତ ହେବା ପରେ ଏହି ବିଜୟ ସହ ସେ ଚାମ୍ପିୟନଶିପ୍ ଟେବୁଲର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ସିଜନର ଆଉ ୪ଟି ରେସ୍ ବାକିଥିବାବେଳେ ଏହା ହେଉଛି ତାଙ୍କର ୬ଷ୍ଠ ବିଜୟ। ଏହି ରେସ୍ ପୂର୍ବରୁ ସେ ଅଗଷ୍ଟରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଥିଲେ। ନୋରିସଙ୍କ ବିଜୟ ଦ୍ୱାରା ଏଥର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲାଗି ମାକ୍ସ ଭର୍ଷ୍ଟାପେନଙ୍କ ସମ୍ଭାବନା ହ୍ରାସ ପାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ସେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ତାଙ୍କଠାରୁ ୩୬ ପଏଣ୍ଟ ପଛରେ ରହିଛନ୍ତି। ରବିବାର ରେସ୍‌ରେ ନୋରିସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ପ୍ରାୟ ୩୦ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ**

ଫୁଟବଲଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୋନାଲି ସୋରେନ ଓ ଇପ୍ସିତା ରାଉତ ୨ଟି ଲେଖାଏ ଏବଂ ଲଲିତା ବୋଇପାଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସୋନାଲି ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ମନୀଷା ପାନ୍ନା, ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରୁଦ୍ର ସାମନ୍ତରାୟ,



ସୋନାଲି ସୋରେନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଅଶୋକ ମହାନ୍ତି, ମହମ୍ମଦ ସହିଦ ଜବାର, ସୁବ୍ରତ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୋନାଲି ସୋରେନଙ୍କୁ ମନିଷା ପାନ୍ନା ପୁରସ୍କୃତ କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଖାୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା।

# ସିଜନର ଅବଶିଷ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.):** ସିଜନ ୨୦୨୫ର ଅବଶିଷ୍ଟ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟଗୁଡ଼ିକରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ। ୟୁରୋପିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ପୂର୍ବରୁ ପାଦରେ ଆଘାତ ପାଇଥିବାରୁ ସେ ଏଥିରୁ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ ସେ ଦିଗରେ ଧ୍ୟାନ ଦେବେ। ବିଶିଷ୍ଟ ସ୍ପୋର୍ଟ୍ସ ଅର୍ଥୋପେଡିଷ୍ଟ ଡକ୍ଟର ଦିନ୍‌ଶ ପାର୍ଡିୱାଲାଙ୍କ ସମେତ ତାଙ୍କ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ଥାର୍ଡ ଆଇ କର୍ପୋରେଟ ଲିଗ ; ଟାଇଟନ୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ - ୨୦୨୫ରେ ଟାଇଟନ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଟାଇଟନ୍ସ ୭ ଉଇକେଟରେ ସିଡିଏ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟଲାଗି ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ୮୦ ହଜାର ସହ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ଟାଇଟନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୁବନେଶ୍ୱର ‘ବି’, ସୁନ୍ଦରଗଡ଼ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରେ ଭୁବନେଶ୍ୱର ‘ବି’, ପୁରୀ, ସୁନ୍ଦରଗଡ଼ ଓ କିଟ୍ ଦଳ ବୃହତ୍ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ‘ବି’ ୮ ଉଇକେଟରେ ସମ୍ବଲପୁର ‘ବି’ ଦଳକୁ ପରାସ୍ତ କରିଛି। ଅଧିନାୟକ ମୃତ୍ୟୁଞ୍ଜୟ ରାୟ (୪.୫-୦-୨୨-୪) ଚମତ୍କାର ବୋଲିଂ କରି ସମ୍ବଲପୁର ‘ବି’ ଦଳକୁ ୬୬ ରନରେ ଅଲ୍‌ଆଉଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିଧାଂଶୁ ଦାସ ୩ଟି ଉଇକେଟ ନେଇଥିଲେ। ୬୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର ‘ବି’ ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨୮୫ ରନରେ ଗଜପତିକୁ ହରାଇ ଦେଇଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଗଜପତି ମାତ୍ର ୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ୩ ଓଭରରେ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିବା ଅଜୟ ମାହାତୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମୂଳାପଡ଼ିଆରେ ପୁରୀ ୮ ଉଇକେଟରେ ନୟାଗଡ଼କୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୧୩୪ ରନରେ ସମ୍ବଲପୁର ‘ଏ’ ଦଳକୁ ହରାଇ ଦେଇଛି। କିଟ୍ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ବଲପୁର ‘ଏ’ ସମ୍ମୁଖରେ ୪୩ ଓଭରରେ ୨୨୦ ରନ ଟାର୍ଗେଟ ରଖା ଯାଇଥିଲା। ମାତ୍ର ସମ୍ବଲପୁର ‘ଏ’ ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀର ରୁଦ୍ର ନାରାୟଣ ବେହେରା (୫-୪-୮-୨) ଏବଂ କିଟ୍‌ର ସାଇ ସାର୍ଥକ ସାହୁ (୬-୩-୨୪-୪) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ମୟୂରଭଞ୍ଜକୁ ନବରଙ୍ଗପୁର, ହାଇଟେକ୍ ପଡ଼ିଆରେ କନ୍ଧମାଳକୁ ସୋନପୁର, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାକୁ କଟକ ‘ବି’ ଏବଂ ଅଡଶପୁର ପଡ଼ିଆରେ କଳାହାଣ୍ଡିକୁ ରାୟଗଡ଼ା ପରାସ୍ତ କରିଛି। ଏହି ସବୁ ମ୍ୟାଚ୍‌ରେ ପଙ୍କଜ ଶତନାମି, ଅନୁଜ ଯାଦବ, ପ୍ରୀତିଶ୍ ମିଶ୍ର ଓ ମନୋହର ରାଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କେନ୍ଦୁଝର-ଢେଙ୍କାନାଳ ମ୍ୟାଚ ବାତିଲ ହୋଇଛି।


ମୃତ୍ୟୁଞ୍ଜୟ ରାୟ


ଅଜୟ ମାହାତୋ


ଅନୁଜ କୁମାର ଯାଦବ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ